# ରକ୍ତ ଚାବୁକ୍

## ଦ୍ୱିତୀୟ ଭାଗ

ଲେଖକ
ଶ୍ରୀ ରାଧାକାନ୍ତ ପୃଷ୍ଟି

ପ୍ରଥମ ମୁଦ୍ରଣ—୧୯୫୩

ପ୍ରକାଶକ
ପୁସ୍ତକ-ଭଣ୍ଡାର
କଟକ-୨

ମୂଲ୍ୟ ଏକଟଙ୍କା ଗୁରଅଣା

## ଉତ୍ସର୍ଗ ପତ୍ର

ସ୍ୱର୍ଗୀୟ
ପୂଜନୀୟ
ପିତୃଦେବଙ୍କ
ଶ୍ରୀ ଚରଣ
କମଳ ତଳେ
ଅର୍ପଣ କଲି ।

## —ନିଜ କଥା—

ଘାତ ପ୍ରତିଘାତ ହେଉଛି ଲେଖକ ଜୀବନର ଗୋଟାଏ ମୂଳ ଉପାଦାନ । ତାକୁଇ କେନ୍ଦ୍ରକରି ସେ ଧୂଳି ଧୂସର ଜନ୍ମସ୍ଥଳର ଘୁରିବୁଲେ କିନ୍ତୁ କେଉଁଠି କି ସେ କଣ ପାଏ କେଜାଣି, ସେ କଥା ସେ ଜାଣେ । ତାପରେ ଜୀବନର ଭାଗ୍ୟପଥରେ ଦେଖାଦିଏ ଦାରିଦ୍ର୍ୟର ଅଭିଶାପ, ଅନାହାର ଅର୍ଦ୍ଧାହାର ବନ୍ଧନ । ସେ, ସେ ବନ୍ଧନକୁ ଛିଡ଼ାଇ ନପାରି ଚଳାଏ ଲକ୍ଷ୍ୟସ୍ଥଳରେ ସଂଗ୍ରାମ । ଅଭିଯାତ୍ରୀ ସାଙ୍ଗ ଖୋଜେ ଉତ୍ସାହପାଇଁ କିନ୍ତୁ ପାଏ କି ନା ତାହା ସେ ଜାଣେ—ସେ ଆଶା ତାକୁ ଆହ୍ୱାନର ବାଲିସ୍ତୂପ ଦେଖାଇ ମରୀଚିକାର ସ୍ୱପ୍ନ ଦେଖାଏ, ବାଲିଝଡ଼ର ଘୂର୍ଣ୍ଣୀନ କରିଦିଏ । ସେଥିରୁ ଯାହା ପାଇ ଲେଖକ ହୃଦୟ ବର୍ତ୍ତିରହି ପାରିଲେ ହେଲା । "ଶୀଳ ଶିଳାସ୍ତୂପ ଗଗନେ ଉଠୁଛି, ଶିମୂଳୀ ତୂଳ ଭସିଛି ମୋତେ ରଖ ।"—ମୁଁ ତ ଲେଖକ ସମାଜରେ ଅତି ନଗଣ୍ୟ—ମୋତେ ବା ଜାଣେ କିଏ, ମୋର ସାହିତ୍ୟ ସମାଜରେ ସ୍ଥାନ କାହିଁ—ଯାହାହେଉ ଜାତୁଅ ଘରେ ସାଲ୍ବାଲ୍ ହୋଇ, ହୃଦୟ ମାଟି ହୃଦୟରେ ଦେଇ ଧାନ କିଆରୀରେ ଧାନ ଚେଣ୍ଡା ପରି ମୂଲ୍ୟ ପରି ଖଟୁଛି, ତେଣିକି ଭାଗ୍ୟରେ ଯାହାଥାଉ—ହେଲେ ପୁଷ୍ପ ପାଇବି ନଚେତ୍ ଶୁଖି ମରିବି ।

ଏହା ଭିତରେ ଅବଶ୍ୟ ମୋର "ରକ୍ତସ୍ୱପ୍ନ" ପ୍ରଥମ ଭାଗ [illegible] ଜଣ ମହଲରେ ପରିଚିତ ହେବାର ପ୍ରାୟ ଏକବର୍ଷ [illegible] ତାହାର ସାଥୀ "ଦ୍ୱିତୀୟଭାଗ" ଖଣ୍ଡକୁ ଏପର୍ଯ୍ୟନ୍ତ ଦେଖିମୁଁ ତୀବ୍ର ବେଦନା ଅନୁଭବ କରିଛି [illegible]ଥିଲି ତ ଏଥି ଉପରେ ମଣିଷ କରିନ, ସେ ବାଦଶ୍ରେ-ନନ୍ଦନ ବେଦୁଟି—ଠିକ୍ ବେଳକୁ ୧୯୬୩ ମସିହା

ଏପ୍ରିଲ୍ ୩ ତାରିଖ ଶୁକ୍ରବାର ସନ୍ଧ୍ୟା ୮ଘଟିକା ସମୟରେ ମୋର ଚିତ୍ତ ବିୟୋଗ ଘଟିଲା । ମୁଁ ଅସ୍ୱସ୍ଥ ହୋଇ ପଡ଼ିଲି ହଠାତ୍ । କାରଣ ସଂସାରର ଝଞ୍ଜାଳ ଠେଲିବା ମୁଁ ପୂର୍ଣ୍ଣଭାବରେ ଅନଭିଜ୍ଞ । ସେହି ହିସାବରେ ମନର ବେଗ କମିଗଲା—ଶରୀରର ବଳ ଭାଙ୍ଗି ପଡ଼ିଲା । ମାନସିକ ଅବସ୍ଥା ବିକୃତ ଅବସ୍ଥାକୁ ଚାଲି ଆସିଲା—ପାରିବାରିକ ଅଶାନ୍ତି କ୍ରମେ ଘନୀଭୂତ ହୋଇ ଉଠିଲା । ଭାଇ ଭଉଣୀଙ୍କର ତାଡ଼ନା କ୍ରମେ ଅସହ୍ୟ ହୋଇ ପଡ଼ିଲା । ତଥାପି ସେହି ଦାଉ ଭିତରେ ମୋତେ ଶାନ୍ତି ମିଳିନାହିଁ କି ମିଳିବ ନାହିଁ । ଶେଷରେ ମା'ଙ୍କ ଚରଣରେ ନିସ୍ପୃହ ବସି, ଦୁଃସ୍ଥ, ଚିନ୍ତାଗ୍ରସ୍ତ ଦୁନିଆର ପୃଷ୍ଠ ଉପରେ ଘୂରି ଘୂରି, ଚିତ୍ତ ବିୟୋଗରେ ବହିଥିବା ଅଭାବ ଲହରୀକୁ ବିବେକ କାନିରେ ପୋଛି-ଦେଇ, ଧୈର୍ଯ୍ୟକୁ ଛାତିରେ ଭିଡ଼ାଇ, ଦ୍ୱିତୀୟଭାଗଟିକୁ ଜୀବନ ଦେବାପାଇଁ ଅଟେଇ ପଡ଼ିଲି । ଅଦେଖା ବାଟରେ "ପୁସ୍ତକ ଭଣ୍ଡାର" ତାହାର ଜୀବନନ୍ୟାସ ପାଇଁ ଦାୟିତ୍ୱ ନେଇଥିବାରୁ ମୁଁ ତାଙ୍କଠାରେ ଚିରଋଣୀ—

ଯାହାହେଉ ସର୍ବଶେଷରେ ମୋର ପାଠକ ପାଠିକା ଭାଇ ଭଉଣୀମାନଙ୍କୁ ଅନୁରୋଧ, ଯେପରିଭାବେ ପ୍ରଥମଭାଗଟି ସେମାନଙ୍କ ହୃଦୟରେ ସ୍ଥାନ ପାଇ ପାରିଛି, ସେହିପରି ଭାବରେ ସେମାନେ ଦ୍ୱିତୀୟଭାଗ ଖଣ୍ଡିକୁ ଗ୍ରହଣ କରି ନେଲେ ଲେଖକ ତାହାର ଶ୍ରମ ସାର୍ଥକ ମନେ କରିବ । —ଇତି—

ଶାନ୍ତିଧାମ
ରାଣୀହାଟ
କଟକ

ଆପଣମାନଙ୍କର
କଲ୍ୟାଣୀୟ
ଗରିବ 'ଲେଖକ'

ନଂ. ୨/୯୨୬

—ଏକ—

ଜମୁନା ମନରେ ଅବଶୋଷ । ତା ଉପରେ ପୂର୍ଣ୍ଣ ଗୋଟାଏ ପ୍ରତିଶୋଧର ସ୍ପୃହା ଜାଗି ରହିଛି । ଏହି ସମୟରେ ହଠାତ୍ ଦେଖାଦେଲା ଡ୍ରାଇଭର ରାମସିଂ । ଜମୁନା ଚମକି ଉଠି ପଚାରି ଉଠିଲା—"ଏଇ ରାମସିଂ ! ମୁଁ ଯେ ବର୍ତ୍ତମାନ ତୁମକୁ ଖୋଜୁଥିଲି"—

"କାହିଁକି ?"

"ଖୁନ୍ କରିବା ପାଇଁ ।"

"ମୋର ଅପରାଧ ।"

"ଯେହେତୁ ତୁମେ ସୁଶୀଳ ବାବୁର ମୃତ୍ୟୁ ଆଖିରେ ଦେଖିଥିବି ଗୁପ୍ତଭାବରେ ଲୁଚାଇ ପାରିଛ ମୋ ମନଭିତରେ ଗୋଟାଏ ସୈତାନୀର ନିଆଁ ଆଉ ପକାଇଦେଇ ପାରିଛ ମୋର ସୁନେଲି ଭବିଷ୍ୟତ ଉପରେ ଗୋଟାଏ ବିରାଟ ଅନ୍ଧକାରର ଯବନିକା ।"

ରାମସିଂ ବିସ୍ମିତ ଭାବରେ କହିଉଠିଲା—"ଏଁ—ପାଗଳିଙ୍କ ପରି ଏସବୁ କଣ କହୁଛ ଜମୁନା ଦେବୀ ।"

"ଅପ୍ରସ୍ତୁତ ଅବସ୍ଥାରେ ପହଞ୍ଚିଗଲ ରାମସିଂ ନଚେତ୍ ପିସ୍ତଲ ଖଣ୍ଡିକ ହାତରେ ଥିଲେ"—

"ଗୁଳିଟା ଛାତିରେ ଠୋ, କରି ଫୁଟିଥାନ୍ତା, ମୁଁ ମରିଥାନ୍ତି ଆଉ ତୁମ ମନର ଅବସାଦ ମେଣ୍ଟିଥାନ୍ତା—ଏମ୍ଭା ତ, ହଉ ଏବେ ମୁଁ

ପ୍ରସ୍ତୁତ ଅଛି—ପିସ୍ତଲ ଅସ୍ତ୍ର, ଗୁଳିଟା ଢୁକିଯାଉ ଏ ଛାତିର ପଞ୍ଜରା ଭିତରେ—"

କ୍ରମେ ନୟନାର ସ୍ୱର କମିଆସିଲା—ପ୍ରଶ୍ନ ଉଠିଲା—"ସାମସିଂ! କାହିଁକି ତୁମେ ଏ ବିଷୟଟା ଛପାଇରଖିଛ ଏ ପର୍ଯ୍ୟନ୍ତ ମୋ ପାଖରେ।" "କାହିଁ—ମୋ ଜାଣତରେ ମୁଁ ତ କୌଣସି ବିଷୟ ଆପଣଙ୍କ ପାଖରେ ଛପାଇ ନାହିଁ।"

"ତାହେଲେ ତୁମେ ଜଣେ ସୁଶୀଳ ବାବୁର ମୃତ୍ୟୁ ଆଖିରେ ଦେଖିନାହଁ।"

"ମୁଁ ଦେଖିଛି ବୋଲି ଆପଣଙ୍କୁ ଏ ଖବର ଦେଲା କିଏ?"

"ତୁମେ ଯାହାର ଲୁଣ ଖାଉଥିଲ ସେ, ଆଉ ସେହି ଉଦ୍ଧତା, ବାର ବିଳାସିନୀ ଗଗନବାବୁର ପ୍ରିୟ ସନ୍ଧ୍ୟା।"

"କି ଆଶ୍ଚର୍ଯ୍ୟ—ମୁଁ ଯେ ଏସବୁ ବିଷୟ କିଛି ଜାଣେ ନା।"

"ସି. ଆଇ. ଡି. ର ହାତକଡ଼ି ଯେ ତୁମ ପଛଅଡ଼େ ଝୁଲୁଛି ଭୁଲିଛ ସାମସିଂ।"

"କାରଣ?"

"ହାତ ଦୁଇଟାକୁ ଛନ୍ଦିଦେଇ ନେବାପାଇଁ ହାଜତକୁ।"

"ତାହେଲେ ଆପଣ ଚାହୁଁଛନ୍ତି ଲୁହାର ବେଢ଼ି ଭିତରେ ହାଜତ ମୋର ହେବ ଘର; ଆଉ କଏଦୀଖାନାର ଅପରାଧୀଙ୍କ ମେଳରେ ଗଢ଼ିବ ନିଜର ସଂସାର।"

"ନା—ସାମସିଂ! ଭଗବାନ ତାହା ନ କରନ୍ତୁ କିନ୍ତୁ ମୋର ଅନୁରୋଧ, ତୁମେ ସତକଥା କହ ଏ ଅଶାନ୍ତ ଜୀବନରେ ଟିକିଏ ଶାନ୍ତିଦିଅ।"

"ମୁଁ କିନ୍ତୁ ଏସବୁ ଘଟଣା କିଛି ଜାଣେନା ଜମୁନା ଦେବୀ ।"

ଜମୁନା କ୍ଷୁବ୍ଧହୋଇ କହିଉଠିଲା—"ଜାଣ ରାମସିଂ ।—ଆଜି ସନ୍ଧ୍ୟା ନିକଟରୁ ଯେପରି ଭାବରେ ଗୋଟାଏ ଆଘାତ ଖାଇ ଫେରିଛି, ତାହା ହୃଦୟରୁ ମୁଁ ଏ ଜୀବନରେ ଭୁଲି ପାରିବ ନାହିଁ ।"

ରାମସିଂ ଦୀର୍ଘନିଃଶ୍ୱାସ ପକାଇ କହିଉଠିଲା—"ସତେ—ଅଛି—ଆପଣ ଆଉ ଏପରି ଅଧୀର ହୋଇ ନିଜର ମଥା ଖରାପ କରନ୍ତୁ ନାହିଁ । ମୁଁ ଆଜିଠାରୁ ସୁଶୀଲ ବାବୁଙ୍କ ସନ୍ଧାନରେ ରହିଲି, ଦେଖିବି ସେ ପ୍ରକୃତରେ ମଶାଣିରେ ଫୁଲପରି ଝଡ଼ିପଡ଼ୁଛନ୍ତି କିମ୍ବା ନିଜ ଜୀବନର ଉପାଦାନକୁ ନେଇ ଦୁନିଆର ପରିଧି ଉପରେ ଖେଳ ଖେଳୁଛନ୍ତି—।"

"ସେତିକି ହେଲେ ଉପକାର କର ଏ ଦଗ୍ଧ ପ୍ରାଣରେ ଶାନ୍ତି ଦିଅ ରାମସିଂ ।"

"କିନ୍ତୁ ଗୋଟାଏ ସର୍ତ୍ତ ।"

"କି ସର୍ତ୍ତ ।"

"ଅସନ୍ତା କାଲି ଠିକ୍ ସନ୍ଧ୍ୟା ୭ଟା ବେଳେ ଆପଣଙ୍କୁ ଜଣେ ବିଶିଷ୍ଟ ଭଦ୍ରଲୋକଙ୍କୁ ସନ୍ଧ୍ୟା ଘରୁ ଆମନ୍ତ୍ରଣ କରି ଆପଣଙ୍କ ଘରକୁ ଆଣିବାକୁ ହେବ ।"

"କିଏ ସେ ଭଦ୍ରଲୋକ ।"

"ସୁଶୀଲ ବାବୁଙ୍କର ଅନ୍ତରଙ୍ଗ ବନ୍ଧୁ ନାମ ଲଳିତ ବାବୁ ।"

"ଓଃ, ସନ୍ଧ୍ୟାର ସ୍ୱାମୀ—ତାହାହେଲେ ମୋର ସେଥିରେ କିଛି ଆପତ୍ତି ନାହିଁ ।"

ରାମସିଂ ଯିବାକୁ ପ୍ରସ୍ତୁତ ହୋଇ କହିଲା—"ଅଛା । ମୁଁ ଚାଲିଲି ।"

ନୟନା ସଙ୍ଗେ ସଙ୍ଗେ କହି ଉଠିଲା—"ରାମସିଂ ! ତୁମର ସତ୍ତ୍ୱଟା ତ ରକ୍ଷା କରିବ ନିଶ୍ଚୟ କିନ୍ତୁ ସନ୍ଧ୍ୟା ଘରୁ ଲଳିତ ବାବୁଙ୍କ ନିକଟେ ଯାଇ ଆଣିବାଟା ମୋ ପକ୍ଷରେ ଶୋଭନୀୟ ହେବ ନାହିଁ ।"

"କାରଣ ?"

"ତା ବିରୁଦ୍ଧରେ ମୋର ମନଟା ଯେ ବର୍ତ୍ତମାନ କ୍ଷିପ୍ତ ।"

"ମୋତେ ତାହାହେଲେ ନିଜେ ଆସିବାକୁ ପଡ଼ିବ ?"

"ତାହା ନ ହେଲେ ତୁମର ସତ୍ତ୍ୱ ରକ୍ଷାହୋଇ ପାରିବ ନାହିଁ ।"

"ଅଚ୍ଛା—ମୁଁ ଚାଲିଲି"

ନୟନା ପ୍ରଶ୍ନକଲା—"ରାମସିଂ ତୁମେ ଡାକ୍ତର ବାବୁଙ୍କ ନିକଟରୁ ଚାକିରୀ ଛାଡ଼ିଲ କାହିଁକି ?"

"ଦରମା କମ୍ ବୋଲି ।"

"ମୋ ନିକଟରେ ରହିଯାଅ—ମୁଁ ତୁମକୁ ମନ ମୁତାବକ ଦରମା ଦେବି ।"

"ତାହା ଆପଣ ଦେଇ ପାରନ୍ତି କିନ୍ତୁ ସନ୍ଦେହ ହୁଏ ଯେ କେତେବେଳେ ଯଦି ସି. ଆ. ଡ଼ି. ବାବୁ ଆସି ମୋ ହାତ ଦୁଇଟାକୁ ଛନ୍ଦି ଦିଅନ୍ତି, ତାହେଲେ ମୁଁ ନାଚାର ।"

"ମୋତେ କଣ ତୁମେ ଏତେ ଅକୃତଜ୍ଞ ଭାବିଛ ରାମସିଂ ।"

"ହଉ ଆପଣ ଅପେକ୍ଷା କରନ୍ତୁ—ଆଗେ ମୁଁ ସୁଶୀଲ ବାବୁର ସନ୍ଧାନ ନେଇଆସେଁ, ତା'ପରେ ଆପଣଙ୍କ ନିକଟରେ ବିନା ଦରମାରେ ଡ୍ରାଇଭର ହୋଇ ରହିବି କିନ୍ତୁ ଆପଣ ଅନିଲ ବାବୁଙ୍କୁ କହିଦେବେ ମୁଁ ଯାଉଛି ସୁଶୀଳ ବାବୁଙ୍କ ସନ୍ଧାନରେ । ଯଦି ସେ ଚାଲନ୍ତି ମୋ ସନ୍ଧାନରେ—ତେଣିକି ବାଟରେ ଯିଏ ଯାହାକୁ ଭେଟୁ ।"

—ଦୁଇ—

ସନ୍ଧ୍ୟା ଛଅଟା । ଲଳିତ ବାବୁ ଇମ୍ପିରିୟାଲ ବ୍ୟାଙ୍କରୁ ଲଟେଷ୍ଟ ଚେକ୍‌ଟାଉନ ଧରି ପିଠା ପିଠା ଗ୍ଲୁଲଲେ ଗଗନ ବାବୁଙ୍କ କୋଠିକୁ । ପହଞ୍ଚି ଶ୍ୱଶୁରଙ୍କୁ ତଥା ବହୁତ ସମ୍ମାନ ଜଣାଇଲେ । ବାବୁ କିଛି ସମୟ ପରେ ତାଙ୍କୁ ବସିବାପାଇଁ କହିଲେ । କିନ୍ତୁ ଲଳିତ ବାବୁ ଆଉ ନ ବସି ଫେରି ପଳେଇବାକୁ ଉଦ୍ୟତ ହେଲେ ।

ପ୍ରଶ୍ନ—"ଲଳିତ ! କୁଆଡେ ବାହାରିଲ ?"

"ଷ୍ଟେସନ ।"

"କାରଣ ।"

କିଛିଟା କାମ ଥିବାରୁ ଆଜ ସନ୍ଧ୍ୟା ଗାଡ଼ିରେ ଫେରିବାକୁ ହେବ ଘରକୁ ।"

"ଆସିଥିଲ ତାହେଲେ କାହିଁକି ?"

"ଆପଣଙ୍କୁ ସାକ୍ଷାତ କରିବା ପାଇଁ ।"

କିଛି ସମୟ ଗମ୍ଭୀର ହୋଇ କହି ଉଠିଲେ ଗଗନବାବୁ— "ଲଳିତ ! ଜାଣିଥିଲି ତୁମେ ବଡ଼ ଶାନ୍ତଶିଷ୍ଟ କିନ୍ତୁ ବର୍ତ୍ତମାନ ଯାହା ଦେଖୁଛି ତୁମ ଚରିତ୍ରର ଗୋଟାଏ ବିଶେଷ ଅଧୋଗତି ହୋଇଛି ।"

"ତାହା ହୋଇ ପାରେ ।"

ପ୍ରଶ୍ନ—"ଜାଣ, ତୁମର ସ୍ତ୍ରୀ ସନ୍ଧ୍ୟା ଜୀବିତ ଅଛି ?"

"କହି ପାରିବି ନାହିଁ ।"

"ଓଃ ସେଥିପାଇଁ ତାହେଲେ ଆଉ ଗୋଟାଏ ବିବାହ କରିଛ—ନୁହେଁ ?"

ଲଳିତ ବାବୁ ବିସ୍ମିତ ହୋଇ କହି ଉଠିଲେ—"କଣ—ବକୁଛ ।"

"ତଥାପି ଲୁଚାଇବାକୁ ଚେଷ୍ଟା କରୁଛ ଲଳିତ ମୋ ଆଗରେ—ଜାଣିରଖ, ଗଗନ ବାବୁ ରୁଚିଲେ ହୁଏତ ଦୁନିଆରେ କାହାର ଲଜ୍ଜ ରଖେନା—ସ୍ପଷ୍ଟ ମାନିଯାଅ, ଆଉ ଗୋଟାଏ ବିବାହ କରିଛ କି ନା ?"

କିଛି ସମୟ ପରେ ଦୀର୍ଘନିଃଶ୍ୱାସ ପକାଇ—"ହଁ"

କତ୍ପା ପ୍ରଶ୍ନ—"ସନ୍ଧ୍ୟାର ଭବିଷ୍ୟତ ।"

ବେକ୍‌ଠକ୍‌ ଉତ୍ତର—"ବର୍ତ୍ତମାନର ଦାସୀ ପିଏ ।"

"ସାମାନ୍ୟ ଦୁଇଲଷରେ ବିହ୍ୱଳ ହୋଇ ଏତେଶୀଘ୍ର ନିଜର ନିଜତ୍ୱକୁ ଭୁଲିଯିବାକୁ ଚେଷ୍ଟା କରିଛ ଲଳିତ ।"

"ଭୁଲିବାର ନିୟମ ଭିତରେ ମୁଁ କି ଭୁଲିବି ବା କାହିଁକି ?"

ରାଗରେ ଲାଲହୋଇ—"ତୁମର ବାପାଙ୍କର ନୈତିକତା ଉପରେ ବିଶ୍ୱାସ କରି, ତୁମ ବେକରେ ଯେ ସନ୍ଧ୍ୟାକୁ ବାନ୍ଧିଦେଇ ତୁମକୁ ମୁଁ ପୁତ୍ର ଭାବରେ ବରଣ କରି ନେଇଥିଲି, ତାର ପରିଣାମରେ କଣ ଶୁଣିବାପାଇଁ ଆଶା କରିଥିଲି ଏହିପରି କେତେ-ଗୁଡ଼ା ବାଙ୍ଗେଇ ମିଛ ଉତ୍ତର ।"

"ପିତା ଭାବରେ ବରଣ କରିନେଇ ମୁଁ କଣ ଚାହିଁଥିଲି ଆପଣଙ୍କଠାରୁ ଯୌତୁକର ଚୁଆର ଭିତରେ ଜହ୍ନୁସ୍ୱର ଭଙ୍ଗି; ଆଉ ବିବାହର ଅଚ୍ଛେଦ୍ୟ ବନ୍ଧନ ଭିତରେ ଗୋଟାଏ ଲଙ୍ଗା ଫଟା କଣ୍ଢେଇ ।"

ସ୍ୱଗତରେ ଝଙ୍କାର ହୋଇ—"ଯୌତୁକ ହିସାବରେ ମୁଁ ତୁମକୁ ଯାହା ଦେଇଛି ତାହା ତୁମେ ଜୀବନରେ କେଉଁଠୁ ହେଲେ ପାଇପାର ନଥାନ୍ତ—ତାପରେ ସନ୍ଧ୍ୟାପର ଝିଅ—ହୁଁ—ସେଥିପାଇଁ ଖ ଲାଗିଥାନ୍ତା ତୁମକୁ ଚୋହଟ ଯୁଗ।"

ବଜ୍ରପ୍ରସ କଣ୍ଠ—"କିନ୍ତୁ ଆପଣଙ୍କର ସେହି ଦରଦଦିଆ, ଅଖିପରଶା ଯୌତୁକର ଗଣ୍ଠି ଫାଡ଼ିକୁ ଲଙ୍ଘି ଦେଇ ମୁଁ ଯେ ଧୂଳିସର ତାକୁ ଦାଣ୍ଡ ଅଗଣାରେ ପିଙ୍ଗି ଦେଇଛି— ।"

ବାଧାଦେଇ—"ଜନ୍ମକର ଲଳିତ ! କଥାର ମାତ୍ରା ବେଶୀ ବଢ଼ାଇବାକୁ ଚେଷ୍ଟା କରନା—ପୁଅର ସମ୍ବନ୍ଧ ଅଛି ବୋଲି ମୁଁ ଏପର୍ଯ୍ୟନ୍ତ ଚୁପ୍ ହୋଇ ରହିଛି ନଚେତ୍ ରାଜନ ବାବୁର ମୁଣ୍ଡ ଉପରେ ଇଦାବଦେଇ କେହି ଚାଲିଯିବ, ଏପରି ସାଧ କାହାର ନାହିଁ ।"

"ପିତାର ସମ୍ବନ୍ଧ ଅଛି ବୋଲି ମୁଁ କ କୌଣସି କଥା କହିବାକୁ ସାହସ କରୁ ନଥିଲି ନଚେତ୍ ମୁଁ କହିବା ହିସାବରେ ଦୁନିଆରେ ଲହାର ମଣିଷକୁ ମଧ୍ୟ ଖାତିର କରେନା— ।"

ଗମ୍ଭୀର ଭାବରେ—"ଓଃ—ତାହେଲେ ସାହସଟା ମନ୍ଦ ନୁହେଁ ।"

ପ୍ରତ୍ୟୁତ୍ତର—"ଖାଲି ସେତିକି ନୁହେଁ ।. ଆପଣ ଯେଉଁ ଯୌତୁକର ଡାଲି ହଲାଇ, ବହପ ଦେଖାଇ, ଚୋହଟ ଦାନ୍ତ ଆ ଦାଆ ସାହାଯ୍ୟରେ, ମୋର ମନ, ହୃଦୟ, ଆତ୍ମସମ୍ମାନ, ଅଭ ବଂଶର ଗୌରବକୁ କାଟି ଖଣ୍ଡେଇ ଉଡ଼େଇ ଦେବାପାଇଁ ଚେଷ୍ଟା କରିଥିଲେ, ସେତିକିଟା କରିପାରି ନାହାନ୍ତି ଆପଣ, ନଚେତ୍— ।"

ସ୍ୱଗତରେ ଲାଲହୋଇ—"ମୋର ଜାତିତ୍ୱ, ପ୍ରଧମର୍ଯ୍ୟାଦା ଉପରେ ଆକ୍ଷେପକରି ତୁମେ ଯାହା କହିଗଲ ଲଳିତ, ଏଥିପାଇଁ

ତୁମକୁ କୈଫିୟତ ଦେବାକୁ ହେବ ନିଶ୍ଚୟ—କେବଳ କୈଫିୟତ ନୁହେଁ, ସାମନାରେ ଠିଆହୋଇ ମାନିନେବାକୁ ହେବ, ତୁମେ ଯାହା କରିଛ ବା କରୁଛ ତାହା ସମ୍ପୂର୍ଣ୍ଣ ଭାବରେ ଭୁଲ ।"

ବିଦ୍ରୂପ ଭାବରେ—'ଯେଉଁ ମହଲର ନବ୍ୟ ସଭ୍ୟତା ଧାଣ୍ଡ ଦୁଆରର ବନ୍ଦ ଡେଇଁ ପାଟେରୀ ହୁଡ଼ାରେ ପାଇଛି ସାର ଲୁଣ୍ଠପନାର ଗନ୍ଧବହ ଭିତରେ ନାଗରର ସ୍ୱପ୍ନ ଦେଖେ, ସେଠାରେ ପୁଣି ମୋତେ ଦେବାକୁ ହେବ କୈଫିୟତ—ଯେଉଁ ବଂଶର ଗାଦିମା ଉପରେ ଷଣ୍ଢେ ଷଣ୍ଢେଣା ଛଣାଣ ଅସି ଝାମ୍ପମାରନ୍ତି, ସେଠାରେ ଠିଆହୋଇ ମୋତେ ପୁଣି ମାନିନେବାକୁ ହେବ ମୋର ଭୁଲ୍—ଭୁଲଟା ମାନିନେବା ପୂର୍ବରୁ ଯଦି ସେହି ବଂଶର ଅଭିଜାତ୍ୟ ଉପରେ ବସିଯାଆନ୍ତା ମୋର କରଡ଼ା ଚାବୁକର ପାହାର୍, ତା'ହେଲେ ସେତେବେଳେ ଯେଉଁ ସଭ୍ୟତା ବୁଝନ୍ତା ମୋର କୈଫିୟତର ମୂଲ୍ୟ କେତେ— ।"

କ୍ରୋଧରେ—"ନିଜର ଭୁଲ୍ଟା ମାନିନେବା ବିନିମୟରେ ତୁମେ ଯେ ଚାବୁକ୍ ପର୍ଯ୍ୟନ୍ତ ଆଗେଇ ଯିବ, ଏହା ମୋର ଧାରଣା ନଥିଲା ଲଳିତ— ।"

"ଆଗେଇ ନାହିଁ, ସୈତାନୀ ସଭ୍ୟତାର ସରଞ୍ଜାମକୁ ନେଇ, ଚାବୁକ୍ ଖଣ୍ଡିକ ହାତରେ ଧରି ମୋତେ ବହୁତ ଦୂର ଆଗେଇ ଯିବାକୁ ହେବ । ତାହା ନହେଲେ ପ୍ରଗତିର ପିଠି ଫାଟିବ ନାହିଁ କି ରକ୍ତ ବହିବ ନାହିଁ ।

ଗଗନବାବୁ ଚେୟାର ଉପରୁ ଉଠିପଡ଼ି ଅଙ୍ଗୁଳିର ନିର୍ଦ୍ଦେଶ ଦେଇ କହିଉଠିଲେ—"ଏତେଦୂର ନ ଆଗେଇ ବାହାରେ ଯାଇପାର ଲଳିତ— ।"

"ସେଥିପାଇଁ ସେ ପ୍ରସ୍ତୁତ ହୋଇ ବସିଛି ।"

"ଉତ୍ତରର ପ୍ରତ୍ୟୁତ୍ତର ମନ୍ଦ ନୁହେଁ—ଅଚ୍ଛା"—ଏହା କହି ଲଳିତ ଉପରେ ଗୋଟାଏ କର୍କଶ ଚାହାଣୀ ଦେଇ ବାହାରଅଡ଼େ ଦୋମହଲା ଉପରୁ ତଳକୁ ଓହ୍ଲାଇ ଆସିଲେ ହଠାତ୍—X—

ଲଳିତ ବାବୁ ମଧ୍ୟ ଉପର ଘରେ ତଳକୁ ଓହ୍ଲାଇ ଆସିବାକୁ ଉଦ୍ୟତ ହେଲେ କିନ୍ତୁ ସେହି ସମୟରେ ସନ୍ଧ୍ୟା ବାହାରେ ମୋଟରଟା ଥୋଇ ଦେଇ ଚଟ୍ କରି ଯାଇ ହାଜର ହୋଇଗଲା ସେଇଠି । ବାଧା-ଦେଲା ତାଙ୍କ ଆସିବାରେ ।

ଲଳିତ ବାବୁ ପ୍ରଶ୍ନ କରି ଉଠିଲେ ସ୍ୱଗରେ—"ମୋତେ ଏପରି ବାଧା ଦେବାର ମାନେ ?"

"ମାନେ ପିବା ପୂର୍ବରୁ ମୋର ଦାବୀଟା ପୂରଣ କରିବାକୁ ହେବ ଆପଣଙ୍କୁ ।"

"କାହିଁକି—ସେ ଦାବୀର ଦାୟିତ୍ୱଟା ଅକାଟ୍ୟ ହେଉଛି ମହାମାନ୍ୟ ମୋହିନୀ ବାବୁଙ୍କ ଉପରେ ।"

ସନ୍ଧ୍ୟା ଆଶ୍ଚର୍ଯ୍ୟ ହୋଇ କହି ଉଠିଲା—"ମୋହିନୀ ବାବୁ କିଏ ।"

ଲଳିତ ବାବୁ ବିଦ୍ରୂପ କରି କହି ଉଠିଲେ—"ଓଃ, ତା'ହେଲେ ତୁମେ ତାଙ୍କୁ ଆଦୌ ଚିହ୍ନି ନାହଁ ।"

"ଟିକେବି ନୁହେ ।"

"କ୍ଷମା ଦେବ ।"

"ତାହେଲେ ଏହି ମନୋଭାବ ନେଇ ଆପଣ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି—ନୁହେଁ ।"

"ହଁ ।"

"ଅସ୍ତୁ—ମୋହିନୀ ବାବୁଙ୍କ ସହିତ ମୋର ସମ୍ପର୍କ ଅଛି ବୋଲି ଆପଣଙ୍କୁ କହିଲା କିଏ ?"

"କେହି ନୁହେଁ ।"

"କିନ୍ତୁ ମୁଁ କହି ପାରେ ଯେ ସୁଶୀଳ କଟକରୁ ଯାଇ ମୋ ବିରୁଦ୍ଧରେ ନାନାକଥା କହି ଆପଣଙ୍କ ମନକୁ ବିଷାକ୍ତ କରିବାକୁ ଚେଷ୍ଟା କରିଛି ।"

"କାହିଁକି—ତାହାର ଏଥିରେ ସ୍ୱାର୍ଥ ।"

"ସ୍ୱାର୍ଥ ବୋଲି ଯଦି କୁଅନ୍ତୁ କିଛି ନାହିଁ, ହଠାତ୍ ମୋ କୋଠରୀ ଭିତରେ ଅନଧିକାର ପ୍ରବେଶ କରି attempted to love ।"

ଏହା ଶୁଣି ଲଳିତ ବାବୁଙ୍କ ମଥା ଭିତରେ ଗୋଟାଏ ବହ୍ନିଯୁର ଅଲକ୍ଷ୍ୟ ଗାର ଟାଣି ହୋଇଗଲା, କହିଉଠିଲେ ହଠାତ୍—"ଏଁ—ତୁମେ କଣ କହିବାକୁ ଯାଉଛି ସନ୍ଧ୍ୟା ।"

"ଯାହା କହୁଛି ମିଥ୍ୟା ନୁହେଁ ହୁଏତ ରାଜି ନ ହେବାରୁ ବଳ ପ୍ରୟୋଗ କରିଥିଲା, କିନ୍ତୁ ଅପ୍ରତ୍ୟାଶିତ ଭାବରେ ଗୃହର ଝୋକା ନ ପଡ଼ିଥିଲେ କି ମୁଁ ରକ୍ଷା ନପାଏ ।"

"ଏଇ ମୋର ଅତି ଅନ୍ତରଙ୍ଗ ସୁଶୀଳ ।"

"ହଁ, ହଁ ସେହି ସୈତାନ । ଆଶା ପୂରଣ ନ ହେବାରୁ ପୁଣି କହିପାଇଛି କଣ ନା ମୋର ଭବିଷ୍ୟତ ଭାଗ୍ୟ ଉପରେ ଢାଳିବ ପ୍ରତିଶୋଧର ଗୋଟାଏ ନିଆଁ ଖପରା ।"

ଲଳିତ ବାବୁ କିଛି ସମୟ ଅବାମାବ ବସି ରହିଲେ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ।

"ଆପଣ ସୁଶୀଲକୁ ଯେତେ ଭଲ ବୋଲ, ଭାବନ୍ତୁ, ସେ ସେପରି ନୁହେଁ । ତାର ଚରିତ୍ରର ସମାବେଶ କରି ବସିଲେ ହୁଏତ ଆପଣଙ୍କ ମନ ଅନ୍ତର କ୍ରୋଧରେ କୁହୁଳି ଉଠିବ ।"

"ମୋତେ ଯେ ତୁମେ ଆଜି ଗୋଟାଏ ନୂଆ ଅଧ୍ୟାୟ ଶୁଣାଇଲ ସତ୍ୟ । ଏ ବିଷୟଟା ଯେ କେତେଦୂର ସତ୍ୟ, ମୁଁ ଆଦୌ ବିଶ୍ୱାସ କରି ପାରୁ ନାହିଁ ।"

ଅଭିମାନ ଭରା ସ୍ୱରରେ—"ହଁ, ବିଶ୍ୱାସ କରିବେ ବା କେମିତି, ସେ ଯେତେବେଳେ ଆପଣଙ୍କର ଅତି ଘନିଷ୍ଠ, ଅତି ବିଶ୍ୱାସୀ ।"

"ଅବଶ୍ୟ ତାହା ନୁହେଁ କିନ୍ତୁ ଏ ପରିବର୍ତ୍ତନଶୀଳ ଜଗତରେ କିଏ କିପରି ଭାବରେ ଯେ ପରିବର୍ତ୍ତିତ ହେଉଛି, ଏହା ଜାଣିବା ବଡ଼ ମୁସ୍କିଲ୍—ସୁଶୀଲ ଘର ପିଲା, ପୁଣି ତାର ଚରିତ୍ରର ଏପରି ଅଧୋପତନ ହେବ, ଏହା ମୋ ଧାରଣା ନଥିଲା ।"—

"ଆପଣ ଅବଶ୍ୟ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ମୁଁ ଏହା ଭିତରେ କଣ ଟିକେ କରି ନେଇଛି ।"

"କଣ ?"

"ଫେରଯାଇ ମନ୍ଦିରର ଦେବତାଙ୍କୁ ପୂଜା କରି ଗଢ଼ିବି ପୂଜାର ସଂସାର ଆଉ ନିଜର ଭୁଲପାଇଁ ସ୍ୱାମୀର ଚରଣ ତଳେ ସବିନୟେ ମାଗିବି କ୍ଷମା, କେବଳ ସେତିକି ନୁହେଁ, ଗୁରୁଙ୍କର ଇଙ୍ଗିତରେ ପିଠି ଦେଖାଇ ଦେଇଜାର କଲି ପାପର ପ୍ରାୟଶ୍ଚିତ୍ତ ।

ଲଳିତ ବାବୁ ଆଶ୍ଚର୍ଯ୍ୟ ହୋଇ କହୁ ଉଠିଲେ—"ବାଃ, ଏହି କେତେଦିନ ଭିତରେ ତୁମେ ବହୁତ ପରିବର୍ତ୍ତିତ ହୋଇଛ !"

ସନ୍ଧ୍ୟାର ହୃଦୟ ସାଗରର ତରଙ୍ଗପର ଆନନ୍ଦରେ ନାଚି ଉଠିଲା ଏବଂ ଅଭିମାନରେ ମଉନବ୍ରତ ଅବଲମ୍ବନ କରି ଆଉ କିଛି କହିଲା ନାହିଁ । କିନ୍ତୁ ହୃଦୟପଟରେ କହିଲା—"ବନ୍ଧୁ ହୋଇ ପୁଣି ବନ୍ଧୁର ସ୍ତ୍ରୀ ଉପରେ—ଛି—ଛି—ଆଚ୍ଛା, ଆପଣ ରୁହନ୍ତୁ ସେ ବାଜେ କଥା—କେତେବେଳୁ ଆସିଲେଣି, ଆଗେ ଖିଆପିଆଟା କରି ନେଇ ମନକୁ ଥଣ୍ଡା କରନ୍ତୁ, ତାପରେ ଯାହା ।"—

ଯାହାହେଉ ଲଳିତ ବାବୁ ନିଜ ସ୍ତ୍ରୀର ଅଭିମାନ ଭରା କଥା ଭିତରେ ଅଟେଇ ଯାଇ ଦୀର୍ଘନିଃଶ୍ୱାସ ଭିତରେ ନିଜର ସମ୍ମତି ଜଣାଇବା ପାଇଁ ଭୁଲିଲେ ନାହିଁ ।

ସନ୍ଧ୍ୟା ହଠାତ୍ ଟେବୁଲ ଉପରେ ଥିବା ଡାକବାଜି ଘଣ୍ଟାଟି ଟିପିଦେବ ମାତ୍ରେ ଚାକରଟୋକା ଜଳଖିଆ ପ୍ଲେଟ ସୁନ୍ଦର ଭାବରେ ସଜାଡ଼ିଆଣି ବାବୁଙ୍କ ସାମନାରେ ଥୋଇ ଦେଇଗଲା ।

ଠିକ୍ ସେଇ ପରେ ରାମସିଂ ସେହି କୋଠରୀ ଭିତରେ ପ୍ରବେଶ କରି ଲଳିତ ବାବୁଙ୍କୁ ସାଦରେ ନମସ୍କାରଟା ଜଣାଇଦେଲା ।

ବାବୁ ରାମସିଂକୁ ଦେଖି ପକାଇ ଆନନ୍ଦରେ ପଚାରି ଉଠିଲେ—"କିଏ ରାମସିଂ ! କେତେବେଳୁ—ବସ—ବସ ।"

ରାମସିଂ ହସି ହସି ନମ୍ରଭାବରେ ଉତ୍ତରଦେଲା—"ଆଜ୍ଞା—ବଡ଼ଲୋକ ସିନା ଗରିବକୁ ଭୁଲିଯାଆନ୍ତି କିନ୍ତୁ, ଏ ହତଭାଗା ଡ୍ରାଇଭର କେବେ କାହାରିକୁ ଭୁଲେନା—।"

ସନ୍ଧ୍ୟା ହଠାତ୍ ଡ୍ରାଇଭର ଉପରେ ତୀବ୍ରଦୃଷ୍ଟି ପକାଇ ପ୍ରଶ୍ନକଲା—"କି ରାମସିଂ ଏଠାରେ ତୁମର କାମ ?"

ରାମସିଂ—"ନଳିନୀ ବାବୁ କାର୍ ପଠାଇଛନ୍ତି, ଲଳିତ ବାବୁ ତାଙ୍କ ଘରକୁ ଯିବେ ।"

ସନ୍ଧ୍ୟା ଉଗ୍ର ପଚାରେ— "କୋଠାରେ ଗୁଳିଟା କେଉଁ ଦନ୍ତ !"

ରାମସିଂ—"ଠିକ୍ ସେଠାରୁ ଗୁଳି ଚଳିଲ ଯେଉଁ ଦନ୍ତ।"

ସନ୍ଧ୍ୟା ଲଳିତ ବାବୁଙ୍କ ନିକଟରେ ବସି ଅତି ମଧୁର କଣ୍ଠରେ କହିଲା—"ଅଙ୍କ, ଶେଷକଥା ମନେଯିବ ଯେ, ହାତ ଚଲାନ୍ତୁ—ରାମସିଂ ! ଯାଅ, କଳଣୀ ବାବୁଙ୍କୁ କହିଦେବ, ତାଙ୍କର ଏଠାରେ ଉରୁସ୍ୱାମ ଥିବାରୁ ସେ ସେଠାକୁ ଯାଇ ପାରିବେ ନାହିଁ।

ଲଳିତ ବାବୁ ଟେବୁଲ ଉପରକୁ ହାତନେବା ସମୟେ ରାମସିଂ କ୍ରୋଧରେ କହିଉଠିଲା—"ଲଳିତ ବାବୁ ! ଅପେକ୍ଷା କରନ୍ତୁ—ସନ୍ଧ୍ୟାଦେବୀ ! ବାବୁଙ୍କର ଆଦେଶ, କାରଣ ଲଳିତ ବାବୁଙ୍କୁ ନ ନେଇ କେବେ ଫାଙ୍କା ଫେରିବ୍ ନାହିଁ।"

ସନ୍ଧ୍ୟା ସ୍ୱରରେ ଲାଲହୋଇ କହିଉଠିଲେ—"ରାମସିଂ ! ମୋର ଆଦେଶ, ତୁମକୁ ଫେରିଯିବାକୁ ହେବ।"

ରାମସିଂ ସମ୍ଭାଳି ନପାରି ବିଦ୍ରୂପ ଭାବରେ ଗୋଟାଏ ହସର ଲହରୀ ଛୁଟାଇଦେଲା।

ଲଳିତ ବାବୁ ରାମସିଂର ଅଟ୍ଟହାସ ଦେଖି ଆଶ୍ଚର୍ଯ୍ୟଭାବରେ ବସିରହିଛନ୍ତି ଚେୟାର ଉପରେ।

ସନ୍ଧ୍ୟା—"ଅନଧିକାର ପ୍ରବେଶକର ତୋର ଏ ଶ୍ଳେଷ ଜୀବନର ଅଟ୍ଟହାସ କାହିଁକି ରାମସିଂ।"

"ତୁମେ ଯେ ମୋତେ ହସିବାପାଇଁ ସୁଯୋଗ ଦେଇଛ ସନ୍ଧ୍ୟାରାଣୀ, ହାଃ, ହାଃ, ହାଃ।"

"Getout, Reskel."

ରାମସିଂ କ୍ରୋଧରେ—"ତୁ ଯେଉଁ ବିଷାକ୍ତର ରଙ୍ଗମଞ୍ଚ ସୃଷ୍ଟି କରି ଏତିକିରେ ତୋ ଜୀବନ ନାଟକର ଯବନିକା ପକାଇବାକୁ

ଚେଷ୍ଟା କରନ୍ତୁ, ତାହା ହେଲେ ସାବଲୁନ ସୈତାନୀ—ତୋର ଉପେକ୍ଷିତ ଉପାଦାନକୁ ନେଇ ମୋତେ ବହୁତଦୂର ଆଗେଇଯିବାକୁ ପଡ଼ିବ ।”

“ଚୁପକର୍ ଚାଲିଯାଅ ମୂର୍ଖ ନଚେତ୍ ।”

“ନଚେତ୍ ।”

ସନ୍ଧ୍ୟା ପଛକୁ ଲାଗିଯାଇ—“ନଚେତ୍ ମୁଁ ଧକ୍କାଦେଇ ବାହାର କରିଦେବି ।”

“ହାଃ, ହାଃ, ହାଃ, ଧନ୍ୟବାଦ—କିନ୍ତୁ ମୁଁ ଯେ ସେହି ଧକ୍କା ଖାଇ ଗୋଟାଏ ବଡ଼ ଟୋପା ଅଗନ୍ତୁ ଜଣେ ସରଳ, ଶାନ୍ତ ଯୁବକକୁ ସଙ୍ଗେ ନେବାକୁ ଚାଲି ଅସିଛନ୍ତି ।”

ଲଳିତ ବାବୁ ଅକସ୍ମାତ ଚେୟାର ଉପରୁ ଉଠିପଡ଼ି କହି ଉଠିଲେ—“ଏଁ, ଏସବୁ କଣ କହୁଛ ସମସିଂ ।”

ସନ୍ଧ୍ୟା ବାଧା ଦେଇ କହି ଉଠିଲା—“ସେ କିଛି ନୁହେଁ—ଅଦ୍ଭୁତଙ୍କ ବାହାରର କେଉଁଠି ଫଳାହାର ଖାଇ ପାଗଳପରି ଦଉଡ଼ି ଅସିଛନ୍ତି ହୁଏତ”—

ବ୍ରମସିଂ ସଙ୍ଗେ ସଙ୍ଗେ ଟେବୁଲ ଉପରେ ଠିଆ ହୋଇଥିବା ପ୍ଲେଟ ଗୁଡ଼ିକ ଫୋପାଡ଼ି ଦେଇ ତା’ଉପରେ ପାଦ ଚଢ଼ାଇ କହିଲା—“ଯାଉଛି ମୋର ଗୋଡ଼ ଗୁଳିଠିରେ ମାଡ଼ି ଚକଟି ଦଳିଦେବାପାଇଁ—

ସନ୍ଧ୍ୟା ସିଂହପରି ଗର୍ଜିଉଠି କହିଲା—“ମୋର ଏ ଅଭ୍ୟର୍ଥନାର ଖାଦ୍ୟ ସାମଗ୍ରୀମାନଙ୍କୁ ଗୋଡ଼ତଳେ ଦଳିଦେଇ ତୋର ଏ ପ୍ଲେଟଲେଖା ଘୃଣିଅର ମିଜାଜ ଏମ୍‌ ନୁହେଁ ଦେଖୁଛନ୍ତି ସ୍ୱପ୍ନେଲ ।”—

“ଚୁପ୍‌କର—ଷଡ଼ଯନ୍ତ୍ରର ବଡ଼ ଟୋପାକୁ ଭିତରେ ନିଜର ସ୍ୱାମୀକୁ ସୈତାନୀ ଜୀବନର ଅଭ୍ୟର୍ଥନା ଦେବାପାଇଁ ଏହିପରି ଗୋଟାଏ କଦର୍ଯ୍ୟ ଅଭିଯାନ ଚଳାଇଥିଲୁ ରାକ୍ଷସୀ—”

ଲଳିତ ବାବୁ ଅପ୍ରସ୍ତୁତ ହୋଇ କହି ଉଠିଲେ—"ଏଁ—ବସ୍ତୁ, ତୁମେ କଣ କହିବାକୁ ଯାଉଛ ସ୍ପଷ୍ଟ।"

"ଅଭ୍ୟର୍ଥନାର ବୃକ୍ଷ ପଞ୍ଜର ଭେଦକରି ଗୃହଁ ରହିଥିଲ ଯେଉଁ କଣ୍ଟ ଠୋପ, ସେହି ଠୋପାକର ସହ ସଙ୍ଗିନୀ ହୋଇ ବାଲନାଗୁଣୀ ନବଶତରେ ଏହି ଭଗ୍ନଚଣ୍ଡୀ ନାରୀ ପିଇବାପାଇଁ ଚେଷ୍ଟା କରିଥିଲ ସ୍ୱାମୀ କଳଙ୍କର ଶେଷଚକ୍ର—ଏପରି କୁତ୍ସିତା ରମଣୀ ବାଲେ ପ୍ରଗତି ଅଗ୍ନିରେ ଅତି ସୁନ୍ଦର—ଅଧୁନିକ ସଭ୍ୟତା ବାଲେ ଗୃହେଁ, ଏହିପରି ରୂପସୀକୁ ନେଇ ଗଢ଼ିବ ତାର ସଂସାର ଅନୁ ପୁଲକିତ ଯୌବନଟା ଉପଭୋଗ କରି ମେଣ୍ଟାଇବ ପ୍ରଣୟର ଦାରୁଣ ପିପାସା—କଣ କହିବ ଲଳିତ ବାବୁ। ଯଦି ମୋ ହାତରେ ଏହିକ୍ଷଣି ଖଣ୍ଡେ ଗୁବୁକ୍ ଥା'ନ୍ତା ତାହେଲେ ଏହି ଜଘନ୍ୟ ନାରୀର ଅନ୍ତକା ପିଠିଟାକୁ ଏପରି ପରସ୍ପେ ଗୁଳି ଦେଇଥାନ୍ତି ଯଦ୍ଦ୍ୱାରା ସେ ଶିଖିଥାନ୍ତା ମୁଁ ବି ଏ ଅତି ପ୍ରଗତି ଗୃହିଥାନ୍ତା କରଡ଼ା ଗୁବୁକ୍ର ପାହାର କେତେ ମିଠା।"

ସନ୍ଧ୍ୟା—"ଚୁପ୍ କର ହୈଚାନ୍—ପରର ଗୋଲାମୀ କରିବାର ଦୁଆରର ଅଇଁଠା ଗୃହି ପୁଣି ହୁକୁମ୍ ଜରୁ।"

ଲଳିତ ବାବୁ କ୍ରୋଧରେ ତାହିଉଠି କହି ଉଠିଲେ—"ଚୁପ୍ କର ରାକ୍ଷସୀ, ବିଶ୍ୱାସଘାତକା ନାରୀ—ତୋହାଏ ଅଭିମାନ ଭରା କଣ୍ଠରେ ମୋତେ ମୋହିତ କରି ମୋ କଲିଜାଟାକୁ ଖାଇବାକୁ ଅପେକ୍ଷା ଥିଲୁ ପିଶାଚୀ—କଣ କହିବି, ପାଖରେ ଯଦି ପିସ୍ତଲ ଖଣ୍ଡିଏ ଥାଆନ୍ତା ତା'ହେଲେ ଏହି ମୁହୂର୍ତ୍ତରେ ଏ ପ୍ରଗତି ଦୁନିଆକୁ ଦେଖାଇ-ଦେଇଥାଆନ୍ତି ଯେ ସ୍ୱାମୀ କିପରି ତାର ପ୍ରଗତିଶୀଳା ଅଧୁନିକା ସ୍ତ୍ରୀକୁ ଗୁଳିକରି ଜୀବନ୍ତ ମାରି ଦେଇ ପାରେ।"

"କ୍ରୋଧରେ ଅନ୍ଧ ହୋଇ ଧୂମକେତୁ ପାଲଟିବାକୁ ଚେଷ୍ଟା କରନା—ଯେଉଁ ନିମକହାରାମ୍ ରାମସିଂ ବିଷର ପ୍ରସ୍ରବଣ କରି ତୁମର ଦୁର୍ବଳ ମନଟାକୁ ତା ଆଡକୁ ଓଟାରି ନେଇ ପାରିଛି ସେହି କୃତଘ୍ନ ମ୍ଲେଚ୍ଛ ଲୋକ ଯେ କେତେଥର ଟଙ୍କାର ବିନିମୟରେ ସୁଶୀଲକୁ ନିର୍ମମ ଭାବରେ ନିଶାବଡନରେ କରିଛି ହତ୍ୟା ।"

ଲଳିତ ବାବୁଙ୍କ ମଥାରେ ବଜ୍ର ପଡ଼ିଗଲା ହଠାତ୍—ଅସ୍ଥିର ହୋଇ କହିଉଠିଲେ—"ଏଁ—ସୁଶୀଲର ହତ୍ୟା—କିଏ ରାମସିଂ, ତୁମେ ।"

ସନ୍ଧ୍ୟା ଖୁବ୍ ଜୋରରେ ଅଟ୍ଟହାସ ଦେଲା—ହାଃ, ହାଃ, ହାଃ ।

—ତିନି—

ଲଳିତ ବାବୁ ଅସ୍ଥୈର୍ଯ୍ୟାନ୍ୱିତ ହୋଇ କହିଲେ—"ସୁଶୀଲ ବି. ଏ. ପଢ଼ୁଥିବା ସମୟରେ ତୁମଘରେ ଏପରି ଗୋଟାଏ ମହାକାଣ୍ଡ ସୃଷ୍ଟି କରିପାରିଛି—କାହିଁ ଦିନେ ହେଲେ ତ ମୋତେ ସେ ଏସବୁ ବିଷୟ ଜଣାଇ ନାହିଁ ।"

ନୟନା—"ଅଚ୍ଛା, ସେ କଥା ତ ପରେ, ଆଗେ ଆପଣ ତାଙ୍କର ଖବର କଣ କହିଲେ ମୁଁ ଟିକିଏ ଶୁଣେ ।"

"ମୁଁ କଣ କହିବି, ସେ ଯେ ବର୍ତ୍ତମାନ ତୁମରି ଘରେ ।"

"ଆମଘରେ, କି ଅସ୍ଥୈର୍ଯ୍ୟ କଥା କହୁଛନ୍ତି ଆପଣ ।"

ଲଳିତ ବାବୁ ବିସ୍ମୟଭାବରେ କହିଉଠିଲେ—"ତା'ହେଲେ ?"

ସନ୍ଧ୍ୟା ପଠାଇଥିବା ଚିଠିଟାକୁ ନୟନ ବଢ଼ାଇଦେଲା ତାଙ୍କ ହାତକୁ । ବାବୁ ଚିଠିଟି ପଢ଼ିସାରି ପ୍ରଶ୍ନ କଲେ—"ସନ୍ଧ୍ୟା ଏପରି ଚିଠି ପଠାଇବାର ମାନେ ?"

"ତାହାର ସୀରତ ପଥକୁ ପସନ୍ଦ ନକରି ପ୍ରତିବନ୍ଧକ ହିସାବରେ ମୁଁ ତାହାର ସ୍ୱଗତ ଦୁନିଆର ଦୁଆରକୁ ବନ୍ଦ କରିଦେବାର ଚେଷ୍ଟା କରିଥିଲି ।"

କିଛି ସମୟ ଭାବି ଲଳିତ ବାବୁ ଚମକି ଉଠି କହିଉଠିଲେ—"ତାହେଲେ ସନ୍ଧ୍ୟାର କହିବା କଥା କଣ ସତ ନୟନା ?"

"କଣ—କଣ—ଲଳିତ ବାବୁ ।"

"ଦେଢେଇଶ ଟଙ୍କାର ପ୍ରଲୋଭନରେ ସ୍ୱପନ ସୁଶୀଲକୁ କରିଛି ନିର୍ମମ ଭାବରେ ହତ୍ୟା ।"—

ନୟନାର ଗୁଡ଼ କଲିଜାଟା ସେପରି ଛୁଡ଼ି ପଡ଼ିଲା ଏକଥା ପଦକ ଶୁଣି—କହି ଉଠିଲା—"ସେଇଁ ଡ୍ରାଇଭର ସୁଶୀଲ ଭାଇର ସନ୍ଧାନ ଆଣି ମୋର ମନଟାର ଶାନ୍ତି ଦେବ ବୋଲି କହିଯାଇଛି, ସେହି ଡ୍ରାଇଭର ଟଙ୍କା ଲୋଭରେ ସୁଶୀଲ ଭାଇକୁ ଜୀବନ୍ତ ହତ୍ୟା କରିଛି । ମୁଁ ଯେ ଏସବୁ ଆଦୌ ବିଶ୍ୱାସ କରି ପାରୁନି ଲଳିତ ବାବୁ ।"

ମୁଁ ବି ମଧ୍ୟ—କାରଣ ଯେଉଁ ନର ରାକ୍ଷସ ଧନ ଲୋଭରେ ଜୀବନ୍ତା ମଣିଷକୁ ହାଣି ଟିକ୍ ଟିକ୍ କରି ଦେଇପାରେ ସେହି ରାକ୍ଷସ ପୁଣି କେଉଁ ହୃଦୟ ନେଇ ମୋତେ ବିଷ ମୁହଁରୁ ରକ୍ଷାକଲା ।"—

ନୟନା ସ୍ତମ୍ଭୀଭୂତ ହୋଇ କହିଉଠିଲା—"ଏଁ—ବିଷ—"

"ହଁ ଏତ ସ୍ୱପନ ଭାଗ୍ୟକୁ ଦେଖି ନ ଥିଲେ ଗଲାକାଲି ପ୍ରଗତି-ଶୀଳା ସ୍ତ୍ରୀର ଅଭ୍ୟର୍ଥନା ରକ୍ଷାକରି ମୋର ଜୀବନର ଶେଷ ଯବନିକା ପଡ଼ିଥାନ୍ତା ।"

"କିଏ ସେହି ବାର ବିଳାସିନୀ ସନ୍ଧ୍ୟା ।"

"ହଠାତ୍ ବୁକୁ କଲିଜା ଥରି ଉଠିଲା—ଶୁଣିଲି, ବାସ୍ତବିକ୍ ଏ ଆଧୁନିକ ଯୁଗରେ ପ୍ରଗତିଶୀଳା ନାରୀ କି ଭୟଙ୍କର । ସାପର

ବିଷ ଦାନ୍ତଠାରୁ ତାହାର ବିଷଦାନ୍ତ ଅଧିକ ତୀକ୍ଷ୍ଣ—ସ୍ୱାମୀର ଜୀବନ୍ତ କଲିଜା ଉପରେ ସେ ଏପରି ଭାବରେ ତାଣ୍ଡବ ନୃତ୍ୟ କରିପାରେ, ଏହା ମୋର ଧାରଣା ନଥିଲା । ବୋଧହୁଏ Five years marriage contract ଭିତରେ ମୋର ସ୍ଥାନ ନଥିବାରୁ ସେ ଅବସ୍ଥା ଏପରି ସାଙ୍ଘାତିକ ଅନ୍ତକୁ ଗତି କରୁଥିଲା—ପିସ୍ତଲ ଖୋଜି ବସିଲି । ହୁଏତ କାଳ ସର୍ପିଣୀକୁ ଖୁନ୍ କରି ତାର ସେହି କୁଳଭ୍ରଷ୍ଟା ପ୍ରଣୟୀକୁ ପରୁଦେବ ସେ ସ୍ଥିର କଲି । କିନ୍ତୁ ସେହି ରାକ୍ଷସୀ କଦ୍ରୁପ ହସ ହସି କହି ଉଠିଲା—ସମସିଂ କେତେବେଳେ ହେଲାଣି ଲୋକ ସମ୍ଭାଳି ନପାରି ସୁଶୀଳକୁ କରିଛି ହତ୍ୟା—ହଠାତ୍ ସମସିଂ ଉତ୍ତର ଦେଲା; ସୁଶୀଳ ତାର ନାଟକୀୟ ଜୀବନ ନେଇ ଖେଳ ଖେଳିବାର ଚେଷ୍ଟା କରିଛି ନନ୍ଦନାର ଘରେ—ଏହାପରେ ତୋହାଏ ସନ୍ଧାନରେ ପଡ଼ି ଭାବିଲି ସନ୍ଧ୍ୟାର କଥା ଉପରେ ଭାସିଯାଇ ସମସିଂକୁ ଖୁନ କରିବି କି ସମସିଂର କଥା ଉପରେ ନିର୍ଭର କରି ସନ୍ଧ୍ୟାକୁ ଖୁନ୍ କରିବି କୌଣସିଠା ସମାଧାନ କରି ପାରିଲି ନାହିଁ—

ନନ୍ଦନା—"ବୋଧହୁଏ ଏହି ରାତ ମୁହଁରୁ ଆପଣଙ୍କ ଉଦ୍ଧାର କରିବାପାଇଁ ସମସିଂ ଗଲକାଲି ମୋ ସାଙ୍ଗରେ ସନ୍ଧି କରୁଥିଲା ।"

"କି ସନ୍ଧି ?"

"ଯଦି ଲଳିତ ବାବୁଙ୍କୁ କାଲି ସନ୍ଧ୍ୟା ୭ଟାରେ ଅମନ୍ତ୍ରଣ କରି ନ ଅଣ ତାହେଲେ ମୁଁ ସୁଶୀଳ ବାବୁର ସନ୍ଧାନ ଦେବ ନାହିଁ ।"

ଲଳିତ ବାବୁ ମଠାଠା ଦୃଢ଼ରଭଲେ ପରସ୍ତ୍ରେ—କହି- ଉଠିଲେ—"ଏ ଗୋଲକ ଧନ୍ଦା ଭିତରେ ଯେ ଅଦୌ ପଶି ହେଉନି ନନ୍ଦନା—ସମସିଂ ପ୍ରକୃତରେ ହିଂସା ତାଣ୍ଡବର ଉପଯୁକ୍ତ ଜଳ୍କାର କି ସତ୍ୟ ଓ ଅହିଂସାର ସୈନିକ୍ୟ ସାଧକ ।"

"ବାସ୍ତବିକ୍ ରାମସିଂହ ପ୍ରଶାନ୍ତ ହୃଦୟ ଯେ କେଉଁ ରହସ୍ୟ ଭିତରେ ଗଢ଼ାହୋଇଛନ୍ତି ଏହା ଜାଣିବା ବଡ଼ ମୁସ୍କିଲ ।"

"ଅଚ୍ଛା, ରାମସିଂହଙ୍କୁ ଡକାଇଲ ନୟନା ।"

"ସେ ଯେ ଆପଣଙ୍କୁ ଛାଡ଼ିଦେଇ ଚାଲିଯାଇଛନ୍ତି ।"

"ସେଠାରେ କହିଲ ଯେ ସେ ଏଠାରେ ଚାକିରୀ କରନ୍ତୁ ।"

"ହୁଏତ ପୁଣି ଗୋଟାଏ ରହସ୍ୟର ଖେଳ ଖେଳିଛନ୍ତି ।"

କ୍ଷୁବ୍ଧ ମନରେ କହିଉଠିଲେ ଲଳିତ ବାବୁ—"ଏହି ଗୋଲକଧନ୍ଦା ଭିତରେ କେଉଁଠା ଦୁର୍ବଳ ମଣିଷକୁ ନେଇ ଏ ଧୂଳିଖେଳ କାହିଁକି ଖେଳିବାକୁ ଚେଷ୍ଟା କରନ୍ତି ମଦନ ମୋହନ— ଅଚ୍ଛା ନୟନା ! ସୁଶୀଳକୁ ପାଇଲେ ତୁମେ କଣ କରିବ ?"

"ଦେଖାଇଦେବି ହୁଏତ ସୁଶୀଲ ଛାଇର ଭଙ୍ଗାକୁଡ଼ିଆରେ ସେଇ ତୋରାଣି ପିଇ କାଳ ପୁଣିଥିଁ ତେବେ ଓଷା ଭିତରେ ନୟନାପରି ଦୁର୍ବଳା ଯୁବତୀ ଯୁନାର ସଂସାର ଗଢ଼ିପାରେ କି ନା— ।"

ଲଳିତ ବାବୁ ହଠାତ୍ ଗୋଟାଏ ଦୀର୍ଘନିଃଶ୍ୱାସ ମାରି ବସିଲେ ।

"ଆପଣ ଏପରି ଦୀର୍ଘନିଃଶ୍ୱାସ ମାରିଲେ କାହିଁକି ଲଳିତ ବାବୁ ?"

"କହି ଲାଭ ନାହିଁ ନୟନା—କହିଲେ ତୁମ ଜୀବନର ଦୁଃଖର ମାତ୍ରା ଅଧିକ ଜୋରରେ ବଢ଼ି ଉଠିବ ।"

"କାରଣ ?"

"ଯାହାର ମନରମୂଳେ ସ୍ୱପ୍ନର ସ୍ଥାୟୀ କାଳର ଗାଉଁଣି ନାଚି ଏ, ବେଦନାର ବଡ଼ାଣ ଭିତରେ ବୁକୁ କଳିକାଟା ଥରଉଠେ ।"

"ମୁଁ ଯେ ଆପଣଙ୍କ କଥା କିଛି ବୁଝିପାରୁନାହିଁ ଲଳିତ ବାବୁ ।"

"ଏ ପାଗଳର ପ୍ରଳାପ ଦୁନିଆରେ କେହି ବୁଝିପାରିବେ ନାହିଁ ନୟନା ।"

"ଆଉ ଆପଣ ମନର ଅଭିଳାଷ ଖୋଲି କହନ୍ତୁ ।"

"ଆଉ, ଶୁଣିବାକୁ ଚାହଁ ତୁମେ ଅଶ୍ରୁର କାହାଣୀ ନୟନା—ଜଣେ ଜଣଙ୍କୁ ଜୀବନର ମହାସଂଗ୍ରାମ ଭିତରେ ଛୁଡ଼ିଦେଇ ଅନ୍ତରତଳେ ଭଲ ପାଇବାକୁ ଚେଷ୍ଟାକରେ, ଆଉ ଅନ୍ୟଜଣେ ଜଣଙ୍କୁ ସେହି ସଂଗ୍ରାମର ତରବାରୀ ତଳେ ଛାଡ଼ିଦେଇ ବନ୍ଧୁପର ହସ ହସେ । ଭାଗ୍ୟର ଭଉଁରୀ ଉପରେ ସେତୁବନ୍ଧ ବାନ୍ଧି ଜଣେ ପ୍ରେମ ଫୁଲର ସ୍ୱପ୍ନ ଦେଖେ, ଅନ୍ୟଜଣେ ସେହି ସେତୁକୁ ଭାଙ୍ଗିଦେଇ ପ୍ରଗତିର ଇଙ୍ଗିତରେ ଗୋଟାଏ କୁତ୍ସିତ, ଲକ୍ଷ୍ମୀଛଡ଼ା ଦୁନିଆକୁ ଦଉଡ଼ି ଯିବାକୁ ପ୍ରସ୍ତୁତ ହୁଏ—ଯଥା ଆଜି ତୁମ ପରି ଜଣେ ସରଳା ନାରୀ ମୋର ଭାଗ୍ୟର ଦୁଆର ଉପରେ ଠିଆହୋଇ ଡାକୁଥାନ୍ତା କର୍ମର ପଥେ ପଥେ, ତାହେଲେ ସୁନାର ସଂସାର ଭିତରେ ହସିଥାନ୍ତା ମୋର ସ୍ୱପ୍ନର ଭଉଁରୀ, ଭରିଉଠିଥାନ୍ତା ଦେବତା ମନ୍ଦିରରେ ଭକ୍ତି ପୂଜାର ପୁଷ୍ପାଞ୍ଜଳୀ । କିନ୍ତୁ ଗୋଟାଏ କାଳନାଗୁଣୀର ନାଗପାଶରେ ଛନ୍ଦିହୋଇ ମୋର କର୍ମଗୁହାର ଲୁହାକବାଟ ଭାଙ୍ଗିପଡ଼ୁଛି ନୟନା—ବର୍ତ୍ତମାନ ସେହି ଦୁର୍ବିପାକ ଭିତରେ ସୁଗତିକୁ ନେଇ ମୁଁ ଗୋଟାଏ ହତଭାଗ୍ୟ, ଯେଉଁଥିପାଇଁ ମୋର ଅତୀତ, ଭବିଷ୍ୟତ, ବର୍ତ୍ତମାନ, ସମସ୍ତ ଧ୍ୱଂସ ହୋଇଯାଉଛି ।"

ନୟନାର ଆଖି ସଜଳ ହୋଇ ଆସିଲା—କହିଉଠିଲା—"ଲଳିତ ବାବୁ ! ଏପରିଭାବେ ଅବଶୋଷ କରି ନିଜର ସରଳମନକୁ ଅଶାନ୍ତ କରନ୍ତୁ ନାହିଁ । ହୁଏତ ସମୟ ଆସିବ, ଆପଣଙ୍କର ସେହି ସୁନାର ସଂସାର ଭିତରେ ସବୁପ୍ରକାର ସୁଖ ନିଶ୍ଚୟ ଦେଖାଦେବ ।"

"ନା ଭୁଲ ବୁଝନା ନୟନା—ଏ ଅନୁତପ୍ତ ଜୀବନରେ ଲୋଡ଼େନା ମୁଁ ଶାନ୍ତି—କେବଳ ଗୋଟିଏ ହତଭାଗିନୀର ଦାୟିତ୍ୱ ମୁଣ୍ଡରେ ମୁଣ୍ଡେଇ ମୋର ଜୀବନଧାରା କ୍ରମେ ବଢ଼ିଯାଉଛି ।"

"ସେ କଏ ଲଳିତ ବାବୁ ।"

"ଗୋଟିଏ ନିଃସହାୟ ଯୁବତୀ ।ନାମ ବାସନ୍ତୀ—ଅନ୍ଧକାର ତାର ଦୁନିଆ, ଆଲୁଅ ଆଶାରେ ଦେବତାର ଇଙ୍ଗିତରେ ଲୋଡ଼ିଥିଲା ମୋ'ହର ଆଶ୍ରୟ କିନ୍ତୁ—

"କିନ୍ତୁ ?"

"ଆଶ୍ରୟ ଯଦିଓ ଦେଇଛି ତଥାପି ସେ ଚେଷ୍ଟା କରିଥିଲା ନିଜର ଯୁବତୀ ସୁଲଭତା ଟିକକ ବଳିଦେଇ ମୋତେ ନିଜର କରିନେବାକୁ କିନ୍ତୁ ମୁଁ ପ୍ରଶ୍ରୟ ଦେଇନି— ।"

"କାରଣ ?"

"ଯେହେତୁ ମୁଁ ଜାଣେ ସେ ଜୀବନର ଗୋଟାଏ ମରୁଭୂମି ଅଭିଜ୍ଞମଙ୍କର ତା'ର ପାଦ ଦୁଇଟି ଅନାଶକ୍ତ । କ୍ଷେତ୍ରିଲ ପେଟର ଦାନା ଗଣ୍ଡାକ ପାଇଁ ସେ ଜିଦ୍‌କରିଲାଇ, ଯେତେବେଳେ ସେହି ଅଭାଗିନୀ ଆଖିର ଲୁହଦେଇ ତାହାର ଜୀବନର ଧାରୁଣ କାହାଣୀ କହିବାକୁ ଆରମ୍ଭିଲା, ମୁଁ ଆଉ ସ୍ଥିରହୋଇ ରହିପାରିଲି ନାହିଁ । ସଙ୍ଗେ ସଙ୍ଗେ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା ତାହାର ମଥା ଉପରେ—ଭାବିଲି, ବାସ୍ତବିକ୍ ଏପରି ଗୋଟାଏ ଘନଘଟା ପରିସ୍ଥିତି ନେଇ ବାସନ୍ତୀ ଯଦି ଦେବତାର ଇଙ୍ଗିତ ପାଇ ନଥାନ୍ତା ତା'ହେଲେ ତାର ଭବିଷ୍ୟତ ଜୀବନ କେଉଁ ପଥରେ ଗତି କରିଥାନ୍ତା—ବାରଦୁଆରେ ବାରଗୀତ ଗାଇ ମାଗିଥାନ୍ତା ସେ ଗୋଟି ପଇସା, ମୁଠିଏ ଚାଉଳ, କିନ୍ତୁ ସୈତାନ୍ ଦୁନିଆ ତାକୁ ଦୟା ଦେଖାଇ-ବାର ଛଳନା ଭିତରେ ଗୋଟି ପଇସା ପରିବର୍ତ୍ତରେ କୋଟି ପଇସାର ଲୋଭ ଦେଖାଇ କରିଥାନ୍ତା ତାର ଯୌବନ ଉପରେ ଅମାନୁଷିକ ଅତ୍ୟାଚାର । ଯେଉଁ ଅତ୍ୟାଚାରର ତାଡ଼ନାରେ ସେ ଭଙ୍ଗିହସ

ହୋଇ ବନ୍ ବଜାର ଉପରେ ଭିକାରୁଣୀ ବେଶରେ ଛିଣ୍ଡା କନା ପିନ୍ଧି ହାତରେ ଛେଲୁଅ ଧରି ଗୋଟାଇ ଥାନ୍ତା ଭାଙ୍ଗା ଖଣ୍ଡିଏ ଅଇଁଠା ଭାତ—ସେତେବେଳେ ଦୁନିଆ କହିଥାନ୍ତା ବାସନ୍ତୀ କୁଳଟା, ଅଲକ୍ଷଣୀ, କୁସ୍ତ୍ରୀ—ବାଟ ଘାଟରେ ଖାଇଥାନ୍ତା ସେ ଟେକାମାଡ଼, ସହିଥାନ୍ତା କଳ୍ପ କାଳର ଅଶ୍ରୁ ପରିହାସ । ସହି ସହି ଶେଷରେ ଅତୀତର ସ୍ମୃତିରେ ପାଗଳିନୀ ହୋଇ ନଈ ତୋଆଖଣ୍ଡିରେ ଡେଇଁ ପଡ଼ି ମରିଥାନ୍ତା ଅପମୃତ୍ୟୁ କିନ୍ତୁ ମୁଁ କହିବି କଣ ? ଅନେକେ ଚେଷ୍ଟା କଲେ ମଧ୍ୟ ତାହାର ଯୌବନର ଗରବକୁ ଭାଙ୍ଗିଦେଇ ତାକୁ ନିଜର କରିନେବା ପାଇଁ କି ? ତାହେଲେ ମୋର ଜୀବନର ଆଦର୍ଶ ରହିବ କେଉଁଠି ?—ଦୁନିଆ କହୁ ବୁଲିବ ବାସନ୍ତୀର ଯୌବନରେ କେଉଁ-ଶକ୍ତି ହୋଇ ଲଳିତ ବାବୁ ତାକୁ ଆଶ୍ରୟ ଦେଇଛନ୍ତି ନହେଲେ ଦେଇ ନଥାନ୍ତେ । ଏହି ଭାବରେ ହତଭାଗିନୀ ବାସନ୍ତୀର ଅଖିଳ ସ୍ନେହ ଦେଇ ତାକୁ ମୁଁ ନିଜର ଭଉଣୀ ଭାବରେ ନିଜର ଛାୟା ଉପରେ ବାନ୍ଧି ରଖିବାକୁ ଚେଷ୍ଟା କରୁଛି ।"

ବର୍ତ୍ତମାନ ସେ କରୁଛି କଣ ?"

"ଅକୁଣ୍ଠିତ ଚିତ୍ତରେ ଘର ସଂସାରର କର୍ତ୍ତବ୍ୟ କରି ଦେବତାର ପୂଜାପାଇଁ ଫୁଲହାର ଗୁନ୍ଥୁଛି ଆଉ ସନ୍ଧ୍ୟାରେ ସୁଦୀପ ଜାଳି ମୋହନଙ୍କୁ ମୁଣ୍ଡିଆ ମାରୁଛି ନିତି ।"

ନୟନା ଗୋଟିଏ ଦୀର୍ଘ ନିଃଶ୍ୱାସ ମାରି କହି ଉଠିଲା—"ଲଳିତ ବାବୁ ! ବାସ୍ତବିକ୍ ଏ ପ୍ରକୃତରେ ଦୁନିଆ ଯାହା କୁହେଁ, ତାହା ଯେ ଆପଣ ନିଜର ଏପରି ଗୋଟାଏ ଆଦର୍ଶ ଦେଖାଇଛନ୍ତି ସମାଜକୁ, ସେଥିପାଇଁ ମୁଁ ଅନ୍ତରର ଧନ୍ୟବାଦ ଦେଉଛି କିନ୍ତୁ ତାହାର ଭବିଷ୍ୟତ ?"

"ନିର୍ଯ୍ୟାତ ଧର ଶ୍ରୀନିବାସ ଜମୁନା—ଭୁଲିଥିଲ ସୁଶୀଳ ହାତରେ ବାସନ୍ତୀର ହାତଟି ଛନ୍ଦଦେଇ କହିବ—"ଦେଖ୍ ସୁଶୀଳ, ଦୂରରେ ଉପର ତୋର ଜନ୍ମମାଟି ଛାଡେ ନିରନ୍ନ କଙ୍କାଳ ସେନା—ଯାଅ, ତାର ହାତଗୋଡ ଶିକୁଳିର ଗଢିନେ 'ତୋର ଭାଗ୍ୟର ପଥର ପାତେରଖା, ତକ୍ତ ହେଉ ସେହି ଘର ସଂସାରର ଭିଂସା ଜବାବ, ହସି ଉଠୁ ଦୁଇ ଲକ୍ଷର ଗ୍ଲୁତ ଉପରେ ତୋହରି ଦାମ୍ପତ୍ୟ ଜୀବନର ଦୁର୍ଗ ବାରବାଟୀ ।"—

ଏତିକିରେ ଜମୁନା ମୁଣ୍ଡରେ ଗୋଟାଏ ଚଡକ ପଡିଗଲା । ଗ୍ଲାନିର କାଳିକାଂଠା ବ୍ୟଥାରେ ଲୁଚି ପଡିଲା ଭଳିଆ ବୋଧ ହେଲା—କହିଉଠିଲା,—"ଏ ଦୁଃଖର ସମ୍ବାଦ ହେଉ ମୁଁ ଅସମ୍ଭବ, ଶାନ୍ତିର ଅପଣ"—ଆଉ କିଛି କହି ପାରିଲା ନାହିଁ—

—ଚାରି—

ରାତି ପ୍ରାୟ ଦୁଇଟା । ଗୃହଅନ୍ତେ ନୀରବ ନିସ୍ତବ୍ଧ । ଅମାବାସ୍ୟାର ଅନ୍ଧକାର ଚତୁର୍ଦ୍ଦିଗରେ ବିସ୍ତୃତ ହୋଇଯାଇଛି ପଥ ଅପଥ ସମାନ ।

ଶୁଳିନ୍ତି ଜଣେ ଶ୍ରମଜୀବୀ କଙ୍କାଳ । ହାତରେ ଗୁରୁବୁକ୍ । ଅଁଗ ଲଇଟ ଅଲ୍ପଅଟା ସମୟେ ସମୟେ ଦପ୍ ଦପ୍ କରି ଜଳି ଉଠୁଛି । ଜାଳସନ୍ଧୀ କଙ୍କାଳକୁ ନିର୍ଦ୍ଦେଶ ଦେଇ ଗୁହିଁ ରହିଛି ପିଇବ ପାଇଁ ଗୋଟାଏ ଜୀବନ୍ତ କଳିଜାର ରକ୍ତ ।

× × × ×

ଡ୍ରୋମଲର କବାଟଟା ଧଡ଼କରି ଖୋଲିଯିବା ମାତ୍ରେ ଗଗନ ବାବୁ ନିଦ ବାଉଳାରେ ଚମକି ପଡ଼ି ପଚାରି ଉଠିଲେ ହଠାତ୍ —କିଏ ସେ ?”

ଉତ୍ତର ଆସିଲା—“ତୋର ଅତୀତ ଇତିହାସର ପୃଷ୍ଠା ଉପରେ ଜଣେ ସୈତାନ୍ ଭାଟପର ।”

ଗଗନ ବାବୁ କ୍ଷଣମାତ୍ର ବିଳମ୍ବ ନ କରି ସାଇତିଥିବା ପିସ୍ତଲଟାକୁ ଉଠାଇଲେ ବାହାର କରି ଧରିବ ସମ୍ମୁଖରେ କଙ୍କାଳର ଗୁରୁଭଣ୍ଡା ସାଏଁ କରି ଝାଣିଆଣିଲା ସଙ୍ଗେ ସଙ୍ଗେ ତାଙ୍କ ହାତରୁ ।

ଦପ୍ କରି ବିଜୁଳି ଆଲୁଅଟା ଜଳିଉଠିବା ସମୟରେ କଙ୍କାଳ ଆଲୁଅଟା ଲିଭାଇଦେଇ ସେହି ଅନ୍ଧକାର ଭିତରେ ହାତରେ ପିସ୍ତଲଟା ଧରି ଥରଟାଏ ବିଦ୍ରୂପ ହସ ହସିଲା ଟର୍ଚ୍ଚ-ଲାଇଟ୍‌ର ଆଲୁଅଟା ବାବୁଙ୍କ ମୁହଁରେ ପକାଇ ।

କଙ୍କାଳର ବିକଟାଳ ହାସ୍ୟରେ ବାବୁଙ୍କର ରକ୍ତଗୁଡ଼ା ଥରିଁ ଥରିଁ ପାଣି ପାଟିଗଲା । ବିଛଣା ଉପରେ ପଡ଼ିରହି ପୃଥୁଳକାୟ ଶରୀରଟା ତାଙ୍କର ଥରେଉଠିଲା—ପାଟିରୁ ଭାଷା ବାହାରୁ ନାହିଁ ।

କଙ୍କାଳ କହିଉଠିଲା—“ନରପଶୁ ! ଏ ପିସ୍ତଲ ଖଣ୍ଡିକ ଧରି ଆଜି ତୁ ତୋର ଏହି ଜୀବନ ନାଟକ ଉପରେ ନୂଆ ଅଭିନୟ ଦେଖାଇବାର ଚେଷ୍ଟା କରୁଛୁ କାହିଁକି । ଯେଉଁ ଅତୀତର ମୃତ ତୋତେ ଅନ୍ଧକାର, ଜଗସ୍ଥପର ରୁଦ୍ରଦେଇ ଦୁନିଆ ମାଟିରେ ଚିହ୍ନ କରାଇଛି, ସେହି ଅତୀତ ଆଜି ତୋର ଘର ସଂସାରକୁ ସମୂଳେ ଧ୍ୱଂସ ନକରି ଛାଡ଼ିବ ନାହିଁ ଯେହେତୁ ଦୁନିଆ ଦାଣ୍ଡର ମଶାଣି ଉପରେ ପ୍ରେତାତ୍ମା ପିଶାଚର ଦଳ ହୁ ହୁ ହେଇ ଡାକୁଛନ୍ତି—ସେ ଚାହେଁ ନରରକ୍ତର ଅଞ୍ଜଳି—କହ, ତୋର ଟେକେଇଥିବାର ସ୍ମୃତିକାଠି କେଉଁଠି ?”

ବାବୁଙ୍କ ପିଣ୍ଡରେ ଆଉ ପ୍ରାଣ ନାହିଁ, ଥରିଲା ହାତରେ ରୁବଲଟିକି ବଢ଼ାଇଦେଇ କହିଉଠିଲେ—"ମହାତ୍ମା ! ସବୁ ନିଅ ପଛେ କିନ୍ତୁ ଜୀବନରେ ମାରନା !"

"ହାତରେ ରୁବୁଲଟା ନ ଥିଲେ ମୋର ଜୀବନଟା କଣ ତୋ ହାତରୁ ଅଜି ରକ୍ଷା ପାଇଥାନ୍ତା ସୈତାନ୍—ବର୍ତ୍ତମାନ ତୋର ପରିଣାମର ମୋହ ଉପରେ ଠିଆହୋଇ ତୋର ଜୀବନ ନାଟକର ଶେଷ ଯବନିକା ପକାଇବ ତୋର ପିସ୍ତଲର ଗୁଳି !"

ଲୁଅଡ଼୍, କିଛି ନାହିଁ—ବାବୁ ଦେଖିଲେ ବିପଦ ସମ୍ମୁଖୀନ । ଜୀବନଟା ରକ୍ଷାକରିବାର ଆଉ ଉପାୟ ନାହିଁ—ହଠାତ୍ ସିଂହପରି ତାଙ୍କ ଦେହରେ ବଳ ଆସିଲା । ଚଟ୍‌କରି ଧରି ପକାଇଲେ କଙ୍କାଳର ହାତକୁ—ଛଡ଼ାଇବାକୁ ଚେଷ୍ଟାକଲେ ପିସ୍ତଲ କିନ୍ତୁ ଗୋଟାଏ ଗୋଇଠାରେ ବାବୁ ତଳେ ପଡ଼ିଗଲେ—ସାଏଁ ସାଏଁ କରି ପିଠି ଉପରେ ବସିଲା ରୁବୁଲର୍ କେତେଟା ପ୍ରହାର—କଙ୍କାଳ ହସି ଉଠିଲା—ହାଃ, ହାଃ, ହାଃ, ରକ୍ତର ଧାର ଛୁଟୁଛି—ହାଃ, ହାଃ, ହାଃ ।

ବାବୁ କାତର କଣ୍ଠରେ ଡାକ ଛାଡ଼ିଲେ—ଉଃ, ମରିଗଲି, ସନ୍ଧ୍ୟା, ମରିଗଲି ।

"ଏଇ ରକ୍ତର ସୁଅ ଉପରେ ତୋତେ ମରିବାକୁ ହେବ ସୈତାନ—ହଠାତ୍ ପିସ୍ତଲର ଗୁଳିଟା ବାବୁଙ୍କ ଛାତି ଉପରେ ଫୁଟିଉଠିଲା ଠୋ—ଶେଷ—

ସନ୍ଧ୍ୟା ହଠାତ୍ ଏପରି ଗୋଟାଏ ଚିତ୍କାର ସଙ୍ଗେ ପିସ୍ତଲର ଆୱାଜ ଶୁଣି ଦଉଡ଼ି ଆସିଲା ତାର ଶୋଇବା ଘରୁ । ଆସି ଦେଖେ ତ ଘରଟା ରକ୍ତାକ୍ତ । ବାପାଙ୍କ ଛାତିରେ ଗୁଳି । ସାମନା ଟେବୁଲଟା

ହେଲା । ସେ ଭୟଙ୍କର ଦୃଶ୍ୟ ଦେଖି ତାର ଦେହମୁଣ୍ଡ ଶୀତେଇ ଉଠିଲା । ଧୈର୍ଯ୍ୟଧରି ରହିପାରିଲା ନାହିଁ । ସଙ୍ଗେ ସଙ୍ଗେ ସେଠାରୁ ଚାଲିଆସି ପୋଲିସ ଅଫିସକୁ ଫୋନ କରିବସିଲା ।

× × × ×

ଫୋନ କରିବାର ଠିକ୍ ଦଶମିନିଟ୍ ଭିତରେ ଅନିଲ ବାବୁ ସାଇକେଲ୍‌ରେ ଆସି ହାଜର ହୋଇଗଲେ । ହଠାତ୍ ଦୋମହାଲା ଉପରକୁ ଉଠିଯାଇ ଦେଖନ୍ତି ତ ସାରାଟା ରକ୍ତରେ ଭାସୁଛି ଏବଂ ଗଗନବାବୁଙ୍କ ଛାତିରେ ଗୁଳିର ଆଘାତ ।

ଘଟଣା ଚକଟା ଲକ୍ଷ୍ୟକରି ପଚାରି ବସିଲେ ସେ—"ସନ୍ଧ୍ୟାଦେବୀ ! ଆସାମୀକୁ ଆପଣ ଆଖିରେ ଦେଖିଛନ୍ତି ?"

"ନା, ମୁଁ ଶୋଇଥିଲି—ହଠାତ୍ ବାପାଙ୍କର ଚିତ୍କାର ଓ ପିସ୍ତଲର ଆୱାଜ ଶୁଣି ନିଦଟା ମୋର ଚଟ୍‌କରି ଭାଙ୍ଗିଗଲା । ଦଉଡ଼ିଆସି ଦେଖେଁ ତ ଅବସ୍ଥା ଏହିରକମ ଓ ଖୁନୀ ହରଣଚାଲ ।"

ବାବୁ ମେଲଥିବା ଟ୍ରେଜେରୀ ନିକଟକୁ ଯାଇ ଦେଖିଲେ ଖଣ୍ଡେ କାଗଜ ପଡ଼ିଛି । ସେ ଖଣ୍ଡିକ ସେ ଉଠାଇ ଆଣି ପଢ଼ିବାକୁ ଲାଗିଲେ । ସନ୍ଧ୍ୟା ଶୁଣିଲା ।

ଅନିଲ ବାବୁ ପଚାରି ବସିଲେ—"ସନ୍ଧ୍ୟାଦେବୀ । ଏ ବିଷୟରେ ଆପଣ କିଛି ଜାଣନ୍ତି ?"

"ନା, କେବଳ ଏଇ କିଛିଦିନ ପୂର୍ବରୁ ବାପାଙ୍କ ନିକଟକୁ ଗୋଟିଏ ଚିଠି ଆସିଥିଲା, ଆପଣ ଅପେକ୍ଷା କରନ୍ତୁ, ମୁଁ ସେ ଚିଠିଟା ନେଇଆସେ ।"

ଚିଠିଟି ଆଣିଦେଲା ପରେ ବାବୁ ସେ ଚିଠିଟି ପଢ଼ି କହିଲେ—"ସନ୍ଧ୍ୟାଦେବୀ, ଆପଣଙ୍କର ବାପାଙ୍କୁ ଖୁନ୍ କରିଛି ଏହି ରକ୍ତଚୁକ୍ ।"

ସନ୍ଧ୍ୟା କହିଲା—"ଅନିଲ ବାବୁ ! ଆପଣ ଏ ଚୁନୀକୁ ପ୍ରାଣାନ୍ତ ଚେଷ୍ଟାକରି ଧରିଦିଅନ୍ତୁ । ମୁଁ ଆପଣଙ୍କୁ ଯଥେଷ୍ଟ ପୁରସ୍କାର ଦେବି କିନ୍ତୁ ଏବେ ଏକୁଟିଆ ଯେ ଏ ଘରେ କିପରି ରହିବି— ।"

"ନାହିଁ କି, ଡାକ୍ତର ବାବୁ ଯେତେବେଳେ ଆପଣଙ୍କର ଘନିଷ୍ଠ ବନ୍ଧୁ ସେ ହିସାବରେ ଆପଣଙ୍କର ଭାବିବାର ବା ଦୁଃଖ କରିବାର ତ କୌଣସି କାରଣ ନାହିଁ ।"

"ଅନିଲ ବାବୁ ! ଏ ଘଟଣା ସମ୍ପର୍କରେ ମୋର ଅନ୍ୟ କେତେଜଣଙ୍କୁ ସନ୍ଦେହ ହେଉଛି ।"

"ଅଚ୍ଛା, କିଏ ସେମାନେ ?"

"ନଫୁନା ଓ ଲଳିତବାବୁ ।"

"ଲଳିତ ବାବୁ କିଏ ?"

"ଗୋଟାଏ ଅମଣିଷ ପଶୁ ।"

"ଅଚ୍ଛା, ଆଗେ ଏ ତଦନ୍ତଟା ସରିଯାଉ, ତାପରେ ଯାହା ।"

ଅନିଲ ବାବୁ ଚାଲିଗଲେ । ସନ୍ଧ୍ୟା ମନେ ମନେ ଭାବିଲା, ବୋଧହୁଏ ସମସ୍ତେ ରକ୍ତଗୁରୁଙ୍କୁ କେନ୍ଦ୍ର କରି ଏ ଷଡ଼ଯନ୍ତ୍ର ଭିତରେ ମୋର ବାପାଙ୍କୁ ଖୁନ୍ କରିଛନ୍ତି ଓ ଧନସମ୍ପତ୍ତି ଲୁଟି ନେଇଛନ୍ତି— ଯଦି ଘଟଣାଟା ଧରା ପଡ଼ିଯାଏ, ତାହେଲେ ସେ କାହାରିକୁ ଖୁନ୍ ନକରି ଛାଡ଼ିବ ନାହିଁ ।

—ପାଞ୍ଚ—

ଅନିଲ ବାବୁ ଅଫିସରୁ ଫେରି ବସାରେ ଖଣ୍ଡେ ଆରାମ ଚେୟାର ଉପରେ ଟିକିଏ ବିଶ୍ରାମ ନେଉଛନ୍ତି, ଏହି ସମୟରେ

ପୋଷ୍ଟ ପିଅନ ଖଣ୍ଡେ ଚିଠି ଆଣି ଦେଇଗଲା । ସେତେବେଳକୁ ପ୍ରାୟ ବାରଟା ବାଜି ଗଲାଣି । ବାବୁ ଚିଠିଟି ଖୋଲି ପଢ଼ିଲେ—

ଅନୀଲ୍ ବାବୁ !

ଆପଣ ମୋତେ ଧରିବାପାଇଁ ଯେଉଁ ତଦନ୍ତ ଚଳାଇଛନ୍ତି, ସେଥିରେ ଆପଣ କେବେ ଅଗ୍ରେଇ ପାରିବେ ନାହିଁ । ମୁଁ ଭଲ କରି ଜାଣେ ଆପଣ କିଏସେ । ଏତିକି ମନେ ରଖନ୍ତୁ ଯେ ମୋର ଦୁନିଆରେ ଯେଉଁଠି ଯେତିକି ଦାବୀ ଥାଏ ମୁଁ ସେଠାରୁ ସେତିକି ଆଦାୟ ନ କରି କେବେ ଛାଡ଼େ ନାହିଁ । ଗଗନବାବୁଙ୍କୁ ଖୁନ୍ କରିଛି କିଏ ବା କାହିଁକି କରିଛି, ତାହାର ପ୍ରକୃତ ତଥ୍ୟ ଯଦି ଆପଣ ଜାଣିବାପାଇଁ ଚାହାଁନ୍ତି, ତାହେଲେ ତା' ପାଇ ପାରିବେ ଡାକ୍ତରର ଡ୍ରାଇଭର ରାମସିଂ ପାଖରୁ । ତାହାର ପିଛା ନ ଧରିଲେ, ଖୁନୀର ସନ୍ଧାନ ପାଇବା ଆପଣଙ୍କ ପକ୍ଷରେ କେବେ ସମ୍ଭବ ହୋଇ ପାରିବ ନାହିଁ । ଡ୍ରାଇଭର ବର୍ତ୍ତମାନ ମନୋହରପୁର ଲଳିତ ବାବୁଙ୍କ ଘରେ । ଇତି ।

ଆପଣଙ୍କର ଅପରିଚିତ
"ରକ୍ତ ଗୁମ୍ଫ"

ବାବୁ ଚିଠିଟି ପଢ଼ିସାରି କେତେଅନ୍ତୁ କେତେକଥା ଭାବିଲେ । ମନୋହର ପୁର ଯାଇ ଡ୍ରାଇଭର ନିକଟରୁ ଖୁନୀର ସନ୍ଧାନ ବାହାର ନ କଲେ ହୁଏତ ନିଜକୁ ଅକ୍ଳାନ୍ତ ପରିଶ୍ରମ କରିବାପାଇଁ ପଡ଼ିବ । ଯାହାହେଉ ଶେଷରେ ସେଠାକୁ ଯିବା ପାଇଁ ମନସ୍ଥ କଲେ ।

× × × ×

ଜମୁନାର ମନ ଭିତରେ ଅଜ୍ଞ ସନ୍ଦେହ ଓ ଅବଶୋଷର ମାତ୍ରା କ୍ରମେ ବଢ଼ି ଉଠିଛି । ସେ ଜୀବନର କେଉଁ ପଥରେ ଅଗ୍ରସର

ହୋଇ ନିଜର ମନସ୍କାମନା ପୂର୍ଣ୍ଣ କରିବ ଭାବି ସ୍ଥିର କରିପାରୁ ନାହିଁ । ସେ ଧନର ଲଳିତ ବାବୁଙ୍କ ଜୀବନ କାହାଣୀ ଶୁଣି ତାର ମନର ଅନୁତାପ ଜଟିଳ ହୋଇ ଉଠିଛି । ବର୍ତ୍ତମାନ ତାର ଭାବନା ରାଜ୍ୟରେ ଚାଲିଛି ଦୁଇଟା ସଂଗ୍ରାମ । ଗୋଟିଏ ପାଖରେ ଲଳିତ ବାବୁର ଜୀବନ ନାଟକ ଉପରେ ବାସନ୍ତୀର ଭବିଷ୍ୟତ ଆଉ ଅନ୍ୟ ପାଖରେ ସୁଶୀଲ ବାବୁର ସାମାଜିକ ଜୀବନ ମାର୍ଗରେ ଉଦ୍ଧାର କର୍ମର ଅଭିଯାନ ।

ଏହି ଅବସରରେ ଗୋଟିଏ ଚିଠି ପାଇ ବସିଲା ସେ । ଚିଠିଟି ଖୋଲି ପଢ଼ିଲା —

ନୟନା ଦେବୀ !

ମୁଁ ଅବଶ୍ୟ ଜାଣେ ଯେ ଆପଣଙ୍କ ଜୀବନ ଉପରେ ଗୋଟାଏ ଅନୁତାପର ଛାପ ଲାଗି ହୋଇ ରହିଛି । ସେଥିପାଇଁ ବ୍ୟସ୍ତ ହେବାର କୌଣସି କାରଣ ନାହିଁ । ଯେଉଁ ସୁଶୀଲ ବାବୁ ଆଜି ଆପଣଙ୍କ ଭାବନା ଓ ଭବିଷ୍ୟତ ଉପରେ ସାମାଜିକ ପରଦା ବିଛାଇ ଦେଇ ଅପସରି ଯାଇଛନ୍ତି ଦୂରକୁ, ତାଙ୍କର ସନ୍ଧାନ ମୁଁ ପାଇଛି । କହି-ଅସିଥିଲି ସନ୍ଧାନ ପାଇ ଯିବା କ୍ଷଣି ଖବର ଦେଇ ଜଣାଇବି । ତେଣୁ ଚିଠି ଲେଖିବାକୁ ବାଧ୍ୟ ହେଲି । ଆପଣ ବିଳମ୍ବ ନ କରି ମନୋହର-ପୁର ଲଳିତ ବାବୁଙ୍କ ଘରକୁ ଯାଆନ୍ତୁ । ସେ ସେଠାରେ ଅଛନ୍ତି । ଶୀଘ୍ର ସେଠାକୁ ଯାଇ ଆପଣ ତାଙ୍କୁ ପଚାରନ୍ତୁ ସେ ଏପରି ଗୋଟାଏ ସାମାଜିକ ଚକ୍ରବ୍ୟୂହ ଭିତରେ ଠେଲି ଦେଇ ଆପଣଙ୍କୁ ଏପରି ଅନୁତପ୍ତ କରିବାର କାରଣ କଣ ।

ଆପଣଙ୍କର ପରିଚିତ
"ଡ୍ରାଇଭର"

ନୟନା ଅସ୍ଥିର ହେଲା ଚିଠିଟି ପଢ଼ି । ସତ୍ୟତା ଏହା ଭିତରେ ଯେ କେତେ ଅଛି ତାହା ଠିକ୍ କରି ପାରିଲା ନାହିଁ । କାରଣ ଲଳିତ

ବାବୁ ସୁଶୀଲ ବାବୁର ସନ୍ଧାନ ନେଇ ଯାହା କହୁଯାଇଛନ୍ତି, ଏଥିରେ ତ ଭୁଲ ବୁଝିବାର କିଛି କାରଣ ନାହିଁ । ମନର ବ୍ୟାକୁଳତା କ୍ରମେ ଘନେଇ ଉଠିଲା ତଥାପି ସେହି ସନ୍ଦିହାନ ଅନ୍ତରେ ନୟନା ଲଳିତ ବାବୁଙ୍କ ଘରକୁ ଯିବାକୁ ସ୍ଥିର କଲା ।

—ଛଅ—

ମୋହିନୀ ବାବୁ ମୁହଁରେ ଖଣ୍ଡେ ସିଗାରେଟ୍ କାମୁଡ଼ି ଦୋମହଲା ଉପରୁ ଧୀରେ ଧୀରେ ନିଜର ଡ୍ରଇଂରୁମକୁ ଓହ୍ଲାଇ ଆସୁଛନ୍ତି, ଏହି ସମୟରେ ସନ୍ଧ୍ୟା ହଠାତ୍ ପହଞ୍ଚି ଡାକ୍ତର ବାବୁଙ୍କ ନମସ୍କାରଟା ଜଣାଇ ଦେଲା । ଡାକ୍ତର ବାବୁ ମଧ୍ୟ ସନ୍ଧ୍ୟାକୁ ବସିବା ପାଇଁ ଚେୟାର ଦେଖାଇ ଦେଲେ । ସନ୍ଧ୍ୟା ଚେୟାର ଉପରେ ବସିପଡ଼ି ଦୁଃଖର ଗୋଟାଏ ଦୀର୍ଘନିଃଶ୍ୱାସ ମାରି ବସିଲା ।

ମୋହିନୀ ବାବୁ ପଚାରି ଉଠିଲେ—"ଏପରି ଦୀର୍ଘନିଃଶ୍ୱାସ ମାରି ବସିଲେ କାହିଁକି ସନ୍ଧ୍ୟାଦେବୀ ?"

"ଡାକ୍ତର ବାବୁ ! ଭାବି ନ ଥିଲି ହୁଏତ ବାପାଙ୍କର ଏତେ ଶୀଘ୍ର—"

"ହଁ, ଲାଲି-ଭଲି କଥାରୁ ଫେରି ଶୁଣିଲି ଯେ ଗଗନ ବାବୁ ନେଇ—ହୁଏ ଯେ ସେହି ସୈତାନ"—

"ଖାଲି ସେତିକି ନୁହେଁ, ପିଶାଚ କାନ୍ଥରେ ଗୋଟିଏ ମଟା ଚାରି ଲେଖି ଦେଇଛି—"ବୃଦ୍ଧସୂ ଭଙ୍ଗାଳର ଅଭିଶାପ"—"ରକ୍ତଋକ୍ତ"— ଅନିଲ ବାବୁ ଆସିଥିଲେ । ଯାହା ତଦାରଖ କରିବାର କରି ଯାଇଛନ୍ତି ଏବଂ ସାହସ ଦେଇଛନ୍ତି ସେ ଖୁନୀକୁ ଶୀଘ୍ର ଧରି ମୋତେ ଖବର ଦେବେ ।"

"ତାହେଲେ ଖୁବ୍ ଭଲ ସମ୍ବାଦ ।"

"ବାପାଙ୍କର ଆକସ୍ମିକ ମୃତ୍ୟୁରେ ମୋର ମନର ବଳ ଏକାଥରେ ଭାଙ୍ଗି ପଡ଼ିଛି ଡାକ୍ତର ସାହେବ ।"

"ଭାଙ୍ଗି ପଡ଼ିବାର କୌଣସି କାରଣ ନାହିଁ ଯେହେତୁ ବୃଦ୍ଧ ଅବସ୍ଥାରେ ମରିବା ତାଙ୍କର ନିତ୍ୟାନ୍ତ ଦରକାର ଥିଲା । ସେଥିପାଇଁ ବୃଥାରେ ଦୁଃଖ କରି ଗୋଟାଏ ଚଞ୍ଚଳ ମନକୁ ଭାଙ୍ଗି ଦେଇ ତୁମେ ଠିକ୍ କରୁନାହଁ ସନ୍ଧ୍ୟା ଦେବୀ—ଅଚ୍ଛା ବିପିନ ଖବର କେତେ ଦୂର।

"ନିମକ ହାରାମ୍ ବିପିନ୍ ଯଥାସମୟରେ ପହଞ୍ଚି ସର୍ବନାଶ କରିଦେଲା ।"

"ସେ ସେଠାରେ କିପରି ?"

"ବୋଧହୁଏ ନଯୁନାର ଘରେ ଗୃହକର୍ତ୍ତା କରୁଛି ।"

"ବିପିନ ସଙ୍ଗରେ ପୁଣି ତାର ସମ୍ବନ୍ଧ କଣ ?"

ଯେତେଦୂର ଅନୁମାନ ଆମେ ଦୁହେଁ ଷଡ଼ଯନ୍ତ୍ର କରୁଥିବା ସମୟରେ ଟେଲିଫୋନ ସମସ୍ତ ଶୁଣିନେଇ ପରେ ପରେ ଗୃହକର୍ତ୍ତାରୁ ଇସ୍ତଫା ଦେଇ ଲଳିତବାବୁଙ୍କୁ ବିପଦ ମୁହଁରୁ ଉଦ୍ଧାର କରିବାର ଚେଷ୍ଟା କରୁଛି ।"

"ତ ହେଲେ ଲଳିତ ବାବୁ ବଞ୍ଚିଗଲେ ।"

"ଲଳିତ ବାବୁ ତ ଦୂରର କଥା । କିନ୍ତୁ ବିଶ୍ୱାସଘାତକ ବିପିନ୍ ସୁଶୀଲକୁ ମଧ୍ୟ ହତ୍ୟା କରିବ ତାକୁ ତ ହାର କରିବା ପଥରେ ଅଟେଇ ଦେଇଛି ।

ଏସବୁ କଥାର ବାସ୍ତବତା ଉପଲବ୍ଧି କରି ଡାକ୍ତର ବାବୁଙ୍କ ଦେହର ରକ୍ତଗୁଡ଼ା ଯେପରି ପାଣି ଫେଣ ପରି ପାଟି ଯିବାକୁ ଚେଷ୍ଟା କଲା—ହଠାତ୍ କହି ଉଠିଲେ ସେ—"ସନ୍ଧ୍ୟାରାଣି । ମୁଁ

ଯାହା ଦେଖୁଛି, ଏହି ନିକଟ ଭବିଷ୍ୟତରେ ତୁମ ଉପରେ ପ୍ରବଳ ବେଗରେ ଗୋଟାଏ ଝଡ଼ ବୋହିବ ।"

"କାହିଁକି—ବହିଲେ କଣ ଆପଣ ସେ ଝଡ଼ ଭିତରୁ ମୋତେ ରକ୍ଷା କରିବେ ନାହିଁ ।"

"ମୋତେ ଆଉ ସେ ପାପ କାମନା ବିପଦ ଭିତରକୁ ଟିକି ନେବାକୁ ଚେଷ୍ଟା କରନା ସନ୍ଧ୍ୟାରାଣୀ—ଏ ଯେଉଁ ଝଡ଼ ବାଲିତୋଫାନ ଦେଖାଇ ଉଡ଼ିବାକୁ ଚେଷ୍ଟା କଲଣି, ଏଥିରୁ ନିଜେ ଭଗବାନ ଆସିଲେ ମଧ୍ୟ ତୁମକୁ ରକ୍ଷା କରି ପାରିବେ ନାହିଁ ମୁଁ ବା କି ଛାର ।"

"ବିପଦଟା ଘଟନାଇ ଆସୁଥିବା ସମୟରେ ଆପଣ ଏସବୁ କି କଥା ପ୍ରକାଶ କରୁଛନ୍ତି ଡାକ୍ତର ବାବୁ ।"

"ଘଟନାଇ ନାହିଁ ସନ୍ଧ୍ୟାରାଣୀ ଅଚିରେ ଘଟନାଇ ଆସିବ, ଯେଉଁଥିରେ—ଆପଣ ସାଥି ହେବେ ନାହିଁ ।"

"ସାଥି ହେବା ତ ଦୂରର କଥା, ତୁମର ପିଛା ବି ଧରି ପାରିବି ନାହିଁ ।"

"କାହିଁକି ?"

"ସାଥି ହେଲେ ହୁଏତ ମୋର ଅବିବାହିତ ଜୀବନର ରହସ୍ୟ ଗରିମା ଭାଙ୍ଗି ପଡ଼ିବ ।"

"ମାନେ ?"

"ଏ ପ୍ରଗତି ଯୁଗରେ ଅଗ୍ରଗତି କରି ପାରିବ ନାହିଁ ।"

"ତାହେଲେ ଆପଣ କଣ ସାରା ଜୀବନ ଅବିବାହିତ ରହିବା-ପାଇଁ ଚାହାନ୍ତି ।"

"ଯେତେଦୂର ସମ୍ଭବ ।"

ସନ୍ଧ୍ୟା ସ୍ୱରରେ ଚଞ୍ଚଳ ହୋଇ କହି ଉଠିଲା—"ଡାକ୍ତର ! ତୁମ ଜୀବନର ଲକ୍ଷ୍ୟସ୍ଥଳ ଯଦି ଏହା, ତାହେଲେ ମୁଁ ଯେ ଗୋଟାଏ

ଗୋଲାପି ଲଫାଫାର ରଙ୍ଗିନ୍ ଛବି ଦେଖି ଦୂରରୁ ଟାଣିହୋଇ ଆସିଲି, ଏଥିପାଇଁ ଦାୟୀ କିଏ ?"

"ହାଃ, ହଃ, ହାଃ, ଅବିବାହିତ ଜୀବନରେ ଗୋଲାପି ଲଫାଫା ବା ପ୍ରେମ ଚିଠାଉ ଲେଖି ପଠାଇବା ଗୋଟାଏ କ୍ଷଣିକ ଉନ୍ମାଦନା ଛଡ଼ା ଅନ୍ୟ କିଛି କୁହାଯାଇ ପାରେନା । ସନ୍ଧ୍ୟାରାଣୀ ହୁଏତ ଘର ମୁହାଁଣିରେ ସେହି ମୋହ ଟିକକ ସୂର୍ଯ୍ୟାଲୋକ ଭିତରେ କୁହୁଡ଼ିପରି ଉଭେଇ ଯାଏ କିନ୍ତୁ ତୁମେ ଯେ ସେହି କ୍ଷଣିକ ଉନ୍ମାଦନାର ସ୍ୱପ୍ନ ଦେଖି ବିବାହିତ ଜୀବନରେ ଘରସଂସାର ଛାଡ଼ି ଉନ୍ମାଦନା ଦେଶରେ ଚୁମ୍ବକ୍‌ପରି ଟାଣିହୋଇ ଚାଲିଆସିବ, ଏହା ମୋର ଧାରଣା ନଥିଲା କେବେ ।"

"ତାହେଲେ କେଉଁ ସାହସ ନେଇ ମୋର ଯୌବନ ଉପରେ ।"

"ହୁଏତ ତୁମକୁ ଧରନେବାକୁ ହେବ ତାହା ଅବିବାହିତ ଜୀବନର ଗୋଟାଏ ଟୋଟାଏ Occasional Accident ବା ସାମୟିକ ମାମୁଲି ଦୁର୍ଘଟଣା ।"

"ଯାହାଁ ଦେଖୁଛି, ଦୁର୍ଘଟଣା ଭିତରେ ଗତିକର ମୋତେ ଗୋଟାଏ ଶିକ୍ଷା ପାଇବାକୁ ହେଲା ।"

"କେବଳ ତୁମେ ଏକା ପାଇ ନାହିଁ, ମୁଁ ମଧ୍ୟ ପାଇଛି—

Though love is sweet
Still love is danger
As it hunts new love
And kill the old lover.

"ଏସବୁ କଥା କହିବାକୁ ଯାଉଛ ଉତ୍ତର ।"

"ମାନେ ଯେଉଁ ସବଳ ଶାନ୍ତ ଯୁବକ ତୁମକୁ ତାହାର ଭାଗ୍ୟଉପରେ ସ୍ତ୍ରୀ ହିସାବରେ ଟେକିଧରି ଅନ୍ତର ସହିତ ଭଲପାଇ ନିଜର ସୁନାର ସଂସାର ଗଢ଼ିବାପାଇଁ ଯାଉଥିଲା, ତାହାର କଲିଜା ଉପରେ ଯେଉଁ ବିଶ୍ୱାସଘାତକତା ଢାଳିବାପାଇଁ ଯାଉଥିଲ ସେତୁଟା ବିଷଟୋପା । ସେହି କଲିଜାଟା ନାରୀକୁ ସହସଙ୍ଗିନୀ କରି ମୁଁ ଯେ ମୋ ଜୀବନଟାକୁ ମଧୁମୟ କରିପାରିବି, ଏହାରି କୌଣସି ମାନେ ହୋଇ ପାରେନା— ।"

"ମନେ ରଖିବାକୁ ହେବ, ସେହି ମାରାତ୍ମକ ବିଷ ଟୋପାକର ସଂଗ୍ରାହକ ହେଉଛ ତୁମେ ।"

"ତାହା ସ୍ୱୀକାର କରୁଛି ନିଶ୍ଚୟ । କିନ୍ତୁ ସେହି ହଳାହଳ ତୁମର ହାତରେ ଦେଇ କହିଥିଲି ଗୋଟାଏ experimental prove. ହୁଏତ ଆଧୁନିକା ପ୍ରଗତିଶୀଳା ନାରୀ ତାହାର ଧର୍ମନିଷ୍ଠ ସ୍ୱାମୀକୁ ବିଷଦେଇ ମାରିପାରେ କି ନା ।"

"ଓଃ, ତାହେଲେ ଏ ଭୁଲର ସଂଶୋଧନ ମୋତେ କରି ନେବାକୁ ହେବ ଡକ୍ଟର ।"

"ତାହା ମୁଁ ତ ଜାଣେଣି ଅନେକ ଆଗରୁ । ପ୍ରଗତିଶୀଳା ନାରୀ ନିଜ ଭୁଲର ସଂଶୋଧନ ନକରି କେବେ ଛାଡ଼େ ନାହିଁ ।"

"ମୋର ଅସ୍ୱସମ୍ମାନକୁ ଟ୍ରଟ୍ମାର୍ କରି ମୋର ସୁନେଲି ଭବିଷ୍ୟତ ଉପରେ ଖେଳିବାପାଇଁ ଯାଉଛୁ ଯେଉଁ ସୈତାନର ଖେଳ ।"

ଡାକ୍ତର ବାବୁ ଚେୟାର ଉପରୁ ଉଠିପଡ଼ି ସିଗାରେଟ ଖଣ୍ଡେ ମୁହଁରେ ଧରି ଦୋମହଲା ଉପରକୁ ଉଠିଯିବା ସମୟରେ କହିଲାଗିଲେ—"ଯେ ନିଜ ସ୍ୱାମୀର ସୁନାର ସଂସାର ଛାଡ଼ି କୁଳବଧୂ

ହିସାବରେ କୁଳୀନତା ଭୁଲି ଓରେଣ୍ଟାଲ ସ୍ମୋକ୍ ଭିତରେ ଷଢ଼େ ଷଢ଼େଟା ଚୁମା ଖାଇବାପାଇଁ ନିଦ୍ରଜରେ ବଧୂଲି ଅଧର ପତାଇଦିଏ, ତାର ପୁଣି ଗୋଟାଏ ଅମ୍ବସମ୍ମାନ, ସୁନେଲି ଭବିଷ୍ୟତ— ହାଃ, ହାଃ, ହାଃ ।”

ସନ୍ଧ୍ୟା ନାଗସାଓସର ଗର୍ଜିଉଠି କହିଉଠିଲା—“ଚୁପ୍‌କର ଦୁଷ୍ଟାସବାଠକ ସୈତାନ ।”

You shot up. ମନେରଖ, ଏ କୋଠି, ନାୟିକା ହିସାବରେ ନୃତ୍ୟ ଦେଖାଇବାର ରଙ୍ଗମଞ୍ଚ ନୁହେଁ କି ପ୍ରେମଖେଳ ଖେଳିବାର ଯୌବନର ହାଟ ନୁହେଁ । ଯା—ତୋ ପାଇଁ ଦୁନିଆରେ ବହୁତ ରଙ୍ଗମହଲ ଖୋଲି ରହିଛି, ତେଣେ ନାୟିକା ହିସାବରେ କୋଳକୁ ଭିଡ଼ିନେଇ ତୋପରି ଇଜ୍ଜତହରା ନାରୀର ସୁକୋମଳ ଗଣ୍ଡ ଉପରେ ଚୁମାଦେଇ ତୋର ଉଲଗ୍ନ ସଭ୍ୟତାକୁ ଢେଙ୍କି ନେବାକୁ ।”

“ଅଚ୍ଛା, ଅପେକ୍ଷାକର ନରାଧମ—ତୁ ମୋତେ ରଙ୍ଗିନ ଶିକାରର ଚମ୍ପକରେ ଟାଣିଅଣି ଯେପରି ଭାବରେ ଠକାଇବାକୁ ଚେଷ୍ଟାକରିଛୁ, ତାହାର ପ୍ରତିଶୋଧ ନ ନେଇ କେବେ ଛାଡ଼ିବି ନାହିଁ ସୈତାନ୍”—କହି ଦ୍ରୁତଗତିରେ ଚାଲିଗଲା ।

“ଉଲଗ୍ନା ଉଚ୍ଛୃଙ୍ଖଳା ନାରୀ—ପ୍ରଗତିର ହାଓ୍ୱା ଖାଇ ବିଷାକ୍ତ ମନର ଦାଉ ଭିତରେ ଦାବୀକରେ ପୁଣି ମୋ ପାଖରୁ ଗୋଟାଏ ସ୍ଥାୟୀ ବିବାହ ବନ୍ଧନର ଚକ୍ରାନ୍ତ—ଦୁର୍ବଳା ଉଗ୍ରଚଣ୍ଡୀ ପିଶାଚୀ—ମୋର ପୁଣି ନେବ ଗୋଟାଏ ପ୍ରତିଶୋଧ । ହାଃ, ହାଃ, ହାଃ” କହି ଉପରକୁ ଉଠିଗଲେ ।

—ସାତ—

ସତ ସାନ୍ତ୍ର ସକାଳ ଆସିଲା । ଗହଳ ଚହଳରେ ମନୋହରପୁର ଗାଁ ଦାଣ୍ଡଟା ଉଚ୍ଛୁଳ ଉଠିଲା । ଲଳିତ ବାବୁ ବାହାରକୁ ଉଠିଆସି ଦେଖନ୍ତି ତ ବେଳ ଅନେକ ହୋଇଗଲଣି । ବାସନ୍ତୀକୁ ଡାକି କହିଲେ—"ବାସନ୍ତୀ ! ଏତେବେଳ ହେଲାଣି, ମୋତେ କାହିଁ ଡାକ ଦେଇନୁ, ଏପରି ସ୍ୱପ୍ନ ନ ଦେଖେ କି ମୋର ଭେଳ ନହୁଏ ।"

"କି ସ୍ୱପ୍ନ ଦେଖିଲେ ଭାଇ ।"

"ସ୍ୱପ୍ନ ଦେଖିଲି, ତୋହର ଦୁଃଖିନୀ କର୍ମଠ ଜୀବନର ବସନ୍ତ ଫେରଛି । ତୋହରି ହାତରେ କୁଳସଂସାରର ମହାଦୀପ ଦେଇ ଉଠିଛି । ସେହି ଦୀପକୁ ଅନାଇ ସ୍ୱର୍ଗର ଦେବତା ହସୁଛନ୍ତି ଆଉ ମୁଁ କହିବାରେ ଲାଗିଛି—ବାସନ୍ତୀ ଦେଖିପା, ତୋହର ସୌଭାଗ୍ୟର ସଙ୍ଗୀକୁ ନେଇ ଗଢ଼ ତୁ ନୂଆ ସଂସାର । କିନ୍ତୁ ଭୁଲି ଯିବୁନି ଏ ହତଭଗା ଲଳିତର ସ୍ୱପ୍ନର ମନ୍ଦିର ଯେଉଁଠାରେ ଗୁନ୍ଥୁଥିଲା ଅଶ୍ରୁଲୁହରେ ମୋହନପାଇଁ ସେଉଫୁଲର ସଜ ହାର ।"

ହଠାତ୍ ବାସନ୍ତୀର ଢଳଢଳ ଆଖି ଦୁଇଟିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା ।

ଲଳିତ ବାବୁ କହିଉଠିଲେ—"ଛି ଭଉଣୀ ! ତୁ କାନ୍ଦୁଛୁ । ତୋର ଅଶ୍ରୁଲୁହ ଦେଖିଲେ ଯେ ମୋ କଲିଜାରେ ଆଘାତ ଲାଗେ । ଏହା କଣ ତୁ ଜାଣୁନା ?" ଏହା କହି ତା ଅଖିରୁ ଲୁହ ପୋଛି ଦେଲେ ।

ବାସନ୍ତୀ ମର୍ମବେଦନା ଲୁଚାଇରଖି କହିଉଠିଲା—"ଭାଇ ! ମୁଁ ଏହି ମଧୁମୟ ସଂସାର ଭିତରେ ଇଚ୍ଛାରହି ମଦନର ଚୂପଛାୟା

ଭକ୍ତିରେ ଜୀବନର ସମସ୍ତ ଦୁଃଖ ଏକାବେଳେ ଭୁଲିଯାଇଛି ଭାଇ । ବର୍ତ୍ତମାନ ତୁମେ ଆଉ ନୂଆ କାହାଣୀ ଶୁଣାଇ ଏ ସ୍ଥିର ମନଟାକୁ ଚହଲାଇବାର ଚେଷ୍ଟା କରନା—ମୁଁ ଚାହେଁ କେବଳ ଦେଖିବା ପାଇଁ ପୂଜାର ବେଦୀ ଉପରେ ଦେବତାଙ୍କ ରୂପ, ଲଳିତର ଅନୁତପ୍ତ ଜୀବନ ପୀଠ ଉପରେ ବାସନ୍ତୀର ଭକ୍ତ କରୁଣାର ଅଭିଯାନ । ଏହିଁକା ମୁଁ ମୋହରର ଇଙ୍ଗିତ ଉପରେ ମୋର ଗୁଡ଼ନଲି ଭବିଷ୍ୟତ—ଖାଇ ବଦଳରେ ଭାଇ ପାଇ ଯଦି ମୋର କର୍ମଜୀବନର ଲହ୍ରା କବାଟ ଭାଙ୍ଗିଯାଏ ତଥାପି ମୁଁ କହିବି ଜୀବନ ମୋର ଚହଲଗା ଭାଇ ଆଜ ମୁଁ ତାଙ୍କର ଏହି ସ୍ନେହମୟ ଛାୟା ଭିତରେ ଫୋଟିଏ ପୂଜାର ଭଉଣୀ—

ବାସନ୍ତୀର ହୃଦୟ ସ୍ପର୍ଶୀ ଏହି କଥା ଶୁଣି ଲଳିତବାବୁ ତାହାର ମୁଣ୍ଡକୁ ଆଉଁଶି କହି ଉଠିଲେ—ପାଗଳୀ ଭଉଣୀ ମୋର, ମନକୁ ଯାହା ଆସୁଛି, ତାହା କହିଯାଉଛୁ ।

× × ×

ସେହିଦିନ ଦିନ ତିନିଟା । ନୟନା ମୋଟର ଖଣ୍ଡକ ଧରି ହଠାତ୍ ଯାଇ ପହଞ୍ଚିଲା ଲଳିତବାବୁଙ୍କ ଘରେ । ବାବୁ ଅପ୍ରତ୍ୟାଶିତ ଭାବରେ ନୟନାକୁ ଦେଖି ଟିକାଏ ଚମକି ପଡ଼ିଲେ, କିନ୍ତୁ ଅତି ଆଦରର ସହିତ ତାକୁ ଘର ଭିତରକୁ ପାଛୋଟି ନେବାକୁ ଭୁଲିଲେ ନାହିଁ । ହଠାତ୍ ଡାକ ଛାଡ଼ିଲେ—ବାସନ୍ତୀ ! ବାସନ୍ତୀ !

ଭିତରୁ ଶବ୍ଦ ଶୁଭିଲା—"ଆଜ୍ଞା !"

"ଇଆଡ଼େ ଆ ଦେଖିବୁ ।"

ବାସନ୍ତୀ ଘର ଭିତରୁ ଦୌଡ଼ି ଆସି ଦେଖିଲା ତା'ର ସମ ଜଣେ ଅପରିଚିତା ଯୁବତୀ ଭାଇ ପଛାଡ଼ୁ ଠିଆ ହୋଇଛି—ଉଦ୍ଗ୍ରୀବର ଚିହ୍ନ ଦେଖାଇଦେଲା ସଙ୍ଗେ ସଙ୍ଗେ ।

ଲଳିତବାବୁ ଚିହ୍ନାଇ ଦେଇ କହିଲେ—"ଭଉଣୀ ! ଏ ସେହି ନୟନା ଦେବୀ, ଯାହାର ଜୀବନ କାହାଣୀ ତୋତେ ଦିନେ କହିଥିଲି ଏହି ଘରେ—ଯାଙ୍କର ଆଖିରେ ଲୁହ ଆସିଥିଲା ତୋହର ପାଇଁ ।"

ନୟନା ପ୍ରତି ନମସ୍କାର ଜଣାଇ କହିଲା—"ଲଳିତବାବୁ ! ଏ ସେହି ବସନ୍ତୀ ?"

ଉତ୍ତର ଆସିଲା—"ହଁ, ଯାହାର କରୁଣ ଇତିହାସ ଶୁଣାଇ ତୁମ ମନର କୋହକୁ ଜାଗ୍ରଇଥିଲି, ଏ ସେହି ହତଭାଗିନୀ ଦେବଦାସୀ ବାସନ୍ତୀ ।"—

ନାନା ଅଡ଼୍ ନାନା କଥା ଭିତରେ ଲଳିତବାବୁ ପ୍ରଶ୍ନ କରି ବସିଲେ—"ଅଚ୍ଛା ନୟନା ! ତୁମେ ଏପରି ଏ ଅବେଳାଟାରେ ନିପଟ ଗସ୍ତରେ କାର ଖଣ୍ଡିକ ଧରି କେମିତି ଚାଲି ଆସିଲ କହିଲ—ତୁମକୁ ଦେଖି ମୋତେ ଯେପରି ସାତ ସପନ ପରି ଲାଗୁଛି ।"

"କାହିଁକି ମୋତେ ଏପରି ଭାବିବାର କାରଣ ?"

କଥା ହେଉଛି, କାହିଁରେ କାଲି ଚିଠି ନାହିଁ, ପତ୍ର ନାହିଁ, ଖବର ନାହିଁ, ଅବର ନାହିଁ, ଏପରି ହଠାତ୍; ପୁଣି ତୁମପରି ବଡ଼ ଲୋକର ଝିଅ ମୋପରି ଗରିବ ଦୁଆରେ ଏ ଅସମୟରେ ଗୋଡ଼ ଦେବ, ଏହା ସ୍ୱପ୍ନରେ ମୁକା କଏ ଭାବିବ କାହିଁକି ।"

ନୟନା ହସି ହସି କହିଲା—"ଆପଣ କଥାଗୁଡ଼ାକ ବେଶ୍ ବାଟେଇ କହି ଜାଣନ୍ତି, ଅଚ୍ଛା ସେ କଥା ପରେ ବୁଝିବା, ଆଗେ ଆପଣ ମୁଣ୍ଡିଲି ଝାଳକି ଓଟେଇଲେ ।"

ଲଳିତ ବାବୁ ଅସ୍ଥିର ହୋଇ କହି ଉଠିଲେ—"ଏଁ—ମୋ ଘରେ ସୁଶୀଳ, ଏ ଖବର ତୁମକୁ ଦେଲା କିଏ ?"

"ଡ୍ରାଇଭର ରାମସିଂ ।"

"କି ଆଶ୍ଚର୍ଯ୍ୟ କଥା—ସୁଶୀଳପାଇଁ ଯେ ତାହାର ମା ବୁଢ଼ୀ ଅଛି ଦୈନିକ ସେ ଦୁଇଥରେ ମୁଣ୍ଡ ପିଟୁଛି ।"

"ତାହେଲେ ରାମସିଂ କଣ ଠକାଇଲା ।"

"ତୁମ ଘରପାଖରେ ସୁଶୀଳ ଅଛି ବୋଲି କହି ମୋତେ ସେଦିନ ଯେପରି ସେ ଠକାଇଥିଲା, ଆଜି ତୁମକୁ ମଧ୍ୟ ସେହିପରି ଠକାଇଛି ବୋଧହୁଏ ।"

"ତାହାର ଏପରିଭାବରେ ଠକାଇବାର କାରଣ କଣ ।"

"ମୁଁ ଯାହା ଅନୁମାନ କରୁଛି, ସନ୍ଧ୍ୟାର କଥାନୁସାରେ ସେ ସୁଶୀଳକୁ ହତ୍ୟାକରି ଅନ୍ଧ ବୃଦ୍ଧଙ୍କର ମନକୁ ମିଛରେ ପ୍ରବୋଧ ଦେବାର ଚେଷ୍ଟା କରୁଛି ନିଶ୍ଚୟ ।"

"ତାହା ହୋଇପାରେ ।"

"ଅଚ୍ଛା, ସେ କଥା ପରେ, ତୁମେ ଆଗେ ଖିଆପିଆଟା କରିନିଅ ।"

× × × ×

ଠିକ୍ ଅର୍ଦ୍ଧଘଣ୍ଟାକ ପରେ ଇନ୍‌ସପେକ୍ଟର ଅନିଲ ବାବୁ ନିଜର ସାଇକେଲ୍ ଘଣ୍ଟିଟାକୁ ଟିଣ୍ ଟିଣ୍ କରି ବଜାଇ ଦେଲେ ବାବୁଙ୍କର ଫାଟକ ପାଖରେ । ସେହି ଶବ୍ଦଟା ଶୁଣି ଲଳିତ ବାବୁ ବାହାରକୁ ଉଠିଆସି ଦେଖନ୍ତି ତ ଜଣେ ବଳିଷ୍ଠ ଭଦ୍ରଲୋକ । ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ନିଜର ଉଦ୍ବେଳିତ ନମସ୍କାରଟା ଜଣାଇ ତାଙ୍କୁ ନେଇଗଲେ ନିଜର ବୈଠକ ଖାନା ଘରକୁ । ଦୁହେଁ ଦୁଇଟି ଚେୟାର ଉପରେ ବସି ପଡ଼ିଲେ । ସାମାନ୍ୟ କଥୋପକଥନ ପରେ ଲଳିତ ବାବୁ ଶଙ୍କିତ ଭାବରେ ପଚାରି ବସିଲେ—"ଆଜ୍ଞା—ଆପଣଙ୍କ ନାମଟା ଜାଣିପାରେ କି ।"

"ମୋର ନାମ ଅମଲ ।"

"ଓଃ—ଆପଣ ତାହେଲେ ସେହି ଅମଲ ବାବୁ, ଯେ ବର୍ତ୍ତମାନ ସୁଶୀଳର ଅନୁସନ୍ଧାନରେ ଅଛନ୍ତି ।"

ଅମଲ ବାବୁ ଆଶ୍ଚର୍ଯ୍ୟହୋଇ ପଚାରିଲେ—"ଆପଣ ଏସବୁ ବିଷୟ ଜାଣିଲେ କିପରି ।"

"ଏଇ ନିକଟରେ କହି ଯାଇଥିଲି ଯେ, ଜମୁନା ତା ଘରକୁ ମୋତେ ଆମନ୍ତ୍ରଣ କରିନେଇ ଆପଣଙ୍କ ବିଷୟ ନେଇ କେତେକ କଥା କହୁଥିଲା ।"

"ଓଃ, ତାହେଲେ ଜମୁନା ଦେବୀ ବି ଜଣେ କମ୍ ଲୋକ ନୁହନ୍ତି ?"

ଜମୁନା ପହଞ୍ଚିଯାଇ—"ମାନେ ବଡ଼ ଦୁଷ୍ଟ ସେ, ନୁହେଁ ଅମଲ ବାବୁ, ନମସ୍କାର— ।"

"ଏଁ—ଆପଣ ଇଆଡେ କେମିତି ।"

"ଆପଣ ଯୁଆଡେ ଯେମିତି ।"

ହଠାତ୍ ଲଳିତ ବାବୁ ଚେୟାର ଉପରୁ ଉଠିପଡ଼ି କହିଲେ—"ଜମୁନା ! ତୁମେ ବସି ଅମଲ ବାବୁଙ୍କ ସହିତ କିଛିଏ ଆଳାପ କରନ୍ତୁ—ମୁଁ ପାଞ୍ଚମିନିଟ୍ ପାଇଁ କିଛିଏ ଭିତର ଆଡ଼େ ଯାଉଛି— ।"

ଲଳିତ ବାବୁ ଯାଇ ସାରିଲା ପରେ ଜମୁନା କହିଲା—"ମୁଁ ଯେ ସୁଶୀଲ ଭାଇଙ୍କ ସାକ୍ଷାତ କରିବାପାଇଁ ଆସିଥିଲି ।

"ମୁଁ ଯେ ଡ୍ରାଇଭର୍ ରାମସିଂକୁ ଆରେଷ୍ଟ କରିବାପାଇଁ ଆସିଥିଲି ।"

"କାରଣ ।"

"ରକ୍ତ ଗୁବୁକ୍ ମୋ ନିକଟକୁ ଚିଠି ଲେଖିଛନ୍ତି ଗଗନ ବାବୁଙ୍କୁ ଯେ ଖୁନ୍ କରିଛନ୍ତି ତାହାର ସନ୍ଧାନ ଯଦି ଆପଣ ଜାଣିବାପାଇଁ ଚାହାନ୍ତି ତା'ହେଲେ ଆପଣ ଲଳିତ ବାବୁଙ୍କ ଘରକୁ ଯାଇ ସମସିଂଙ୍କୁ ଦେଖା କରନ୍ତୁ, ସେ ଖୁନୀର ସନ୍ଧାନ ବତାଇ ଦେବ ।"

"ରକ୍ତ ଗୁବୁକ୍ କିଏ ସେ ?"

"ଗଗନ ବାବୁର ଖୁନୀ ବୋଲି ତ ଏପର୍ଯ୍ୟନ୍ତ ସନ୍ଦେହ ଭସ୍ପାଇଛି ।"

"କିନ୍ତୁ ସମସିଂ ଚିଠି ଉପରେ ନିର୍ଭର କରି ମୁଁ ଯେ ଏଠାକୁ ଅନ୍ଧକାରରେ ଦଉଡ଼ି ଆସିଲି ସୁଶୀଲ ଭାଇଙ୍କ ସାକ୍ଷାତ କରିବା ପାଇଁ ।"

"ଦେଖା ହଇଲ ?"

"ନା ।"

"ତାପରେ ।"

ଲଳିତ ବାବୁ ପ୍ରବେଶ କରି କହିଉଠିଲେ—"ତାପରେ ଦଇବ ଦୁର୍ଘଟଣାର ସାମାନ୍ୟ ଜଳଯୋଗ—ହେ ବାସନ୍ତୀ ଥୋଇଦେ ଏ ଟେବଲ ଉପରେ ।"

ବାସନ୍ତୀ ଜଳଖିଆ ପାତଟି ଥୋଇଦେଇ ଚାଲିଗଲା ଭିତରକୁ ।

ଅମାଳ ବାବୁ ହସ ହସ ମୁହଁରେ କହିଉଠିଲେ—"ଏ ପ୍ରଗତି ଯୁଗରେ ଆପଣଙ୍କ ସ୍ତ୍ରୀ ତାହାଙ୍କ ବଡ଼ ଲଜ୍ଜାଶୀଳା ପର ଜଣାପଡ଼ୁଛନ୍ତି ଲଳିତ ବାବୁ— ।"

ଲଳିତ ବାବୁ ଗୋଟାଏ ଦୀର୍ଘନିଃଶ୍ୱାସ ମାରିବସିଲେ—ନସୁନା ହସିଉଠିଲା ।

"ଏ କଣ—ଆପଣ ହସିଲେ ତାହାଙ୍କ ନସୁନା ଦେବୀ ।"

ନସୁନା ମୃଦୁ ହସି କହିଉଠିଲା—"ସେ ଲଳିତ ବାବୁଙ୍କର ସ୍ତ୍ରୀ ନୁହନ୍ତି ଅମାଳ ବାବୁ— ।"

"ଅଜ୍ଞ ।"

"ତାଙ୍କ ଭଉଣୀ ।"

"ଓଃ—ତାହେଲେ କ୍ଷମା ଦେବେ ଲଳିତ ବାବୁ—ନଜାଣି ଗୋଟାଏ କେତେ ବଡ଼ କଥା କହି ବସିଲି ।"

"ଯାଉନ୍ତୁ ସେ ବାଜେକଥା—ଆଗେ ଆପଣ ହାତ ଚଳେଇଲେ ।"

ଇନ୍ସପେକ୍ଟର ବାବୁ ଖାଇଁ ଖାଇଁ କହିବସିଲ— "ବୁଝିଲେଣି ଲଳିତ ବାବୁ ! ଅମଲ ବାବୁ ସମସିଂକୁ ଅରେଷ୍ଟ କରିବାପାଇଁ ଅପଣଙ୍କ ଘରକୁ ଗୋଟାଏ ବଡ଼ ଅଶା ନେଇ ଦଉଡ଼ି ଅସିଛନ୍ତି ।" '

"କାରଣ ।"

"ଗଗନ ବାବୁଙ୍କୁ ଯେ ଖୁନ୍ କରିଛି, ତାହାର ସନ୍ଧାନ କାଳେ ସେ ଜାଣେ ।"

ଲଳିତ ବାବୁ ଅସ୍ବଚ୍ଛ ଭାବରେ କହିଉଠିଲେ—"ମୁଁ ଯାହା ଦେଖୁଛି, ସମସିଂ ଏହା ଭିତରେ ଗୋଟାଏ ମସ୍ତବଡ଼ ଗୋଲକଧନ୍ଦା ସୃଷ୍ଟି କରିଛି—ଏ ଧନ୍ଦା ଭିତରେ ତାହାର ଅବସ୍ଥା ଯେ କେତେବେଳେ କଣ ହେବ, ମୁଁ ଭାବି କିଛି ସ୍ଥିର କରିପାରୁନହିଁ— ।"

ଅଚ୍ଛା ପ୍ରଥମେ ଅପଣ ମୋର ଅନ୍ତରଙ୍ଗ ବନ୍ଧୁର ଖବର କଣ କହିଲେ— ।

—କହିଲେ କଣ କରିବେ ।

"କରିବି ଅଉ କଣ, କେବଳ ପଚାରିବି ତାହାର ଜୀବନର ଲକ୍ଷ୍ୟ କେଉଁଠି ।"

"ମୁଁ ଯେତିକି ଜାଣେ, ତାହାର ଜୀବନର ଲକ୍ଷ୍ୟ କେବଳ ଜଣେକର ଭାଗ୍ୟକୁ ସଜାଡ଼ିବା ।"

"କାହାର ।"

"ବୋଧହୁଏ ଆପଣଙ୍କର ।"

"ଆପଣ ତାହା ଜାଣିଲେ କିପରି ।"

"ଯେହେତୁ ସୁଶୀଲ ମୋର ନିହାତ ଅନ୍ତରଙ୍ଗ ।"

ନଯ୍ନା ଅଜାଣତରେ ଅଧୀର ହୋଇ ପଚାରି ଉଠିଲା—"ସତେ ! ସୁଶୀଲ ଭାଇ ମୋର କି ଖୁଆସ୍ତି କରିଛନ୍ତି ଅନିଲ ବାବୁ ।"

"ସି, ଆଇ, ଡି, ଇନ୍‌ସ୍‌ପେକ୍ଟର ।"

ଲଳିତ ବାବୁ ନଯ୍ନା ଆଡ଼କୁ ଅନାଇ କହୁଥିଲେ— ଶୁଣୁଛ ନଯ୍ନା, ସି. ଆଇ. ଡି. ହୋଇ କିପରି ଚେଳ ଲଗେଇଛନ୍ତି— ରହ ପାଜି, ମୁଁ ଠିକ୍ ଏ ଯାଏଁ ତୋ ପାଖକୁ— ।"

ଅନିଲ ବାବୁ ହସି ହସି କହିଲେ—"ପାଜି ବୋଲି ପାଜି, ଏକଥାରେ ସେତିକାନ୍ କହିଲେ ଚଳେ—ଶୋଇଲା ବେଳେ, ବସିଲା ବେଳେ, କେବଳ ଆପଣଙ୍କ କଥା—କହୁ କହୁ ମୋତେ ଏପରି ହାଲିଆ କରିଛନ୍ତି ଯେ ଆଉ କଣ କହିବ ।"

"କଣ କଥା ।"

"ଆପଣଙ୍କ ଜୀବନର ପୁରୁଣା ମର୍ମଭେଦୀ ଇତିହାସ ।"

"ଏତେ ଦୁଷ୍ଟ ସେ, ମୋ ଜୀବନର ଗୁପ୍ତ କଥାଗୁଡ଼ା ନେଇ ଦାଣ୍ଡରେ ପକେଇଛନ୍ତି ।"

"କେବଳ ସେତିକି ନୁହେଁ, ଚୋରକର କହିଲା ଖୋଜିବାପାଇଁ ଜଣେ ସରସତାର ସାଥି ।"

"କାହିଁକି ।"

"ଆପଣଙ୍କର ଯୁଗଳଯୁଗଳକୁ ସଜାଡ଼ିବା ପାଇଁ ।"

"ନା—ନା—ଅମୀଲ ବାବୁ । ଆପଣ ସେ ସିଦ୍ଧାନ୍ତର କଥାରେ ପଡ଼ି ମୋର ଭାଗ୍ୟଟାକୁ ପ୍ରବଳ ତୋଫାନ ଭିତରେ ଦେବାପାଇଁ ଚେଷ୍ଟା କରନ୍ତୁ ନାହିଁ ।"

"ଏଡ଼େଇବାର ପ୍ରଶ୍ନ ଆଉ ନାହିଁ ଲଳିତ ବାବୁ—ସୁଶୀଲ ବାବୁର ଅନୁରୋଧରେ ବନ୍ଧୁର ପଦମର୍ଯ୍ୟାଦା ରକ୍ଷା କରିବାପାଇଁ ଭଗବାନଙ୍କ ଦୟାରେ କଷଟି ପଥରରେ ସୁନା କଷିଲପରି କଷି କଷି ପାଇଛି ଯେଉଁ ପୂଜାର ସାଥି, ତାକୁଇ ଜୀବନର ଭଙ୍ଗାଭାଗ୍ୟ ଉପରେ ଟେକିଧରି ଆପଣଙ୍କୁ ଗଢ଼ିବାକୁ ହେବ ଆପଣଙ୍କର ଧ୍ୱସ୍ତ ସଂସାର ।"

"ନା—ସେ ଅବାସ୍ତବ ଅନୁରୋଧ ଆଉ କରନା ଅମୀଲ ବାବୁ—ସେ ଦୁଃଖର କଥା ଆପଣ ଏକାବେଳେ ଭୁଲିଯାନ୍ତୁ—ପ୍ରଣୟର ବେଡ଼ି-ଭିତରେ ବାନ୍ଧି ହେବାର ମୋହ ଆଉ ମୋର ନାହିଁ । ଜୀବନର ସମସ୍ତ ଉଚ୍ଛୁଳ ଦୁଃଖ ଓ ଅନୁତାପ ଅଜାଡ଼ି ଦେଉଛି ମୋର ସେହି ଆରାଧ୍ୟ ଦେବତାର ପାଦ ଉପରେ ।"

"ଏପରି କି ପାଗଳର ପ୍ରଳାପ କରୁଛନ୍ତି ଆପଣ—ମୁଁ ଯେ ଗୋଟାଏ ଜବାବର ଅସ୍ତିତ୍ୱ ଭିତରେ ଏହି ପ୍ରଗତିର ନାରୀ ଅନୁଷ୍ଠାନ ନେଇ ଯେପରି ଭାବେ କିଛି ସମାଲୋଚନା କରି ଆସିଛି, ସେଥିରେ ଯେ ଢରୁଶୀ ଭାବର କଣ—ଏମରି ପରିସ୍ଥିତିରେ ଆପଣ ପ୍ରଳାପ କଲେ ମୋର ବ୍ୟକ୍ତିତ୍ୱର କଣ ମୂଲ୍ୟ ରହିବ—ଆପଣ ଶାନ୍ତାକର ଭାବିକେ ଟିକିଏ ଦେଖ ।"

"ସେଥିପାଇଁ ମହାପ୍ରଳୟ ସୃଷ୍ଟି ହେଉ ପଛକେ କିନ୍ତୁ ମୁଁ ସେ ନାଗଫାଶର ବ୍ୟୂହ ଭିତରେ କେବେ ପ୍ରବେଶ କରି ପାରିବି ନାହିଁ ।"

"ତାହାହେଲେ ମୁଁ ବି ସୁଶୀଲ ବାବୁର ସନ୍ଧାନ ବତାଇ ଦେଇ ପାରିବି ନାହିଁ ।"

ଗୋଟାଏ ବିରାଟ ସମସ୍ୟା ଭିତରେ ପଡ଼ି ଲଳିତ ବାବୁଙ୍କ ମନଟା ବିଚଳିତ ହୋଇଗଲା । ହଠାତ୍ ଭଲ କିଛି ସ୍ଥିର କରି ପାରିଲେ ନାହିଁ । ସ୍ୱଳ୍ପ ନୀରବତା ପରେ ଚିନ୍ତାକୁଳ ପ୍ରଶ୍ନ କରି ଉଠିଲେ—"ଅଚ୍ଛା, ଅମୀଲ ବାବୁ ! ସେ ପୂଜାରୀ ସାଥି କିଏ ?"

ଅମୀଲ ବାବୁ ହସି ହସି କହି ଉଠିଲେ—"ଯିଏ ବିଦ୍ରୋହୀ ଯୁଗଭରା ବାତ୍ୟା ଉପରେ ଭାସି ଆସି ଅନେକ ଅଗଣ୍ଡ ଧର କରଣୀର ଲୀଳାମାଟି ଉପରେ ଧର ବୋଧ ପରି ମିଶିଯାଇ ତାହାର ଭାଗ୍ୟ-ପଥରେ ସୁଶୀଳକୁ ଖୋଜିବାରେ ବ୍ୟସ୍ତ, ସେହି କପଟ ପଥରର ସଇସୁନା "ନସୁନା"—

ନସୁନା ହଠାତ୍ ଅତି ବିସ୍ମିତ ହୋଇ ଚମକି ଉଠି ଡାକି ଉଠିଲା—"ଅମୀଲ ବାବୁ !" "ହୁଁ-ହୁଁ-ହୁଁ-ଚମକି ଉଠନା ନସୁନା ଦେବୀ—ଆପଣଙ୍କୁ ତାହା କରିବାକୁହିଁ ହେବ ।"

"ମୋତେ ଆପଣ ସଇସୁନା ପରି ରୂପରେ କହିଲେ ଅମୀଲ ବାବୁ ।"

"ସେଦିନ ଆପଣଙ୍କ ଘରେ—ସନ୍ଧ୍ୟାକୁ କେସ କରିବା ସମ୍ବନ୍ଧ ନେଇ ତର୍କବିତର୍କ ହେବାପରେ ।"

"ନା, ସେ କଥା କେବେ ହୋଇ ପାରିବ ନାହିଁ ଅମୀଲ ବାବୁ ।"

"କାରଣ ।"

"ତାହା ଯଦି କରି ବସେ ତାହେଲେ ମୋର ଜୀବନର ବ୍ରତ ପୂର୍ଣ୍ଣ ହୋଇ ପାରିବ ନାହିଁ ।"

"ଆପଣଙ୍କ ଜୀବନର ପୁଣି ଗୋଟାଏ ବ୍ରତ କଣ ?"

ଦୀର୍ଘ ନିଃଶ୍ୱାସ ପକାଇ ଅବଶୋଷ ପ୍ରାଣରେ କହି ଉଠିଲା ନସୁନା—"ସେ ବହୁତ କଥା ଅମୀଲ ବାବୁ—ଯେତେବେଳେ

ସୁଶୀଲ ଭଳି ଗରିବ ଘର ସଂସାରର ସମସ୍ୟା ନେଇ ମୋହର ଭାଗ୍ୟର ପ୍ରକୃତପକ୍ଷରେ ପ୍ରଗତିଶୀଳା ନାରୀ ବନ୍ଧୁଙ୍କରେ କରୁ ଲପଣି ଦେବାକୁ ଲାଗିଲେ, ସେତେବେଳେ ଏହି ଯୁବତୀ ଜୀବନର ସଞ୍ଚିତ ଆଶା ଶିହରି ଉଠିଲା—ମୁଁ ଭାବିଲି ତାଙ୍କର ଜୀବନର ସାର୍ଥକତା ତାଙ୍କୁ ଦେଖାଇ ଦେବ ପ୍ରକୃତରେ ଗରିବ କୁଡ଼ିଆର ଲୁହା ଶିଅକ ମୋର ହାତରେ ଦପଦପକୁ ହସି ଉଠିବ କି ନା—ଶିଶୁ ଅମଳ୍ ଖାଇ, ପାଠ ପଢ଼ମା ଶିଖ ଚଳି ଆସିଥିଲି ଏପର୍ଯ୍ୟନ୍ତ । କିନ୍ତୁ ଏବେ ଚେଷ୍ଟା କରିବି ଖାଇବାପାଇଁ ସୁଶୀଳ ଜନ୍ୟରେ ସଙ୍କୁଚି ହାତ୍ରିର ତାଡିଲ ଜାଉ, ପିନ୍ଧିବାପାଇଁ ସାଇତା ପେଡ଼ିର ପୁରୁଣା ଲୁଗା—କିନ୍ତୁ ବର୍ତ୍ତମାନ ଆପଣଙ୍କ ନିର୍ଦ୍ଦେଶରେ ଏପରି କର୍ମ କରି ବସିଲେ ହୁଏତ ଏ ଝାଣୁଅ ଭାଗ୍ୟ ଉପରେ ସେ ପରୀକ୍ଷାର ଛାଇ ଆଉ ପଡ଼ିବ ନାହିଁ । ମନର ପାଞ୍ଚିଲି ବ୍ରତ ପାଣି ଫୋଟକା ପରି ଏକାବେଳେ ଫାଟିଯିବ ।"

ନୟନାର ଭାଷଣରେ ପ୍ରୀତ ହୋଇ କହି ଉଠିଲେ—ଲଳିତ ବାବୁ—"ନା—ନା—ଅନିଲ ବାବୁ ! ନୟନାକୁ ତାହାର କର୍ମପଥରେ କର୍ତ୍ତବ୍ୟ କରିବାକୁ ଦିଅ—ଯେଉଁ ସୁଶୀଲ—ପାଇଁ ତାର ସାରା ଜୀବନଟା ହୋଇ ଉଠିଛି ହାହାକାର, ଯେଉଁ ସୁଶୀଲପାଇ ତାର ଆଶା ଓ ଆକାଂକ୍ଷା ହୋଇ ଉଠିଛି ଶକ୍ତି, ଜନ୍ମ, ଆଦର୍ଶ, ତାକୁଇ ପୃଥ୍ୱୀ ଗୁଣ୍ଡ ଦେବାକୁ ଚେଷ୍ଟା କରୁଛ ମୋହର ଲକ୍ଷ୍ମୀକାନ୍ତ, ଉତ୍ତପ୍ତ କର୍ମପୀଠ ଉପରେ—ସେ ଦୁର୍ଦ୍ଦଶା କରନା ଅନିଲ ବାବୁ ! ତାହା ପଡ଼ିବା ଖର ବସ, ନୟନା ତାହାର ଭବିଷ୍ୟତ ଭାଗ୍ୟକୁ ନେଇ କେବେ ସୁଖୀ ହୋଇ ପାରିବ ନାହିଁ ।"

"କାରଣ ।"

"ତାହାର ସେହି ବାଲ୍ୟ ଚପଳତାର ମୋହ ଭିତରେ ସୁଶୀଲ ପାଇଁ ଗୋଟାଏ ଅବଶୋଷ ରହିଯିବ—ତାଙ୍କୁ ଛୁଇଁଦିଅ, ସେ ସୁଶୀଲ ଜୀବନର ସୁପ୍ତ ଗନ୍ଧ ସୁଅଳପରେ ହସି ଉଠି ତାର ସ୍ୱର୍ଣ୍ଣ ସ୍ୱପ୍ନର ହୃଷ୍ଟଚଞ୍ଚଳତା ଫୁଟାଇ ନେଉ—ସେ ବହୁ ଧନ୍ୟରେ ଘର ସଂସାର, ଧନ୍ୟରେ ସ୍ୱାମୀର ପୂଜା" ଏକାକହି ସେ ଘରର ଭିତର ଆଡ଼େ ଚାଲିଗଲେ ।

"ହଁ ମୁଁ ତ ଜାଣେ, ଝିଅଟୋକାଙ୍କର ମାଡ଼ଖାଇ ଅବଶୋଷ ଦୁନିଆର ପାଗଳ ଏହିପରି କହିବ—ଅସ୍ଥ ନସ୍ୟୂନା ଦେବୀ ! ଆପଣ ଯେଉଁ ମର୍ମାନ୍ତିକ ଭାଷଣ ଦେଲେ ତାହା ଅବଶ୍ୟ ମୁଁ ଉପଲବ୍ଧି କରି ପାରୁଛି କିନ୍ତୁ ଆପଣ ପ୍ରଥମେ ଭାବି ଦେଖନ୍ତୁ—ଗୋଟିଏ ପାଖରେ ସୁଶୀଲ ବାବୁ ଓ ଅନ୍ୟ ପାଖରେ ଲଳିତ ବାବୁ, ବିଗୁର କରିବାକୁ ହେବ । ଦୁହିଙ୍କ ଭିତରୁ କାହାର ହୃଦୟ ଦୁଃଖ ଦଗ୍ଧର ଲହରୀ ଉପରେ ଭାସିଉଠି ଅବଶାନ୍ତ ଅଶ୍ରୁ ଗଡ଼ାଏ କାହାର କଳିଜାରୁ ଝରଣ କଣ୍ଟାଗ୍ରର କାଟଣ ଉପରେ କାଟିଦେଇ ଅବସ୍ଥାନ ତଳରେ ଧୀର ଧୀର ଚହ୍ଲାଇ କହୁଛନ୍ତି"—

ମନ ଓ ବିବେକର ସଂଗ୍ରାମ ଭିତରେ କହିଉଠିଲ ନସ୍ୟୂନା—"ମୁଁ ଯଦି ଆପଣଙ୍କ ଅନୁରୋଧରେ ନିଜ କର୍ତ୍ତବ୍ୟର ବାଟ ଛାଡ଼େ ତାହେଲେ ସୁଶୀଲ ଭାଇର ସନ୍ତପ୍ତପ୍ରାଣ କଣ କହିବ ଜାଣେନ୍ତି ?"

"କଣ କହିବ ?"

"ପାପାଣୀ, ବାରନାରୀ, କୁଳଟା—ଏଇଥିପାଇଁ ଯୁବତୀ ଜୀବନର ସୁଲଭତା ଦେଖାଇ ମୋତେ ତୋ ଆଡ଼କୁ ଟାଣି ନେବାକୁ ଚେଷ୍ଟା କରିଥିଲୁ ନସ୍ୟୂନା—ତୋର ସେହି ସୈତାନୀ ଆଖିର ଇସାରିଆ ଇଙ୍ଗିତ ଏତେ ଖାଲି ଏତେ ବସନ୍ତ—ସାମାନ୍ୟ ଏହି ଯୌବନର ମାଦକତା ସହି ନ ତୋର ଜୀବନ ନାଟକ ଉପରେ

ଅଡ଼ ବନ୍ଧୁବାନ୍ଧ ଅଟେଇ ପାରିଲ୍ ନାହିଁ । ଅଦ୍ଭୁତ ଗର୍ବ କରି କହୁଥିଲ୍ ସୁଶୀଲ ଭାଇ ! ନଯୁନାକୁ ସନ୍ଧ୍ୟା ଅଟେ ବସନ୍ତର ନୃତ୍ୟ, ଗାଇଅଟେ ପ୍ରେମ ଉପାସର ଗୀତ,—ଛି ବିଶ୍ୱାସଘାତିନୀ ! ସୁଶୀଲର ସମାଜ ଉପରେ ତୋର ଶେଷକୁ ଏହି ଦାଉ ସାଧିବାର ଥିଲା—ତାହାର ଅଶାର ଜ୍ୱଳନ୍ତ ଉଦ୍‌ବେଗତକୁ ଏକାଥରେ ପୋଡ଼ି ଜାଳି ଅଙ୍ଗାର କରିଦେଲ୍ ।”

"ହୁଁ, ହୁଁ, ହୁଁ, ଅପଣଙ୍କର ଭାବନା ଲହରୀ ଓ ସାଗରର ଲହରୀକୁ ହଟାଇ ଦେଇ ମୁଁ ଯାହା ଦେଖୁଛି । ଏସବୁ ଅବାସ୍ତବ କଳ୍ପନା ଅପଣଙ୍କର ନାହିଁ କି—ଅପଣ ଦେଖନ୍ତୁ, ଗୋଟିଏ ପାଖରେ ସୁଶୀଲ ଅପଣଙ୍କ ପ୍ରଗତିକୁ ଧକ୍କା ଦେଇ ସ୍ୱପ୍ନ, ଅନ୍ୟ ପାଖରେ ଲଳିତ ତାହାର ଜୀବନର ଦାରୁଣ କାହାଣୀ ଶୁଣାଇ ଜାଗ୍ରତ । ଦୁନିଆରେ କୁଳଟା କିଏ—ଯିଏ ନିଜ ଯୌବନର ଜ୍ୱାଳା ସହି ନପାରି ଗୁପ୍ତ ପିରିତିର ଛଟା ଭିତରେ ବାର ପ୍ରେମିକଙ୍କୁ ଦୂରରୁ ଟାଣି ଅଣିବାର ଚେଷ୍ଟା କରେ ସେ ହେଉଛି କୁଳଟା । କିନ୍ତୁ ଅପଣ ତାହା ନକରି ସାଉଁଚନ୍ଦ୍ର କଣ୍ଠର ପୋଡ଼ା ଭାଗ୍ୟରେ କର୍ତ୍ତବ୍ୟର ମାଟି ନେଇ ଅଦର୍ଶ ଘର ସଂସାର ଗଢ଼ିବାକୁ—ଏପରି ପରିସ୍ଥିତିରେ ଅପଣଙ୍କର କଣ କର୍ତ୍ତବ୍ୟ ନୁହେଁ ଅଦର୍ଶବାଦିନୀ ସ୍ତ୍ରୀ ହିସାବ ରେ ଅପଣଙ୍କର ପ୍ରଗତିର ମହତ୍ତ୍ୱକୁ ଫୁଟାଇ ବ୍ରତ ପ୍ରସାଦରେ ଶିବଙ୍କ ମନ୍ଦିର ଚୂଡ଼ାରେ ଜାଗର ଦୀପ ଜାଳିବା—ସୁଶୀଲର ସାମାଜିକ ଜୀବନ ଏପରି ଦୁର୍ବଳ ଅବର୍ଜନା ଭିତର ଦେଇ ଗତି କରିନି ଜସ୍ମୁନା ଦେବୀ—ସେ ଅପଣଙ୍କୁ କୁଳଟା ବିଶ୍ୱାସଘାତିନୀ କହିବା ପରିବର୍ତ୍ତେ ବରଂ କହିବ ନସ୍ମୁନା ! ଜୀବନର ଦୁର୍ଗମପଥ ଅତିକ୍ରମ କରି ସୁଗମପଥରେ ଅଗେଇ ଯାଅ ।”—

"ବୁଝିଲେ ଅମଲ ବାବୁ ! ମୁଁ ମୋର କର୍ତ୍ତବ୍ୟ କରିବା ହିସାବରେ, ଲଳିତ ବାବୁଙ୍କ ଘରସଂସାରକୁ ସଜାଡ଼ିବାରେ ସାହାଯ୍ୟ କରିପାରେଁ କିନ୍ତୁ ମୋର ସ୍ୱୀତ୍ୱକୁ ଯେ ସେଠାରେ ଜଳାଞ୍ଜଳି ଦେଇ ସୁଶୀଲ ଭାଇର ଆଶାରେ କୁହୁଳା ନିଆଁ ଢାଳିବି, ଏହା କେବେ ହୋଇ ନପାରେ ।"

"ତାହେଲେ ବୁଝିବାକୁ ହେବ ଅପଣ ଜଣେ ବଡ଼ ସ୍ୱାର୍ଥପର ।"

"କିପରି ?"

"ଜଣକ ପାଇଁ ସ୍ୱୀତ୍ୱର ସରଞ୍ଜାମ ସାଇତି ରଖି ଅନ୍ୟଜଣଙ୍କ ପାଇଁ ଶୁଖିଲା ସହାନୁଭୂତିର ପ୍ରଦର୍ଶନ ଦେଖାଇବାର ମାନେ ।"

"ପ୍ରଦର୍ଶନ କରିବାର ପ୍ରଶ୍ନ ତ ଏଥିରେ କିଛି ନାହିଁ ।"

"ନାହିଁ କଣ—ଜଣଙ୍କର ଫଟାକପାଳ ଉପରେ ଦଉଡ଼ଦେଇ ଘରସଂସାର କରିବାକୁ ହେଲେ ସେଠାରେ ବଳିଦେବାକୁ ହୁଏ ନିଜର ସ୍ୱୀତ୍ୱ ଅଭ ପୂଜା—କରିବାକୁ ପଡ଼େ ଘର କୋଣର ଇଷାଣ, ତାହା ନହେଲେ ସେ ଭାଙ୍ଗିଲା ଘର କେବେ ଗଢ଼ି ହୋଇ ଉଠେନି ବରଂ କଣାଗୁହାର ତଳପେଟରେ ଅଝଜ ଥିବା ଫାଟିଲା ଫଟା ବାଉଁଶ ନଇଁ ପଡ଼େ ।"

"ତାହେଲେ ମୋତେ କଣ ସୁଶୀଲ ଭାଇଙ୍କ ନିର୍ଦ୍ଦେଶରେ ଅପଣଙ୍କ ଆଦେଶ ମାନିବାକୁ ହେବ ଅମଲ ବାବୁ ।"

"ନିଶ୍ଚୟ—ତା ନହେଲେ ସୁଶୀଲର ଶାଣୁଆ ମୁହଁଟା ତୁମକୁ ବାରବିଳାସିନୀ କହିବାକୁ ଭୁଲିବ ନାହିଁ ।"

ଲଳିତ ବାବୁ ହଠାତ୍ ପଶିଆସି କହିଉଠିଲେ—"ମାନେ, ନୟନା ଦେବୀଙ୍କ ସହିତ ଅପଣଙ୍କର ସଂଗ୍ରାମ ଶେଷ ହୋଇନାହିଁ ଅମଲ ବାବୁ ।"

"ନାହିଁ ଆଜ୍ଞା, ଆପଣ ଆସିବା ପୂର୍ବରୁ ଦୁଇଜଣଙ୍କ ଭିତରେ ସନ୍ଧି ହୋଇଗଲା ।"

"ମାନେ ?"

"ଉଡ଼ାଜାହାଜ ଉପରେ ବସି ଆପଣଙ୍କୁ ଏହ୍ମଟର ଆକାଶରେ ଉଡ଼ିବାପାଇଁ ପଡ଼ିବ ।"

"ଅମୀଲ ବାବୁ ! ଆପଣ ରାମସିଂଙ୍କୁ ଭେଟିବାକୁ ଆସି ଏ ଯେଉଁ କାଣ୍ଡ ସୃଷ୍ଟି କଲେ ଏଥିରେ ଆପଣଙ୍କୁ ମୁଁ ଯେ କ ଶାସ୍ତି ଦେବ କିଛି ଭାବିପାରୁନାହିଁ ତଥାପି ଅପଣ ମୋ ମଥାଉପରେ ଯେଉଁ ଗୁରୁଭାର ଲଦିଦେବାପାଇଁ ପ୍ରବଳ ଚେଷ୍ଟା ଚଳାଉଛନ୍ତି ଏହା ସୁଶୀଲର ସାକ୍ଷାତ ନ ପାଇଲେ ।"

"ମାନେ ?"

"ଏ ଦାୟିତ୍ୱ ମୁଣ୍ଡାଇବା ମୋ ପକ୍ଷରେ ସମ୍ଭବପର ହୋଇ ପାରିବ ନାହିଁ ।"

"ଅଚ୍ଛା, ସୁଶୀଲକୁ ସାକ୍ଷାତ କରାଇ ପାରିଲେ ପରଶମର ପୁରସ୍କାର ।"

ନୟନା ହସି ହସି କହିଲ—"କାର୍ଯ୍ୟଟା ସମାଧାନ ନ କରିବା ଆଗରୁ ପୁରସ୍କାରଟା ଦାବୀ କରିବା ଆପଣଙ୍କପରି ଭଦ୍ରଲୋକ ପକ୍ଷରେ ଟିକ୍ ହେଉନ ଅମୀଲ ବାବୁ ।"

"ହଉ, ଅଭଦ୍ର ଭାବରେ ଯାଉଛି, କିନ୍ତୁ ସୁଶୀଲକୁ ସାକ୍ଷାତ କରିପାରି ମୋତେ ମୋର ପୁରସ୍କାରଟା ଦେବାପାଇଁ ଯେପରି ନ ଭୁଲନ୍ତି ନୟନା ଦେବୀ—ପୁରସ୍କାରଟା ସେମିତି କିଛି ପାହାଡ଼ ଉଲଟା କାମ ନୁହେଁ ଯେ କାଲିକାଠର କହିବା କଥା ଯେହେତୁ ବାହାଘରର ହାତଗଣ୍ଠି ଭିତରେ ଗଡ଼ୁ ବେଲ୍ଲଭୂତ—ହୁଁ—ହୁଁ—ହୁଁ ।

## —ଆଠ—

ଡ୍ରଇଁ ରୁମରେ ନାନା ରକମର ବହି ଓ ପତ୍ରପତ୍ରିକା ପଢ଼ି ପଢ଼ି ଡାକ୍ତର ବାବୁ ଘଡ଼ିଟାକୁ ଅନାଇ ଦେଖିନେଲେ ବାଜିଛି ବାର । ହଠାତ୍ ଚାକରକୁ ଡାକିଦେଇ ବାବୁ ମୁହଁରେ ଖଣ୍ଡେ ସିଗାରେଟ ଜାମୁଡ଼ି ଉଠି ଯାଉଛନ୍ତି ଦୋମହଲା ଉପରକୁ । ଏପରି ସମୟରେ ବାହାରେ ଗୋଟାଏ ମୋଟରର ହର୍ଣ୍ଣ ଶୁଭିଲା । ଡାକ୍ତର ବାବୁ ଉପରକୁ ନଯାଇ ବେଲିଂଟା ଧରି ଅଧାଅଧିରେ ଠିଆ ହୋଇ ରହିଲେ । ଟିକ୍ ପାଞ୍ଚମିନିଟ୍ ପରେ ଦେଖିବାକୁ ପାଇଲେ ସନ୍ଧ୍ୟା ଖଦି ପୋଷାକ ପରଧାନ କରି ଆସିଛି ତାଙ୍କର ପାଖକୁ । ସେହିଠାରେ ଥାଇ ପଚାରିଲେ—"କି ସନ୍ଧ୍ୟା ! ଏତେ ରାତିରେ ?"

"ବଡ଼ ଅବଶୋଷ ଡାକ୍ତର ବାବୁ ! ମୁଁ ଯେପରି ଭାବେ ସେଦିନ ଆପଣଙ୍କ ସହିତ ଗରମ ମିଜାଜରେ କଥାବାର୍ତ୍ତା କରିଗଲି ସେଥିରେ ଅବଶ୍ୟ ମୁଁ ବଡ଼ ମର୍ମାହତ ହୋଇଛି । ସେହି ହିସାବରେ ଆସିଥିଲି ଆପଣଙ୍କଠାରୁ ଦୋଷର କ୍ଷମା ମାଗିନେଇ ବିଦାୟ ନେବାପାଇଁ ।"

ଡାକ୍ତର ବାବୁ ତଳକୁ ଓହ୍ଲାଇ ଆସି ସନ୍ଧ୍ୟାକୁ ବସିବାପାଇଁ କହିଲେ ଓ ନିଜେ ବସୁ ବସୁ କହିଲେ—"ଏହି ମାମୁଲି ଅନୁରୋଧ-ପାଇଁ ଏତେ ରାତିରେ ମୋ ନିକଟକୁ ଆସିଲ ସନ୍ଧ୍ୟା !"

"ଏତେ ରାତିରେ ଆସି ନଥାନ୍ତି ଯେ କିନ୍ତୁ ଭାବିଲି ମନୋହରପୁର ଯିବା ପୂର୍ବରୁ ଡାକ୍ତର ବାବୁଙ୍କ ନିକଟରୁ ପ୍ରଥମେ ବିଦାୟ ନେଇ ଆସିବାକୁ ହେବ ।"

"କେଉଁ ଦିନ ଯିବ ?"

"କାଲି"

"ବେଶ୍, ଫେରିଯାଇ ସେଠାରେ ନିଜ ଦୋଷର କ୍ଷମା ମାଗି ନେଇ ନିଜର ଘର ସଂସାର କରିନିଅ, ଖୁବ୍ ଭଲ ହେବ।"

"ବିଦାୟ ନେବା ପୂର୍ବରୁ ଆପଣଙ୍କ ସହିତ ଆଉ କିଛି ମଧୁର-ଆଳାପ କରିବାର ସୁଯୋଗ ମିଳିବ ନା—"

"ମିଳିବ ନାହିଁ କାହିଁକି ତଥାପି ମୋତେ ଆଉ ସେହି ବିରାଟ ସମସ୍ୟା ଭିତରକୁ ଟାଣି ନେଇ ମୋର ମଥାଟାକୁ ବିଚଳିତ କରିବାର ଚେଷ୍ଟା କରନା ସନ୍ଧ୍ୟା ଦେବୀ—ତୁମେ ଫେରିଯାଅ।"

"ଏତେଦିନର ପ୍ରେମ-ମମତାକୁ ଦୂରରେ ଠେଲିଦେଇ ମୋତେ ଏପରି ଘୃଣା ଦୃଷ୍ଟିରେ ଦେଖୁଛନ୍ତି ଡାକ୍ତର ବାବୁ।"

"ଘୃଣାର କାର୍ଯ୍ୟ କରିଛ ଯେତେବେଳେ, ଘୃଣା ନ କରିବି ବା କିପରି ସନ୍ଧ୍ୟାରାଣୀ—ଅବଶ୍ୟ ତୁମର ଭବିଷ୍ୟତ ପାଇଁ ମୋର ଗୋଟାଏ ଅବଶୋଷ ଅଛି—ଅସଲେ ମଧ୍ୟ ଉପାୟ ନାହିଁ।"

"ଏ ନାରକୀୟ ଜୀବନଟାକୁ ସଜାଡ଼ି ନେବାର କଣ କୌଣସି ପନ୍ଥା ନାହିଁ।"

"ନଥିବ କାହିଁକି—କିନ୍ତୁ।"

"କିନ୍ତୁ।"

"ତୁମର ଭବିଷ୍ୟତକୁ ସଜାଡ଼ି ନେବାର ଅସ୍ତ୍ର ମୋ ପାଖରେ କିଛି ନାହିଁ।"

"ତାହେଲେ ମୋତେ ନିରାଶ ହୋଇ ଫେରିଯିବାକୁ ପଡ଼ିବ।"

"ଯେତେଦୂର ସମ୍ଭବ"।

ସନ୍ଧ୍ୟା କ୍ରୋଧରେ ଜଳିଉଠି କହି ଉଠିଲା—"ଡକ୍ଟର! ତୁମକୁ ଏହି ଉପାୟ ବତାଇବାକୁହିଁ ହେବ।"

"ବିନାନୁମତରେ ମୋର କୋଠି ଭିତରେ ପ୍ରବେଶ କରି ଏ ତୃଷ୍ଣା ଯୌବନର କଡ଼ା ଅଖି ଅଜ କାହିଁକି ସନ୍ଧ୍ୟାରାଣୀ—ଯାଅ, ତୁମର ସେହି ପୁଷ୍ଟନ୍ତ ଗୋଲପି ଅଧର ଉପରେ ଚୁମାଦେଇ ଉପାୟୁ ବଢ଼ାଇଦ୍ୱାର ମୋହ ମୋର ମରିଯାଉଛି । ଦୁର୍ବହ ଅଶାର ସ୍ୱପ୍ନଦେଖି ତୁମେ ଫେରିଆ—ଦରଜାଟା ତୁମପାଇଁ ମୁକୁଳା ଅଛି ।"

"ଏହି ମୁକୁଳା ଦରଜା ବାଟେ ଫେରିଯିବ—ହାଃ, ହାଃ, ହାଃ ।"

"ଅଜ ଏ ଅଭିମାନୀ ଜୀବନର ଅଟ୍ଟହାସ କାହିଁକି ସନ୍ଧ୍ୟା ଏ କାଳଚକ୍ରର ନିସ୍ତବ୍ଧତା ଭିତରେ ।"

ଏହି ସମୟରେ ଚଟ୍ଟକରି ଗୁଳିଅଏ ପିସ୍ତଲଟା ଅଜାଇ ରହିଲା ଡାକ୍ତର ବାବୁଙ୍କର ମୁଣ୍ଡଟାକୁ ଲକ୍ଷ୍ୟ କରି । ଦେଖରେ ଜଣ୍ଟୁଗୁଡ଼ା ଅସ୍ତ୍ରେ ଅସ୍ତ୍ରେ ଖୀଥିଲ ଅବସ୍ଥାକୁ ଗୁଳିଅଟିଲ ତାଙ୍କର । ସେ ନିଜର କୌଶଳ ପ୍ରୟୋଗ କରି ପୋମହଲ ଉପରକୁ ଉଠିଯିବା ସମୟେ ଅର୍ଦ୍ଧାଙ୍କ ଶୁଭିଲା—"ଏଁ ସୈତାନ୍ ଠିକ୍ ସେହିଠାରେ ଅଟକାଇ ରହ—ନଚେତ୍ ପାଦେ ଅଗେଇଲେ— ।"

ମୋଦନୀ ବାବୁ ଭୟରେ ଥର ଥର ହୋଇଉଠିଲେ—"ଏଁ—ଏ କଣ ସନ୍ଧ୍ୟାଦେବୀ ।"

"ଯୌବନ ସ୍ୱାଦରୁ ପିଇବାପାଇଁ ଅଛିନ୍ତି ଗୋଟାଏ ପରିସ୍ତ ରସର ପିଅଲ ।"

"ସନ୍ଧ୍ୟାଦେବୀ, ସନ୍ଧ୍ୟାଦେବୀ । ମୋତେ କ୍ଷମାକର—ତୁମକୁ ଅପମାନ ଦେଇ ହୁଏତ ମୁଁ ଗୋଟାଏ ମସ୍ତବଡ଼ ଭୁଲ୍ କରିଛି ।"

"ହୁଁ, ହୁଁ, ହୁଁ, ଓରଏଣ୍ଟାଲ ରେସ୍ତୋରାଁ ଭିତରେ ଚୁମା ଦେବାର ମୋହ ଏହି କେତେଦିନ ଭିତରେ ମରିଗଲା— ।"

"ତୁମେ ଅଜ କାଳଚଣ୍ଡୀ ବେଶରେ ବିଦ୍ରୂପ କରନା ସନ୍ଧ୍ୟା —ବର୍ତ୍ତମାନ ମୁଁ ଶତବାର ପ୍ରତିଜ୍ଞାକରି କହୁଛି ତୁମକୁ ମୁଁ ଚିରଦିନ

ପାଇଁ ଭଲ ପାଉଛ । କହିଲେ ଏହିପରି ଗୋଟ ଏ ନୁହେଁ, ଦୁଇଟା ନୁହେଁ, ସହସ୍ରାଧିକ ସ୍ଥାୟୀ ବିଜ୍ଞାପନରେ ତୃପ୍ତପଣ ଲେଖି ଦେଇ-ପାରିବି ।"

"କିଛି ଦରକାର ନାହିଁ—ସନ୍ଧ୍ୟା ନିକଟକୁ ପ୍ରେମର ଚିଠାଉ ବା ରଙ୍ଗିନ୍ କବିତା ଲେଖି ପଠାଇବା ଅବିବାହିତ ଜୀବନର ଯେପରି ଗୋଟାଏ ସଖିଲ ଉନ୍ମାଦନା, ସେହିପରି ମୋ ହାତର ପିସ୍ତଲଟା ତୁମକୁ ପ୍ରେମକରିବା ମଧ୍ୟ ଗୋଟାଏ ସଖିଲ ଅଜଣ । ତୁମେତ ଏ ଉନ୍ମାଦନା ଟିକକ ମୋର ପରମୁହୂର୍ତ୍ତରେ ହେବ ନାହିଁ ।"

ଉନ୍ମତ୍ତ ହୋଇ କହିଉଠିଲେ ବାବୁ—"ବିଶ୍ୱାସଘାତକ ନାରୀ ! ଅପ୍ରସ୍ତୁତ ଅବସ୍ଥାରେ ପକାଇ ମୋର ଜୀବନଟାକୁ ନେବାକୁ ଚେଷ୍ଟାକରୁଛୁ ସ୍ୱୈରିଣୀ—ନିଜ ଗୁଣରେ ନିଜେ ଭୁଲକରି ପୁଣି ମୋର ଜୀବନ ଉପରେ ପିସ୍ତଲର ଅଭିଯାନ ।"

"ପ୍ରଗତିଶୀଳା ନାରୀ ହିସାବରେ ରଙ୍ଗିନ୍ କବିତା ଦେଖି ଯେଉଁ ଭୁଲ୍ କରିଛୁ—ଆଜି ଗୁଟହିଁ ତାହାର ସଂଶୋଧନ ।"

ଡାକ୍ତର ବାବୁ ନିଜର ଜୀବନ ରକ୍ଷାକରିବା ପାଇଁ କୌଶଳ ଦ୍ୱାରା ସନ୍ଧ୍ୟା ହାତରୁ ପିସ୍ତଲଟା ଛଡ଼ାଇ ନେବାପାଇଁ ଉଦ୍ୟତ ହେବା ସମୟେ, ସନ୍ଧ୍ୟା ହଠାତ୍ ଗୋଟାଏ ଗୁଳି ତାଙ୍କର ଗୋଡ଼କୁ ଲକ୍ଷ୍ୟକରି ମାରିଦେଇ କହିଲା—"ଶୟତାନ, ନରାଧମ, ମୋହର ଭବିଷ୍ୟତକୁ ପୋଡ଼ି ଜାଳି ପାଉଁଶ କରି ପୁଣି ନିଜ ପ୍ରାଣକୁ ବଞ୍ଚାଇ ରଖିବାର ଚେଷ୍ଟା କରୁଛୁ ପାଷାଣ୍ଡ—ମୋହର ଯୌବନ ଉପରେ ଅଭିଯାନ ଚଲାଇ ଏପରି ବିପଦରେ ଠିକ୍ ଏ ହେଲେ ଅନୁତାପ କରିବାକୁ ଚେଷ୍ଟା କଲ ନାହିଁ । ଅବିବାହିତ ଜୀବନରେ ପୀରତିକରି ତୁ ଯେଉଁ ଅନ୍ଧାରିଆ ବାଟରେ ଛପି ଛପି ପଳାଇବାର ଚେଷ୍ଟା କରୁଥିଲୁ,

ସେହି ବାଟରେ ଯେ କାଳସର୍ପିଣୀ ଫଣା ମେଲାଇ ବସିଛି ତୋତେ ଦଂଶନ କରିବାପାଇଁ ସେ କଥା ମୁଣ୍ଡରେ ଢୁକି ନଥିଲା ନୁହେଁ— ଲୁଳାଙ୍ଗାର, ନିମର୍କ୍ ବାସମ—ରେଷ୍ଟ ଧୀରତର ପରିଣାମଟା କେତେ ମିଠା, ତେଜଗ କର ଶେଷଥର ପାଇ—ଶୁଭିଲ ଡାକ୍ତରର ଲୁଚ ପାଖରେ ଟୋଟାଏ ଗୁଳିର ଶବ୍ଦ ଠୋ—ରକ୍ତସ୍ରୋତର ଅବିସ୍ମ ଗତି ।—

× × × ×

ଗଗନ ବାବୁଙ୍କ ଦ୍ୱିତଳ ପ୍ରାସାଦ ଭିତରେ ଅଗଣିତ ଅଛ ସେ ସରସତା ପ୍ରିନ୍ଟେଡ୍ ନାହିଁ । ଲଣ୍ଠା ପଞ୍ଚୁଛି ସତେ ଯେପରି ଟୋଟାଏ ସ୍ଥିତରେଖାଧର ରକ୍ତଲୁହିତା ଲେଲିହାନ ଜିହ୍ୱା ବିସ୍ତାର କରି ପୃଥିବୀଙ୍କୁ ପିଇବାପାଇଁ ଭୂର ଦିଗ୍‌ବଳୟ ଉପରେ ଜୀବନ୍ତ କାଳିଙ୍ଗର ରକ୍ତ । କାନ୍ଥରେ ଝୁଲୁଛି ଗୋଟାଏ ପିସ୍ତଲ ଆୟୁବଦର ଉଙ୍ଗଟଣ ନୂଷ୍ଟି କରି । ସନ୍ଧ୍ୟା କୋଠରୀ ଭିତରେ ପ୍ରବେଶ କରି ବିଦ୍ରୂପ ହସ ହସି କହି-ଉଠିଲା — "ଅବିବାହିତ ଜୀବନର ବିଶ୍ୱାସଘାତକତା — ପୁଣି ତା ଭିତରେ ବିଦ୍ରୂପର ରଙ୍ଗୀନ ଉଚ୍ଛ୍ୱାସ ।"

ପରେ ପରେ ଅନିଲବାବୁ ସନ୍ଧ୍ୟା ଦେବୀଙ୍କୁ ଯଥାବିହିତ ନମସ୍କାରଟା ଜଣାଇ ଦେଇ କୋଠରୀ ଭିତରକୁ ପଶିଗଲେ ।

ସନ୍ଧ୍ୟା ଆନନ୍ଦରେ ଅଧୀର ହୋଇ କହିଲା—"କିଏ ! ଅନିଲବାବୁ ! ନମସ୍କାର—ବସନ୍ତୁ—ଏଇ ଯେ କିଛିକ୍ଷଣ ପୂର୍ବରୁ ଆପଣଙ୍କ କଥା ବସି ଭାବୁଥିଲି ।"

"ହୁଁ, ତାହା ତ ଆପଣଙ୍କର ଉଚିତ ଭାବିବାର କଥା ।"

"ଆଚ୍ଛା, ତୁମର ସନ୍ଧାନ ନେଇ ଆପଣ କେତେଦୂର ଅଗେଇଲେ ?"

"ଆପଣଙ୍କଠାରୁ ଯାଇ ସମସରପୁର ଗ୍ରାମରେ ଯେଉଁ ତଦନ୍ତ ଚଳାଇଲି ହୁଏତ ଖୁନୀର ଅଭ୍ରାସ ଟିକଏ ମିଳିଛି ।"

"ଧନ୍ୟବାଦ, ତେବେ ଖୁନୀ ଧରାପଡ଼ିବାର ସମ୍ଭାବନା ।"

"ସେମିତି କିଛି ନିଶ୍ଚିତ ନାହିଁ ତଥାପି ଚେଷ୍ଟା ତ ଚାଲିଛି ।"

"ଏତେଦିନ ବିତିଗଲାଣି—ତଥାପି ଆପଣ କହୁଛନ୍ତି ଚେଷ୍ଟା ଚାଲିଛି ।"

"କହିବାଟା ଯେତେଦୂର ସହଜ, କରିବାଟା ସେତେଦୂର ସହଜ ନୁହେଁ ସତ୍ୟସେବୀ ।"

"ତାହା ମୁଁ ତ ଜାଣେ କିନ୍ତୁ ଆପଣଙ୍କ ପକ୍ଷରେ ଏତେ ଡେରି ହେବାଟା ।"

"ଦେଖିନାହାନ୍ତି, ଗୋଟାଏ ଖୁନ୍‌ର ତଦନ୍ତ ଶେଷ ନ ହେଉଣୁ ପୁଣି ଅନ୍ୟ ଗୋଟାଏ ।"

"ଏଁ—ପୁଣି ଗୋଟାଏ ଖୁନ୍, କଲା କଏ ?"

"ସେ ବିଷୟଟା ଆପଣ ଜାଣି ନଥିବେ ଯେ ପୁଣି ମୋତେ କହିବା ପାଇଁ ପଡ଼ିବ ।"

"ମୁଁ ତ କିଛି ଜାଣେନା ।"

"ଚତୁରଙ୍ଗ ରଖିଦେଇ ଘଟଣା କଣ କହନ୍ତୁ, ଛପି ରହିଲେ ବା ଆପଣଙ୍କୁ ଲାଭ କଣ ।"

"ମୁଁ ଯେ ଆପଣଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଉଛି ।"

"ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ ଯେହେତୁ ତାଙ୍କ ସହିତ ଆପଣଙ୍କର ଘନିଷ୍ଠ ସମ୍ବନ୍ଧ ଥିଲା ।"

"କଏ ଡାକ୍ତର— ।"

"ତାହେଲେ ଆପଣ କଥାଟା ଠିକ୍ ଧରିଛନ୍ତି, ଏବେ ଘଟଣାଟା କହିଯାନ୍ତୁ ମୁଁ ଶୁଣିଯାଏଁ ।"

"ମୁଁ ସେ ତାଙ୍କ ବିଷୟ ନେଇ କିଛି ଜାଣେନା ।"

"ମୋତେ ଆଉ ଏପରି ପାଠ ପଢ଼ାଇଲେ ହେବ—ମୁଁ ପସ୍ପ. ଭାଳଗମ୍ଭୀର ପଙ୍କରୁ ପାଣିଛାଣି ପିଇବା ଲୋକ ।"

"ତାହେବେଲେ ଆପଣ କଣ ସନ୍ଦେହ କରୁଛନ୍ତି ଯେ ମୁଁ—"

"ଠକ୍କାଇ ପାରିଥାଏ—କିଏ କହିବ ।"

"ଆପଣ ଯେ କିପରି ବିଶ୍ୱାସ କରୁଛନ୍ତି ଯେ ମୁଁ ଏପରି ଗୋଟାଏ ନୃଶଂସ ହତ୍ୟାକାଣ୍ଡ ।"

"ଆପଣ କରି ନ ଥିଲେ, ଯେ କରିଛି ତା ବିଷୟ ନେଇ କିଛି ଜାଣିଥିବେ ବା ଦେଖିଥିବେ ।"

"ମୁଁ କିପରି ଦେଖିବି ।"

"ଯଦି ତା ଦେଖି ନ ଥିବେ, ଷଡ଼ଯନ୍ତ୍ରର ଖବରଟା ଆପଣଙ୍କୁ ନିଶ୍ଚୟ ମାଲୁମ ଥିବ ।"

ସନ୍ଧ୍ୟା ସ୍ୱରରେ ଜଳହୋଇ କହିଉଠିଲା ତଥାପି "ଅନିଲ ବାବୁ ! ଉଦ୍ୟାମୀ ଖବରରେ କହୁ ରହୁଛି, ଆପଣ ଏଠାରୁ ବିଦାୟ ନେଇ ପାରନ୍ତି ଖୁବ୍ ଶୀଘ୍ର ।"

ହସି ହସି କହିଉଠିଲେ ଅନିଲବାବୁ—"ସି. ଆଇ. ଡି. ଇନ୍ସପେକ୍ଟର କ୍ରିମିନାଲ କେସ୍‌ରେ ଏତେଦୂର ଅଗେଇ ଯାଇଥିବାଠାରୁ ପୂର୍ବ ଜବାନବନ୍ଦୀ ନ ଦେଇ ଫେରନ୍ତି ନାହିଁ ।"

"ମୁଁ ଆଦେଶ ଦେଉଛି, ଆପଣଙ୍କୁ ଯିବାକୁ ହେବ ।"

"ହୁଁ, ହୁଁ, ହୁଁ, ଯିବାପୂର୍ବରୁ ଯେ ଆପଣଙ୍କୁ ହାତକଡ଼ି ପିନ୍ଧିବାକୁ ହେବ ସନ୍ଧ୍ୟାଦେବୀ ।"

"କାରଣ ?"

"ସୁଶୀଲ ମରିଛି ବୋଲି ଯେଉଁ ମିଥ୍ୟାରଚନା କରିଛ ।"

"ତାହେଲେ ଆପଣ କଣ କହିବାକୁ ଯାଉଛନ୍ତି ଯେ ସେ ମରିନାହିଁ ।"

"କେବେବି ନୁହେଁ ।"

"ତାହେଲେ ।"

"ଇଦାନ୍ତିକର ଯାହା ଦେଖିଲ ସେ ଜୀବନ୍ତ ।"

"ଦେଖାଇ ପାରିବ ?"

"ନିଃସନ୍ଦେହରେ ।"

"କେଉଁଠାରେ ?"

"ପୋଲିସ ମହଲରେ ।"

"ସେଠାରେ କାମ ?"

"ସି, ଆଇ, ଡି, ଇନ୍‌ସପେକ୍ଟର ।"

"ମିଥ୍ୟା କଥା—ଗୁଡ଼ାଏ ବାଜେକଥା କହି ମୋତେ ଭଣ୍ଡି ପିନ୍ଧାଇବାର ଚେଷ୍ଟା କରୁଛ—ନୁହେଁ ।"

"ତାହାହେଲେ ଦେଖିବାକୁ ଚାହୁଁଛନ୍ତି ?"

"ନିଶ୍ଚୟ ।"

"ମାନେ ଦେବେ ଶୀଘ୍ର ।"

ସନ୍ଧ୍ୟା ସଙ୍ଗେସଙ୍ଗେ ଡାକି ଉଠିଲା—"ଅମୋଲ ବାବୁ !"

ଅମୋଲ ବାବୁ ନିଜ ମୁହଁରେ ଲଗାଇଥିବା କୃତ୍ରିମ ନିଶ ଦାଢ଼ି ଖୋଲି ଦେଇ ଗୋଟିଏ ହସ ହସି କହି ଉଠିଲେ—"ଅମୋଲ ବାବୁ ପରିବର୍ତ୍ତେ ସୁଶୀଳ ବାବୁ ବୋଲି ଡାକିଲେ ଅଠିକ୍ ହେବ ନାହିଁ ଭାଉଜ ବୋଧହୁଏ ।"

ସନ୍ଧ୍ୟା ଯେମିତି ସୁଶୀଳକୁ ଦେଖିଲା, ସେମିତି ନିଜର ପ୍ରକୃତିସ୍ଥ ହରାଇ ଡାକି ଉଠିଲା—"ସୁଶୀଳ ! ତୁମେ !"

"ହାଃ, ହାଃ, ହାଃ, ମୁଁ ସୁଶୀଲ ନୁହେଁ ଭଗୀ—ସୁଶୀଲର ପ୍ରେତାତ୍ମା ।"

ସନ୍ଧ୍ୟା ଚକ୍ଷୁ ପ୍ରତିମାପରି ସୁଶୀଲ ମୁହଁକୁ ଅନାଇ ରହି ଆଉ କଥା କହିପାରୁ ନାହିଁ—ଯେପରି ଜଣାପଡ଼ୁଛି କେହି ତା ପାଟି ଭିତରୁ ଜିଭଟାକୁ ଛଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି ।

"ମାନେ ସୁଶୀଲର ପ୍ରେତ ରୂପକୁ ଦେଖି ତୁମେ ଏକାଥରେ ଚିତ୍ରଲା ପାଲଟି ଗଲକି ଭାଉଜ ବୋଉ—କଥା କହ ।"

ସନ୍ଧ୍ୟା ବାଷ୍ପାଶ୍ରୀପୂର୍ଣ ବିଚଳିତ ହୋଇ କହିଲା—"ନା—ମୋ ମଥା ଆଦୌ ଠିକ୍ ରହୁନାହିଁ, ସୁଶୀଲ ତୁମେ ଯାଅ ।"

"ହାଏ, ହାଏ, ଏତେଦିନ ପରେ ଅତିଥିରୂପରେ ଦେଖାଦେଇ ତୁମ ହାତର ବାଢ଼ିଲା ଭାତ ଟିକକ ନଖାଇ କେଉଁଅଡ଼େ ଯିବି ଭଗୀ ।"

"ସୁଶୀଲ—ବିଦ୍ରୁପ ଜନର ଗୁଳିଖାଇ ଚାଲିଯାଇଛନ୍ତି ।"

ସୁଶୀଲର ଅଙ୍ଗପ୍ରତ୍ୟଙ୍ଗ ଥରିଉଠିଲା ଅଳ୍ପେ ଅଳ୍ପେ—କହିଲା—"ବିଦ୍ରୁପ ଜନର ଗୁଳିପିଇ । ମୋତେ ଯେଉଁ ମିଥ୍ୟା ମରଣର ଚରିତ୍ରପଟରେ ଜାଲଦେଇ ସରଳା ବାଳିକା ନିଷ୍ଠୁର ଗତି କଳିକାକୁ ଟିକିଟିକି କରି ଦେବାପାଇଁ ଚେଷ୍ଟା କରିଥିଲା, ସେହି ମରଣର ବୁକୁ ପଞ୍ଜରା ଫଟାଇ ମାତାଲହୋଇ ଦଉଡ଼ି ଆସିଛି ତୋହର ହାତରେ ପିନ୍ଧାଇବା ପାଇଁ ଗୋଟାଏ ସୈତାନର ବେଡ଼ି ।"

ବିଦ୍ରୁପ ହସ ଭିତରେ ଦେଇ କହିଉଠିଲା ସନ୍ଧ୍ୟା—"ମୋ ହାତରେ ବେଡ଼ି ଟା ପିନ୍ଧାଇବା ପୂର୍ବରୁ ନିଜ ସହଧର୍ମିଣୀର ଅବସ୍ଥାଟା ଟିକିଏ ନିରୀକ୍ଷଣ କରନାଅ ସୁଶୀଲ ।"

ସହଧର୍ମିଣୀର ଭବିଷ୍ୟତ ଉପରେ ଯେ ଶିବସ୍ୱାମୀର ମହାଦାଗ ଦେଇଛନ୍ତି, ଏକଥା ଭୁଲିଯାଅନା ରୂପସୀ ।

ହଠାତ୍ ଚମକି ଉଠିଲା ସନ୍ଧ୍ୟା ।

"ଯେଉଁ ନମୁନା ଗାଲରେ ଥାପଡ଼ ଦେଇ ନିଜର ଆତ୍ମସମ୍ମାନ ରକ୍ଷାକରୁଥିଲୁ ସ୍ୱାର୍ଥ ପ୍ରେମିକର ମନ ଖାଇ, ସେହି ନମୁନା ଯେ ତୋହର ଧ୍ୱଂସିତ ସ୍ୱାମୀର ଭାଗ୍ୟପଥରେ, ଦଣ୍ଡଧନରେ ତାହାର ଫୁଲର ମନ୍ଦିରରେ ଫୁଲ ଗୁନ୍ଥିବାକୁ ଚେଷ୍ଟା କରନ୍ତି । ଶୁଣି ଅବଶ୍ୟ ଖୁସିହେବୁ—କଣ କହୁଛ ଭାବି; ଥାପଡ଼ଦେବା ସମୟରେ ମୁଁ ଯଦି ଗୋଏଣ୍ଡା ବେଶରେ ନଥାନ୍ତି, ତାହେଲେ ସେଦିନ ଦେଖାଇ-ଦେଇ ଥାଆନ୍ତି ତୋର ଆତ୍ମସମ୍ମାନର ମୂଲ୍ୟ କେତେ ।"

ସନ୍ଧ୍ୟା କ୍ରୋଧରେ ଦାନ୍ତକାମୁଡ଼ି ଗୋଟାଏ ଦୀର୍ଘନିଃଶ୍ୱାସ ମାରିବସିଲା ।

"ଅଜି ଦୀର୍ଘନିଃଶ୍ୱାସ କାହିଁକି—ଭାବ୍, କେତେ ଉପରେ ତୁ ଅଜି କେତେ ତଳେ ମୁଁ ।"

"ଚୁପ୍‌କର ।"

"ତଥାପି ସେ ହୈତାନୀ ଅଭ୍ୟାସ ଭାଙ୍ଗି ନାହିଁ—ତୁ ଅଜି ମୋର ସାମାଜିକ ଜୀବନ ଉପରେ ଯେଉଁ ମହାପ୍ରଳୟ ସୃଷ୍ଟିକରି ବାତ୍ୟାର ଅଗ୍ନିମୀଖା ଭିତରେ ପ୍ରଲମ୍ବକାରୀ ଉଲ୍‌କା ପାଲଟିବାକୁ ଚେଷ୍ଟା କରିଥିଲୁ, ତାହା ମୁଁ ନିଜ ହୃଦୟରେ ବନ୍ଧୁର ସ୍ତ୍ରୀ ଥିଲୁ ବୋଲି ଭାଉଜର ସମ୍ମାନରଖି ତୋତେ କ୍ଷମାଦେଲି—ନଚେତ୍ ।"

"ନଚେତ୍ କଣ କରିଥାନ୍ତୁ ହୈତାନ୍ ?"

ଚେୟାର ଉପରୁ ଉଠିପଡ଼ି ଟେବୁଲ ଉପରେ ହାତ କଚାଡ଼ି ଜୋରରେ କହିଉଠିଲା ସୁଶୀଳ—"ଏହି ମୁହୂର୍ତ୍ତରେ ତୋର ଏହି ଝଟଙ୍କା ହାତ ଦୁଇଟାକୁ ପଛଆଡ଼ୁ ଲୁହାକଡ଼ି ଭିତରେ ଛନ୍ଦିଦେଇ ଲିଟ୍‌ବଜାର ଉପରେ ଚଲାଇ ଚଲାଇ—ଅବାଧ ନହେଲେ ପିଠିରେ ରୁଲ୍‌ଦେଇ ଟୋପାଡ଼ି ଘୋଷାଡ଼ି ନେଇଥାନ୍ତି ହାଜତକୁ ।"

ସନ୍ଧ୍ୟା ଗୋଟାଏ ବିଦ୍ରୂପ ହସ ହସିଲା ।

"ମନର ମୌଳିକତା ଭିତରେ ମନସ୍ତତ୍ତ୍ୱର ମରଣ ଦେଖି ଆଜି ଏ ଉନ୍ମାଦନାର ଲହରୀ କହୁଁ କହୁଁ ଛୁଟାଉଛୁ କାଳନାଗୁଣୀ—ଏବେ ଅନ୍ୟ ପ୍ରେମିକ ଖୋଜିବାରେ ଲାଗିଛୁ—ଯେଉଁ ତୋର ସେହି ସୁନେଲି ଗଣ୍ଡରେ ଚୁମ ଦେଇ ତାଳ ଅନୁସାରେ ବଲଡେନ୍ସ କରିବ ସାହେବୀ କାଏଦାରେ ।"

"ଚୁପ୍‌କର ସ୍ୱସ୍ଥେନ୍ ।"

ସୁଶୀଲ ସ୍ୱରରେ କଡ଼ମଡ଼ ହୋଇ କହିଉଠିଲେ—"ହେଁତାମି ଶ୍ରେଣୀଅର ମିଜାଜ୍ କମ୍ ନୁହେଁ ଦେଖୁଛି—ଅଛି, ମନେରଖ ପ୍ରଗତିଶୀଳା ବଜ୍ରଦର୍ପଥା ନାରୀ, ତୁ ଆଜି ଯେଉଁ ଟଙ୍କା ଶ୍ରେଣୀରେ ଶକ୍ତି ଛଡ଼ାଇବାକୁ ଫୁଲାଇ ମୁହଁ କଳାକରୁଛୁ. ସେହି ମୁଦ୍ରାରେ ଟୋକଠା ମାରି ଯଦି ମୁଁ ଡ୍ରାଇଭର୍ ସ୍ୱମହିଙ୍କର ସନ୍ଧାନ ପାଏଁ ତାହାହେଲେ ତାହାର ହାତ ସଙ୍ଗରେ ତୋହର ଏହି ନରମ ହାତ ଦୁଇଟାକୁ ଲୁହାର ବେଡ଼ି ଭିତରେ ଛନ୍ଦିଦେଇ, ତୋହର ରଙ୍ଗିନ୍ ପିଠି ଉପରେ ମୋର ଶାସନର କରଡ଼ା ଗୁରୁକର ମାଡ଼ ଦେବାପାଇଁ ଭୁଲିବି ନାହିଁ— ।" ଚାଲିଗଲା ।

ସୁଶୀଲ ଯିବାପରେ ପରେ ଡାକ ପିଅନ ଜଣେ ଚିଠି ଦେଇଗଲା । ସନ୍ଧ୍ୟା ଝଟପଟ ସେହି ଚିଠିଟାକୁ ଖୋଲି ପଢ଼ିଲା । ଲେଖା ଅଛି—

ସନ୍ଧ୍ୟା ଦେବୀ !

ମୁଁ ଜାଣେ ତୁମର ମନ ଆଜି ବିଦ୍ରୋହୀ ହୋଇ ଉଠିଛି ତୁମ ବାପାଙ୍କର ମୃତ୍ୟୁରେ । ଅବଶ୍ୟ ମୋହିନୀ ବାବୁଙ୍କୁ ଖୁନ୍ କରି ତୁମେ ତୁମର ମନର ଅବସାଦଟାକୁ ଯେପରି ଭାବରେ ଦେଖାଇଛ ତାହା କମ୍ ପ୍ରଶଂସାର ବିଷୟ ନୁହେଁ କିନ୍ତୁ ପ୍ରକୃତରେ ଯେଉଁ

ପ୍ରତିଶୋଧ ନେବାର ଭାର ତାହା ଯେ ଏପର୍ଯ୍ୟନ୍ତ ନେଇ ପାରିନାହିଁ ସେଥିପାଇଁ ମୁଁ ବଡ଼ ଦୁଃଖିତ । ଯେଉଁ ରାମସିଂ ଆଜି ସୁଶୀଲକୁ ବଞ୍ଚାଇ ନେଇ ତୁମ ଜୀବନକୁ ନିଷ୍କଣ୍ଟକ କରିଛି, ସେହି ରାମସିଂ ଯେ ତୁମ ବାପାଙ୍କର ଖୁନୀ, ଏହା ନିଃସନ୍ଦେହରେ କୁହାଯାଇ ପାରେ । ତେଣୁ ତାକୁ ତୁମେ ଗୁପ୍ତରେ ହତ୍ୟା କରିବାକୁ ଗଲେ ତାକୁ ପାଇପାରିବ ଲଳିତ ବାବୁଙ୍କ ଘରେ କାରଣ ଅସନ୍ତା ପହିଲାରେ ସେଠାରେ ଲଳିତ ବାବୁଙ୍କର ବିଭାଘର । ଜାଣିରଖ, ଏ ସୁଯୋଗ ହରାଇଲେ ପ୍ରତିଶୋଧ ନେବାପାଇଁ ଆଉ ସୁଯୋଗ ପାଇପାରିବ ନାହିଁ । ଦରକାର ପଡ଼ିଲେ ମୁଁ ବି ମଧ୍ୟ ସାହାଯ୍ୟ କରିପାରେ— ଯେହେତୁ ସେ ମୋର ପରମ ଶତ୍ରୁ । ମୁଁ ପରର ଉପକାର କରିବା ସ୍ୱଭାବରେ ଦସ୍ୟୁ ରୂପରେ ଅନ୍ୟର ରକ୍ତ ନେବାପାଇଁ କେବେ କୁଣ୍ଠାବୋଧ କରେ ନାହିଁ ।

ତୁମ ଦୁଃଖର ଅପରିଚିତ ସାଥୀ
"ରକ୍ତର ଦସ୍ୟୁ"

ଚିଠିଟି ପଢ଼ିସାରି ରାମସିଂ ଉପରେ ସନ୍ଦେହ ରକ୍ତଗୁଡ଼ାକ ଟିକମଙ୍କ ଜାଗି ଉଠି ଉଠିଲା—କହିଲା—"ନିମକହାରାମ ରାମସିଂ ମୋର ବାପାଙ୍କ କରିଛି ଖୁନ୍—ଆଜି ନ୍ୟାୟତଃ ଯାହା ଦେଖିବାକୁ ହେଉଛି, ଏ ଦୁନିଆରେ ସେ ସଙ୍କଟରେ ଠିଆ ହେବାପାଇଁ କେହି ନାହାନ୍ତି— ଯାଉ, ଯେଉଁ ଗୁପ୍ତ ଥିବା ପିସ୍ତଲ ସାହାଯ୍ୟରେ ବନ୍ଧୁଘାତକକୁ ଖୁନ କରିବ ମନର ଅବସାଦ ନେଉଥିଲା ସେହି ପିସ୍ତଲ ସାହାଯ୍ୟରେ ଲଳିତର ପ୍ରକାଶ ପଚାରିବାକୁ ଯୋଉଥିଲା ପାଇଁ ସେ କରି ତା ଉପରେ ନିରୀହ ରାମସିଂର ଜୀବନ୍ତ ସମାଧି ଦେବାପାଇଁ କେବେ ଭୁଲିବ ନାହିଁ ।"—

× × × ×

ସୁଶୀଲ ଏଣେ ବସାରେ ଖଣ୍ଡେ ଚେୟାର ଉପରେ ବସି ଭାବୁଛନ୍ତି କିପରି ଖୁନୀକୁ ଧରିପାରିଲେ ତାହାର ଗୁପ୍ତଚର ପଦୋନ୍ନତି ହେବ । ଏହି ସମୟରେ ହଠାତ୍ ଖଣ୍ଡେ ଚିଠି ପାଇ ଖୋଲିକରି ପଢ଼ି ବସିଲେ ହଠାତ୍—

"ସୁଶୀଲ ବାବୁ !

ଆପଣ ଯେତେ ଗୁପ୍ତ ବେଶରେ ଭିନ୍ନ ପ୍ରକାର ଗୁପ୍ତଚରଗିରି କରିଛନ୍ତି ତାହା ମୁଁ ଜାଣେ ତଥାପି ଜାଣିଥିବା ଅଜଣା ହୋଇଛନ୍ତି ମୁଁ । ଏହାଭିତରେ ବହୁତ ବହୁତ ଖୁନ ହୋଇଗଲା କିନ୍ତୁ କେହି ଧରା-ପଡ଼ିଲେ ନାହିଁ ଏ ପର୍ଯ୍ୟନ୍ତ । ଖୁନୀକୁ ଧରିପାରିଲେ ଯେ ଆପଣଙ୍କର ପଦୋନ୍ନତି ହେବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଖୁନୀକୁ ଧରିପାରିବା ବଡ଼ ମୁସ୍କିଲ; କାରଣ ସେ ଖୁନୀ ମାଟିର ମଣିଷ ନୁହେଁ—ଲୁହାର ମଣିଷ । ତାର ଜୀବନର ଆଶା କେବଳ ରକ୍ତ—ସେ ରକ୍ତ ପଥର ଅଭିଯାତ୍ରୀ । ବର୍ତ୍ତମାନ ତାହାର ଜୀବନର ଯାତ୍ରା ଶେଷ ହୋଇନାହିଁ । ତାହାର ଯାତ୍ରାର ଯବନିକା ପଥରେ ଯେ କେଉଁ ରହସ୍ୟ ରହିଛି ତାହା କେହି ବୁଝିପାରିବେ ନାହିଁ । ଆଜି ଆପଣଙ୍କୁ ପ୍ରକୃତ କହିବାପାଇଁ ଏ ଚିଠିଖଣ୍ଡ ବାଧ୍ୟହୋଇ ଲେଖିଲି ! ଖୁନୀକୁ ଧରିବାପାଇଁ ଆପଣଙ୍କ ମୁଣ୍ଡଭିତରେ ଯେଉଁ ଭାବନା ଆପଣଙ୍କୁ ବିଚଳିତ କରିଛି, ସେହି ଭାବନାକୁ ଲଘବ କରିବାପାଇଁ ମୁଁ ଖୁନୀର ସନ୍ଧାନ ଦେଲି । ପାଇ ଅବଶ୍ୟ ଅପ୍ୟାୟିତ ହେବେ ବୋଲି ଆଶାକରେ । ଏ ଖୁନର ମୂଳରେ ରହିଛି ସେହି ଡାକ୍ତରର ଡ୍ରାଇଭର ଗୋବିନ୍ଦ । ହୁଏତ ଯାହାକୁ ଠିକ କରିବାକୁ ଯାଇ ଆପଣ ଲଳିତବାବୁଙ୍କ ଘରୁ ଫେରି ଆସିଛନ୍ତି ନୀରଶ ହୋଇ । ଆପଣ ସେଠାକୁ ପୁଣି ଆସନ୍ତା ସନ୍ଧ୍ୟାରେ ଯାଆନ୍ତୁ ନିଶ୍ଚୟ ତାକୁ ଭେଟିବାକୁ ପାଇବେ । ବିଦ୍ରୋହୀ ସମାଜର ଗୁପ୍ତ ରହସ୍ୟ ଭେଦକରି ଯେଉଁଭଳି ଜୀବନକୁ ଗତି କରୁଛନ୍ତି, ସେହି ହିସାବରେ

ଆପଣଙ୍କୁ ଧନ୍ୟବାଦ ନଦେଇ ରହି ପାରୁନାହିଁ । ତାପରେ ମୋର ସାହାଯ୍ୟ ଗ୍ରହିଲେ ମୁଁ ପ୍ରସ୍ତୁତ ଅଛି । କାରଣ ପରର ଉପକାର କରିବା ସ୍ୱଭାବରେ ଦସ୍ୟୁ ରୂପରେ ଅନ୍ୟର ଗୁପ୍ତ କଳଙ୍କ ଛୁରିରେ ଓଃହାବ ପାଣି ଲାଲ ରକ୍ତ ଦେଖିବାପାଇଁ କେବେ କୁଣ୍ଠାବୋଧ କରେ ନାହିଁ । ଖୁନୀର ସନ୍ଧାନ ଦେବାରେ ମୁଁ ଯେ ଆପଣଙ୍କୁ ସାହାଯ୍ୟ କଲି, ଏଥିର ପୁରସ୍କାରଟା ମୋ ନାମରେ ପଠାଇ ଦେବାପାଇଁ ଭୁଲିବେ ନାହିଁ ।"—

ଆପଣଙ୍କର ଅନୁରକ୍ତ କର୍ମପୀଠ ଉପରେ
ଜଣେ ସାଥୀ
"ରକ୍ତର ଦସ୍ୟୁ"

— ନଅ —

ସହିଲ ବୋଲି ଲଳିତ ବାବୁଙ୍କ ମନର ଆନନ୍ଦ ଆଜି ସାଗରର ଲହରୀପରି ଚହଲି ଉଠୁଛି । ଇନ୍‌ସପେକ୍ଟର ଅନିଲବାବୁ ସୁଶୀଳକୁ ସଙ୍ଗରେ ନେଇ ଆସିବେ ବୋଲି ତାଙ୍କର ଆଶା ହୃଦୟରୁ ପର ହୋଇ ଉଠୁଛି ଦ୍ୱିଗୁଣ । ନିଜର ଭଙ୍ଗା ମହଲ ପୁନର୍ଜୀବନ ନେଇ ଦେଖାଯାଉଛି ଅତି ସୁନ୍ଦର । ଇଚ୍ଛା ପୂର୍ଣ୍ଣ କରିଲେ ଅଙ୍କୁର ହେବ-ନାହିଁ । ବିବାହ ଉପଲକ୍ଷରେ ପୁରୋହିତ ଦେବତାଙ୍କୁ ନୂଆ ବେଶରେ ଭୂଷିତ କରି ମନ୍ତ୍ରପାଠ କରିବାରେ ବ୍ୟସ୍ତ । ମନ୍ଦିରର ସାମନାରେ ନୂତନ ବିଜୁଳି ଆଲୁଅ ରଙ୍ଗ ମହଲର ନାମ ନେଇ ଝଲସି ଉଠୁଛି । ବିଭିନ୍ନ ରଙ୍ଗମହଲ ବାଦ୍ୟବାଜଣା ଭିତରେ ଶୁଭଶଙ୍ଖ ଘନ ଘନ ବାଜି ମେଦିନୀ କମ୍ପା ଯାଉଛି ।

× × × ×

ଗୋଟାଏ ପ୍ରଭାତଘୋଷର ଖବର ନେଇ ମନୋହରପୁର ରାସ୍ତା-ଉପରେ ହୁଇଟର ଛୁଟି ଚାଲିଛି ଗୋଟାଏ ଷ୍ଟୁଡ଼ିବେକର ଷାଠିଏ ମାଇଲ ଗତିରେ ଦ୍ରୁତ ଏତବ ଯାଉଛି, ଯଦି କେହି ସାମନାରେ ପଡ଼େ ତାହେଲେ ତାହାର ହାଡ଼ଗୋଡ଼ ଏକାଠିରେ ଚୂନା ନ ହୋଇ ରହିବ ନାହିଁ।

× × × ×

ଏପରି ମୂହୂର୍ତ୍ତରେ ପଦ୍ମେଶ୍ୱରଙ୍କ ସନ୍ଧାନ ନେଇ ଜାଣିଲେ ଯେ ସନ୍ଧ୍ୟା ଡ୍ରାଇଭର ରାମସିଂକୁ ଖୁନ୍ କରିବାପାଇଁ କେତେବେଳୁଁ ଚାଲି-ଗଲାଣି କାର୍‌ରେ। ସେ ସେଠାକୁ ଯାଇ ଯେଉଁ ମହାପ୍ରଳୟ ସୃଷ୍ଟି କରିବ, ତାକୁ କିଛି ଅଟକା ନଥାଏ। ଭାବିଲେ କିପରି ଯାଇ ସେ ମୋଟର ଗିଲ୍ଲ ଧରିବ। ଏହା ମନରେ ଭାବି ହଠାତ୍ ବି. ଏସ୍. ଏ, ମୋଟର ସାଇକେଲକୁ ଛୁଟେଇଲେ ଖାଲି ଟିପ ନମାନି।

ମୋଟର ସାଇକେଲ ଖୁବ୍ ଜୋରରେ ଛୁଟି ଚାଲିଛି, ଦେଖିଲେ ମନେ ହେଉଛି ଯେପରି ସେ ଖଣ୍ଡିକ ଭୂଇଁରେ ଲାଗୁ ନାହିଁ। ହଠାତ୍ ଦେଖି ଦେଖି ରେଲ ଫାଟକଟା ବନ୍ଦ। ଖୁଣ୍ଟି ଉପରେ ଲେଖା ହୋଇଛି Stop। ପାଞ୍ଚ ମିନିଟ୍ ପରେ ଏକ୍ସପ୍ରେସ ଆସିବ। ସନ୍ଧ୍ୟାର ମୋଟରଟା ଫାଟକଟା ପାର ହୋଇ ଛୁଟି ଚାଲିଛି। ମନଟା କ୍ଷିପ୍ତ ହୋଇ ଉଠିଲା। ଦେହ ମୁଣ୍ଡ ଜଳି ଉଠିଲା ରାଗରେ। ଇଚ୍ଛା ହେଉଥାଏ ସତେ ଯେପରି ଦଉଡ଼ି ଯାଇ ସେ ଫାଟକଟାକୁ ଭାଙ୍ଗି ଟିକ୍ ଟିକ୍ କରିଦେଇ ଧୂଳିରେ ମିଶାଇ ଦେବ।

× × × ×

ଲଳିତ ବାବୁ ନିଜର ନିତ୍ୟକର୍ମ ଶେଷକରି ମନ୍ଦିରରେ ଦେବତାଙ୍କୁ ପ୍ରଣାମ କରିବା ସମୟରେ ଅନିଲବାବୁ ଆସି ସେଠାରେ ହାଜର ହୋଇଗଲେ।

ଅମୀଲ ବାବୁଙ୍କୁ ଏକାକିଅ ଦେଖି ହଠାତ୍ ଅସ୍ଥିର ହୋଇ ପଚ୍ଛରି ଉଠିଲେ ଲଳିତ ବାବୁ—"କି—ଆପଣ ଏକା ଏକା ଯେ—ସୁଶୀଲ କାହିଁ ?

ଚତୁରତା ସ୍ମିତରଖି ଉତ୍ତର ଦେଲେ ସେ—"କହନ୍ତୁ ନାହିଁ ଲଳିତ ବାବୁ ! ମୁଁ ଯେତେ ଅନୁରୋଧ କରି କହିଲି, ସୁଶୀଲ ତୁ ଚାଲ—ନଗଲେ ସେ କେବେ ସ୍ଥିର ହୋଇ ରହି ପାରିବେ ନାହିଁ—ତଥାପି ସେ ଅମାନିଆ ଟୋକାଖଣ୍ଡିକ ଆସିଲା ନାହିଁ ।"

ଲଳିତ ବାବୁ ବିସ୍ମିତ ହୋଇ ପ୍ରଶ୍ନ କଲେ—"କାରଣ ?"

"ଯେହେତୁ ଦୁଇ ଦୁଇଟା ଖୁନୀ ସନ୍ତାନର ଦାୟିତ୍ୱ ତା ମୁଣ୍ଡ ଉପରେ, ସେହି କୁସାବରେ ତୁଏତ ଆସିବାକୁ ସଜ ହେଲା ନାହିଁ ।"

ଏ ସବୁ ବକ୍ତବ୍ୟ ଶୁଣି ଲଳିତ ବାବୁଙ୍କ ମୁଣ୍ଡରେ ବଜ୍ର ପଡ଼ିଲା ଭଳିଆ ବୋଧ ହେଲା—ମନଟା ତାଙ୍କର ବିକୃତ ହୋଇ ପଡ଼ିଲା ହଠାତ୍—କହିଉଠିଲେ—"କଣ ଆପଣ କହୁଛନ୍ତି ଅମୀଲ ବାବୁ ! ଯେଉଁ ସୁଶୀଲ ମୋ ପାଇଁ ପ୍ରଗତିର ସ୍ରୋତ ଉପରେ ଡୋଙ୍ଗାଟା ମାରି ନିଜ ଜୀବନର ସୁଖକୁ ଜଳାଞ୍ଜଳୀ ଦେବାପାଇଁ ଭୁଲି ନାହିଁ—ଯେଉଁ ସୁଶୀଲ ହତଭାଗ୍ୟ ବନ୍ଧୁର ଭବିଷ୍ୟତକୁ ସଜାଡ଼ିବାପାଇଁ ନିଜର ସୁନେଲି ଭବିଷ୍ୟତକୁ ଖାତିର କରିନ, ସେହି ସୁଶୀଲ ଆଜି ଆସିଲା ନାହିଁ—ଯାହାଯୋଗୁଁ ମୋହନର ଭଙ୍ଗୀତ ଉପରେ ଦ୍ୱିତଳ ପ୍ରାସାଦର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇ ବ୍ରାହ୍ମଣମାନଙ୍କର ବେଦପାଠ ହେଉଛି, ଯାହା ଯୋଗୁଁ ଶୁଭଶଙ୍ଖର ସନସନା ଭିତରେ ମନ୍ଦିରର ସୁଖଶାଳା ନାଚି ଉଠୁଛି, ସେହି ସୁଶୀଲ ଆଜି ଆସିବ ନାହିଁ—"

ହଠାତ୍ ବାହାରଆଡ଼େ ନିର୍ଦ୍ଦେଶ ଦେଲେ—"ବନ୍ଦ କର ଏ ଶୁଭଶଙ୍ଖ

ଆଉ ବାଦ୍ୟ ମନ୍ଦିରର ମଧୁର ଝଙ୍କାର; ପୂଜାରୀ; ଫୁଲପାଣି ଭ୍ରମର ମନ୍ତ୍ରପାଠ ଦେବତାର ଉଦାଃହା ଚଳଦେଇ— ।”

ବାବୁଙ୍କର କଥା ନିର୍ଦ୍ଦେଶରେ ବାୟୁମଣ୍ଡଳଟା ଏକାଥରେ ନୀରବ ଓ ନିସ୍ତବ୍ଧ ହୋଇଗଲା ।

ଅନିଲ ବାବୁ ଲଳିତ ବାବୁଙ୍କର ହାତକୁ ଧରି କହିଉଠିଲେ—“ଲଳିତ ବାବୁ ! ଏସବୁ କି ପାଗଳାମୀ ଆପଣଙ୍କର । ଯାହା କରିବାକୁ ଯାଉଛନ୍ତି ଏଥିରେ ଦେବତା ଆପଣଙ୍କୁ ଅଭିଶାପ ଦେବେନି । ସୁଶୀଲ-ପରି ତା ତରଫରୁ ମୋତେ ପଠାଇ କହୁଛି—“ବନ୍ଧୁଙ୍କୁ ମୋର କହୁତ କରି କହିଦେବ, ମୋ ପାଇଁ ସେ ବ୍ୟସ୍ତ ହେବେ ନାହିଁ— ମୁଁ ଏହି ନିକଟରେ ଯାଇ ତାଙ୍କୁ ଦେଖା କରିବି ଆଉ ଭାନେ ଭାନେ କହିଦେବ ସେ ମୋ ଭୋଜି ଭାତଟା ସାଇତି ରଖିଥିବେ, ନହେଲେ ଦୁନିଆ ପ୍ରଳୟ କରି ଦେବି ।”

ବାବୁ ପାଗଳପରି କହିଉଠିଲେ—“ନା—ଦେଉ ସେ ପାଷାଣ ପ୍ରତିମା ଅଭିଶାପ—ପୋଡ଼ିଜାଳି ପାଉଁଶ କରିଦେଉ ମୋ ଘର ସଂସାର—ଭାଙ୍ଗି ପଡ଼ୁ ତାହାର ମୁଖଶାଳାର ପାଷାଣ ।”

“ଏସବୁ କି କଥା ପ୍ରକାଶ କରୁଛନ୍ତି ଆପଣ ।”

“ଯାହା କହୁଛି ତାହା—ସୁଶୀଲ ନ ଆସିଲେ ଏ ବିଭାଘର କେବେ ହୋଇ ପାରିବ ନାହିଁ ଅନିଲ ବାବୁ—ଭାଙ୍ଗି ସବୁ ଚୁରମାର କରି ଦେବି ଏ ଶୁଭଦିନର ସରଞ୍ଜାମ, ପଠାଇ ଦୂରପାଳ କରିଦେବି ଏ ଶୁଭଶଙ୍ଖର ଗୁଣ୍ଡପେଟ ।”

ଅନିଲ ବାବୁ ଦେଖିଲେ ପ୍ରକୃତରେ ବନ୍ଧୁର ଉତ୍କଣ୍ଠିତ ପ୍ରାଣକୁ ଆଉ ଠକାଇ ହେବ ନାହିଁ । ତତ୍ପରତା ପଥରେ ଆଉ ଟିକିଏ ଅଗେଇ ଗଲେ ହୁଏତ ସରସ ଦୁନିଆଟା ତାଙ୍କର ଭାଙ୍ଗି ପଡ଼ିବ । ପ୍ରତାରଣା କରି କହି ଉଠିଲେ—“ବନ୍ଧୁ ! ଏଇ ଯେ

ବାହାରେ ସୁଶୀଲର ସାଇକେଲ୍ ଘଣ୍ଟି ଟିଣ୍ ଟିଣ୍ ହୋଇ ବାଜି ଉଠିଲା— ।"

ଲଳିତ ବାବୁ ଅଧୀର ହୋଇ କହି ଉଠିଲେ—"କାହିଁ, କାହିଁ ଅନିଲ ବାବୁ, ସେ ଶୈତାନ କାହିଁ"—କହି କହି ଦେଖିବା-ପାଇଁ ବାହାର ଅଡ଼େ ଚାଲିଗଲେ ।"

ଏହି ଅବସରରେ ଅନିଲ ବାବୁ ନିଜର କୃତ୍ରିମ ନିଶଦାଢ଼ି ମୁହଁରୁ ଖୋଲିଦେଇ ଠିଆହୋଇ ରହିଲେ ମୁରୁକି ମୁରୁକି ହସି ।

ବାହାରଅଡ଼ୁ ଅଧୈର୍ଯ୍ୟହୋଇ କହି କହି ଆସିଲେ ବାବୁ—"କାହିଁ, କାହିଁ ସେ ଅନିଲ ବାବୁ— ।"

ଉତ୍ତର ଆସିଲା—"ଅନିଲ ବାବୁ ବର୍ତ୍ତମାନ ଚାଲିଗଲେ ମୋତେ ଛାଡ଼ିଦେଇ ।"

ସୁଶୀଲକୁ ହଠାତ୍ ସାମନା ଉପରେ ଦେଖିପକାଇ ଲଳିତ ବାବୁଙ୍କ ହୃଦୟର ସାତପସନର କୋଟିମାଣିକ ଯେପରି ନାଚିଉଠିଲା—ତାହା ନିକଟକୁ ଦଉଡ଼ିଯାଇ ତା' ଗାଲରେ ଗୋଟିଏ ସ୍ନେହର ଥାପଡ଼ା ଦେଇ ନିଜ ଛାତିଅଡ଼କୁ ଆଉଜାଇ ଆଣି କହିଉଠିଲେ—"ଦୁଷ୍ଟ, ପାଜି, ସୈତାନ୍ ଟୋକା, ଏପରି ଥାଇ ମୋ ସାଙ୍ଗରେ ଥଟ୍ଟା"—କେତେ ଟୋପା ଆନନ୍ଦାଶ୍ରୁ ବହିପଡ଼ିଲା ତାଙ୍କ ଆଖିକୋଣରୁ ।

ବନ୍ଧୁ ଛାତିରେ ଛାତି ମିଳାଇ, ବନ୍ଧୁ ପ୍ରାଣର କୋହ ଦେଖି ସୁଶୀଲର ଆଖିରୁ ମଧ୍ୟ ଝରଝର ହୋଇ ଆନନ୍ଦାଶ୍ରୁ ଟପ୍ ଟପ୍ ହୋଇ ଅଜାଡ଼ିହୋଇ ପଡ଼ିଲା ।

ଆନନ୍ଦରେ ଅଧୀରହୋଇ କହିଉଠିଲେ ଲଳିତ ବାବୁ—"ବହୁଦିନରୁ ହଜିଥିବା ପ୍ରାଣର ବନ୍ଧୁକୁ ଆଜି ଫେରିପାଇଛି ବାଦ୍ୟକାର—ବାଜା ବଜାଅ, ଜୋର୍ ଜୋରରେ ବଜାଅ—ପୂଜାରୀ ! ମନ୍ତ୍ରପାଠରେ ମୋହନର କାନଗୁହା ଫଟାଇ ଦିଅ ।"

ସୁଶୀଲ ଫେରି ଅଛନ୍ତି ବୋଲି ଶୁଣିପାରି ନୟନା ଅଧୀର ପ୍ରାଣରେ ଦଉଡ଼ି ଆସି ସୁଶୀଲର ପାଦତଳେ ପଡ଼ିଯାଇ ତାହାର ପାଦ ଦୁଇଟାକୁ ଖୁବ୍ ଜୋରରେ ଚାପିଧରି ଡାକିଉଠିଲା—ସୁଶୀଲ ଭାଇ ! ସୁଶୀଲ ଭାଇ !

ବାବୁ ହଠାତ୍ କହିଲେ—"ହଁ, ଖୁବ୍ ଜୋରରେ ସେ ସେତାଙ୍କର ଗୋଡ଼ ଦୁଇଟାକୁ ଭିଡ଼ିରଖ ନୟନା—ସେ ଦୁଷ୍ଟକୁ ଆଉ କେବେ ଛାଡ଼ିଦେବ ନାହିଁ—ମୁଁ ଟିକିଏ ଭିତରଆଡ଼ୁ ଆସେ ।"

ନୟନା ମର୍ମାନ୍ତିକ ସ୍ୱରରେ କହିଲା—"କ୍ଷମାକର କ୍ଷମାକର ସୁଶୀଳ ଭାଇ । ତୁମର ନିର୍ଦ୍ଦେଶ ପାଇ ଅମୀଲ ବାବୁଙ୍କ ଆଦେଶରେ, ନିଜ କର୍ତ୍ତବ୍ୟର ଅନୁରୋଧରେ ଯେଉଁ ଭୁଲ କରିବାକୁ ଯାଉଥିଲି ଆଜି, ସେଥିପାଇଁ ମୋତେ କଠିନ ଶାସ୍ତି ଦିଅ—ତୁମର ସେହି ଶାସନର ଗୁରୁକମ୍ପାତ ଦେଇ ମୋ ପିଠି ଚମଡ଼ା ଫଟାଅ—ଏହି ଗୋଡ଼ରେ ଗୋଇଠା ମାରି ତୁମ ଜୀବନର ଅବସାଦ ମେଣ୍ଟାଇ ନିଅ । ସବୁ ସହିବ ସୁଶୀଲ ଭାଇ ସବୁ ସହିବ, କିନ୍ତୁ ମୋତେ ବିଶ୍ୱାସଘାତିନୀ ଭାବି ଦୂରରେ ଫିଙ୍ଗିଦେବାପାଇଁ ଚେଷ୍ଟା କର ନାହିଁ—ନୟନାର ତରଳ ପ୍ରାଣ ତାହାବିପାଇଁ ଏତେନେହେଲେ ଲାଳାୟିତ ହୋଇନାହିଁ—ତୁମର ସେହି ଉଦାରହୃଦୟର ବକ୍ଷତଳେ ଟେକିଧରି ମୋତେ ତୁମ ଶାନ୍ତି ଖପରର ତାତଲ ଜାଉଟିକିଏ ଖାଇବାପାଇଁ ସୁଯୋଗ ଦିଅ ସୁଶୀଲ ଭାଇ—ମୋର ଯୌବନ ଚପଳତାର ମୋହ ଭିତରେ ଠିଆହୋଇ ଆଶୀର୍ବାଦ କର—ମୁଁ ତୁମର ସେହି ଦଦରା ଭଙ୍ଗାଚୁଲର କୁହାଙ୍ଗିଅଙ୍କ ହାତରେ ଧରି ସୁନାବୋହୂ ହୋଇ ହସି ଉଠେ ।"

ସୁଶୀଲ ନୟନାକୁ ହାତରେ ଟେକିଧରି ତାହାର ଆଖିରୁ ଟପଲୁହ ପୋଛିଦେଇ ସଜଳ ଆଖିରେ କହିଉଠିଲା—"ଏ ଶୁଭଦିନରେ ତୋ ଆଖିରେ ଆଉ ଲୁହ କାହିଁକି ନୟନା ! ପ୍ରାଣଟା

ମୋର ତେ ପାଇଁ କେବେ ହୋଇନ ନିଷ୍ଠୁର ଜ୍ୱାଳାନ୍ତକ—ଛଦ୍ମବେଶୀ ଜୀବନରେ ଅମୋଲ ନାମର ପ୍ରହସନ କରି ତୋତେ ତୋର କର୍ତ୍ତବ୍ୟ କରିବାକୁ ଆଦେଶ ଦେଉଛି ମୁଁ । ଆଜି ଧୈର୍ଯ୍ୟହୀନା ହୋଇ ସରସ ଜୀବନଟାକୁ ଭାଙ୍ଗିଦେବାକୁ ଚେଷ୍ଟା କରନା ନମୂନା—ମନେପଡ଼େ ଆଜି ସେହି ପ୍ରତିଭାଶାଳୀ ନାରୀ ବକ୍ଷରେ ଦେଇଥିବା କଣ୍ଠଭୂଷଣ, ଯେଉଁ ଭୂଷଣରେ ତୋର ଏହି ଚପଳ କଳିକା ଉପରେ ଅଙ୍କ ହୋଇଥିଲା କୁତ୍ସିତା ପ୍ରଗତିର ଛବି, ନାଚି ଉଠିଥିଲା ପ୍ରେମ ମରୀଚିକାର ସ୍ୱପ୍ନ—କିନ୍ତୁ ମୁଁ ମୋର ସାମାଜିକ ଜୀବନକୁ ଷଡ଼ଯନ୍ତ୍ରର ବ୍ୟୂହ ଭିତରେ ଅଟେଇ ଦେଇ ଯାହା ଦେଖିଲି, ତାହା କେବଳ ସୁଶୀଳର ଫଟାକପାଳ ଉପରେ ଦଉଡ଼ି ଦେଇ ଗାଇପାରିବୁ ଭେକଉପାସର ଗୀତ, ମୁଣ୍ଡପୋଡ଼ ସହିପାରିବୁ ପୃଥାକାନ୍ତର କଙ୍କାଳ, ଝଙ୍କାରର ରଖିପାରିବୁ ଖେଳିଲା କୁଞ୍ଜଅର ନଇଁଲା ଗୁଳ । ଧନୀଙ୍କ ଘରର ଖିଆ ଅମଲ ଶୋଭାର ମନକୁ କରିପାରିନି କେବେ ଦୁର୍ବଳ, ସଂକୀର୍ଣ୍ଣ, ଅବାସ୍ତବ—ଏହି ହୃଦୟରେ ମୋର ପ୍ରାଣର ଚିନ୍ତା ତୋପାଇଁ ସାଗରର ଲହରୀପରି ନାଚିଉଠିଛି ନମୂନା—ଯେଉଁ ଶିକ୍ଷାପାଇ କୁଳବଧୂ ନାରୀ ଆଜି ଧର୍ମଧ୍ୱଜତା ସରକରଣୀ, ପୂଜାର ସ୍ୱାମୀକୁ ଅଡ଼େଇଦେଇ ଦୁନିଆକୁ କରିପାରୁଛି ବଶୀଭୂତ, ସେହି ଶିକ୍ଷାରେ ଅନୁପ୍ରାଣିତ ହୋଇ ତୁ ଯେ ଗୃହଲକ୍ଷ୍ମୀଙ୍କର ନିର୍ଦ୍ଦେଶକୁ ମନ୍ଦମନାପ୍ରଣ ମନରେ ଝିଙ୍କିଆଣି ପାରିବୁ, ସେହି ହିସାବରେ ମୋର ନାଟକୀୟ ଜୀବନ ଉପରେ ଟାଣିହୋଇପାରୁଛି ତୋ ଅଶ୍ରୁବିନ୍ଦୁର ଯୋଗେ ଏ କୋଣିତରେଖା, ଯେଉଁ ରେଖା ହୀରାପରି ମୋ କଳିକା ଉପରେ ଅଙ୍କ ହୋଇଉଠିଛି ଉଦ୍ଭାସିତ—ତେଣୁ ତୋତେ ମୁଁ କେବେ କହିବନି ବିଶ୍ୱାସଘାତିନୀ, ପାପାଣୀ, କୁଳଟା; ହଜିବନି ମଧ୍ୟ ତୁ ମୋର ଅନାବିଲ ପ୍ରେମ ସଲିଳରେ ଜାଳିଦେଇଛୁ ଗୋଟାଏ

ଅବଶୋଷର ନିଅଁ ବରଂ କଷଟି ପଥରରେ କଷି କଷି ମୁଁ ସେ ତୋ ଜୀବନକୁ କରିପାରିଛି ଶାନ୍ତ, ଶକ୍ତ ଅଥଚ ସବଳ, ଏହି ମୋର ମନ ଅଧ୍ୟାୟର ମହାନ ଗୌରବ—ମନୋରଥ ନମୁନା ! ତୋର ଅଙ୍କ ପେଜଁ 'ଆଶା ସୁଶୀଲର ଶଙ୍କୁଡ଼ି ହାଣ୍ଡିର ଛାଉ ଖାଇ ଚେଷ୍ଟା କରିଛି ତୋଳିବାପାଇଁ ମାଟିର ଘର, ସେହି ଅକ୍ଷର ବୁକୁ ଉପରେ ଠିଆହୋଇ ତୁ ଗଢ଼ିବାକୁ ଚେଷ୍ଟାକର ଲଳିତର କର୍ପ ପାଷାଣ ଉପରେ ସୁନାର ଅଟ୍ଟାଳିକା—ମୁଁ ତୋ ପାଇଁ କେବେ ଦୁଃଖ କରିନି ଜାଣୁଁ କି ଅବଶୋଷ କରିବ ନାହିଁ ବରଂ ଶୁଭାକାଂକ୍ଷୀ ଭାଇ ହିସାବରେ ହାତଟେକି ଆଶୀର୍ବାଦ କରିବ—ତୋହର ସ୍ୱପ୍ନର ମଧୁମୟ ସଂସାର ଭିତରେ ଲିଭିଯାଉ ବନ୍ଧୁ ପ୍ରାଣରୁ ମର୍ମବେଦନାର ଦାଗ—ଜଳିଉଠୁ ତୋହାର ଜୀବନ ମନ୍ଦିରର ପ୍ରଭାତ ପ୍ରଦୀପ—ମୋତେ ଅଥ ସୁଶୀଲ ଭାଇ ବୋଲି ଡାକି ମୋର ପ୍ରାଣଟାକୁ ବହଲାଇବାକୁ ଚେଷ୍ଟା କରନା ନମୁନା । ଥରେ ଡାକ୍ ସୁଶୀଳ, ମୁଁ ତୋତେ ଡାକେ ନୂଆବୋହୂ—ବୁକ୍ଷଭେଦୀ ଜୀବନଟା ମୋର ସୁଲଭ ଉଠୁ ।"

ନମୁନା ଏ ଦୀର୍ଘ ଶ୍ୱାସରେ ସ୍ତମ୍ଭୀଭୂତ ହୋଇ କହି ଉଠିଲା—"ସୁଶୀଲ ଭାଇ ! ତୁମର ଏହି ପ୍ରଶାନ୍ତ କଲିଙ୍ଗା ଟିକକରେ କେଉଁ ମଧୁମୟ ଭବିଷ୍ୟ ଉପାଦନକୁ ନେଇ ମୋର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାପାଇଁ ତୁ ଏ ମାଟି ଉପରେ ବଢ଼ି ଉଠିଲ ସୁଶୀଳ ଭାଇ "—

"ମୋତେ ପୁଣି ଡାକିଲୁ ସୁଶୀଲ ଭାଇ—ତାହେଲେ ମୋ କଥା ମାନିବୁ ନାହିଁ—ହଉ ତେବେ ମୋତେ ଘୃଣାଦେ ମୁଁ ଗୁଳିଯାଏଁ ।"

ନମୁନା ଟିକିଏ କୁଟେଇଯାଇ ମୁହଁକୁ ମୁହଁକୁ ହସି ଡାକି-ଉଠିଲା—"ସୁଶୀଳ ! ସୁଶୀଲ !"

ସୁଶୀଳ ଉଦ୍ରୁପ ହସି କହିଲା—"କି ନିଆଁବୋହୂ ! ଖାଲି ମୁହଁକୁ ହସ ଦେଲେ ହେବ ନାହିଁ—ହାଣ୍ଡିଗଣ୍ଡି ଭିତରେ ଖାଇବାକୁ ଦେବାକୁ ହେବ ରାନ୍ଧିଲା ତିଅଣ ଆଉ ବାହାଘରର ଭୋଜି ଭାତ ।"

ଲଳିତବାବୁ ହଠାତ୍ ପ୍ରବେଶ କରି କହି ଉଠିଲେ—"ହୁଁ, ଧରିଛ ନା ଯେ ସାଜିକୁ—ତୋତେ ନା ଦେଉଛି ରହ"— ଏହା କହି ତାଙ୍କୁ ଦେବତାଙ୍କ ସାମନାକୁ ଭିଡ଼ିନେଇ କହିଲେ— "ମୋହନ ! ତୋହର ଇଙ୍ଗିତରେ ତୋର ଇଚ୍ଛା ପୂର୍ଣ୍ଣ ହେଉ ।"

ଏହି ସମୟରେ ଶୁଭ ଶଙ୍ଖ ଘନଘନ ବାଜି ଉଠିଲା । ସ୍ତ୍ରୀ ଲୋକଙ୍କର ହୁଳହୁଳି ଶବ୍ଦରେ ମନ୍ଦିରପ୍ରାଙ୍ଗଣ କମ୍ପିଗଲା । ବାସନ୍ତୀକୁ ସଙ୍ଗରେ ଧରି ସ୍ତ୍ରୀଲୋକମାନେ ପଶିଗଲେ ମନ୍ଦିର ଭିତରେ ।

× × × ×

ଷ୍ଟୁଡ଼ିବେକର ଛୁଟିଛି—ଯାହାରେ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ । ବି. ଏସ୍. ଏ ମୋଟର ସାଇକେଲ ରେଲ ଫାଟକକୁ ଲଙ୍ଘିଦେଇ ଛୁଟିଛି ୭୦ ମାଇଲ୍ ସ୍ପିଡ୍‌ରେ କପରି କାର୍ ପିଛା ଧରିବ ।

× × × ×

ଲଳିତ ବାବୁ ମନର ଅବେଗତା ପ୍ରକାଶି କହି ଉଠିଲେ— "ପ୍ରକାଶ ! ତୁମର ଯେଉଁ ପ୍ରକାର ହାତ ସୌଭାଗ୍ୟର ସିନ୍ଦୂର ଟୋପା ନେଇ ଦେବଦାସୀର କପାଳ ଉପରେ ବସାଇ ଦେବା ପାଇଁ ଥରି ଉଠିଥିଲା, ସେହି ହାତରେ ସେହି ଟୋପା ନେଇ ମନ୍ତ୍ର ପାଠ ଭିତରେ ବସାଇଦିଅ ବାସନ୍ତୀର ଭାଗ୍ୟ ଉପରେ ଆଜି ଏକାଠୁ ତାହାର ଅମାବାସ୍ୟାର ଅନ୍ଧାରୁ ଉପରେ ଝଲସିଉଠୁ ଅପାର ମହାଦୀପ, ହସି ଉଠୁ ଫୁଲର ବେଢ଼ି ଭିତରେ ଦୁଇଟି ଅସ୍ପଷ୍ଟ ହାତ—ଗଢ଼ୁ

ସେ ଦୀର୍ଘ ବ୍ୟବଧାନର ସ୍ମୃତି ଉପରେ କଳ୍ପନାର ସୁନେଲି ସଂସାର—।"

ଆଦେଶ ମାତ୍ରେ ପୂଜାରୀ ହାତରେ ଫୁଲମାଳ ଓ ସିନ୍ଦୂର ଧରି ସମସ୍ତଙ୍କ କପାଳରେ ଆନନ୍ଦରେ ଲଗାଇ ଦେଲା ଓ ଗୋଟିଏ ଗୋଟିଏ ମାଳ ସମସ୍ତଙ୍କ ଗଳାରେ ପିନ୍ଧାଇ ଦେଇ ଆଉ ଗୋଟିଏ ଗୋଟିଏ ମାଳ ସମସ୍ତଙ୍କୁ ଧରାଇ ଦେଲା ।

ସୁଶୀଳ ନୟନାକୁ ଇଙ୍ଗିତ ଦେବାମାତ୍ରେ ନୟନା ହାରଟି ଲଳିତ ବାବୁଙ୍କ ବେକରେ ପିନ୍ଧାଇ ଦେଇ ତାଙ୍କର ପାଦଧୂଳି ମୁଣ୍ଡରେ ଲଗାଇ କହି ଉଠିଲା—"ତୁମର ସେହି ଉଦ୍ଦାମ ଭାଗ୍ୟର ଜୁଆର ଉପରେ ଭସାଇଦେଲି ନିଜକୁ ଗୌରବରେ ନାଚିଉଠ ସ୍ୱାମୀ—ମୁଁ କହେ ଧନ୍ୟରେ ଘରସଂସାର—ଧନ୍ୟରେ ସ୍ୱାମୀର ପୂଜା ।"

ଲଳିତ ବାବୁ ନୟନାକୁ ହାତରେ ଟେକିଧରି ତା ବେକରେ ମାଳଟି ପିନ୍ଧାଇ କହିଉଠିଲେ—"ତୁମପରି ସରଳାକୁ ପାଇ ମୋର ପ୍ରାଣ ବଙ୍ଗୋପର ତରଙ୍ଗପରି ନାଚିଉଠିଛି ନୟନା—ତୁମେ କୁହ ଧନ୍ୟରେ ଘରସଂସାର, ନକହି ସ୍ୱାମୀର ପୂଜା କୁହ ମଦନମୋହନ ! ତୋହର ଇଙ୍ଗିତରେ ତୋର ଇଚ୍ଛା ପୂର୍ଣ୍ଣହେଉ"—

ସୁଶୀଳ କହିଉଠିଲା ସଙ୍ଗେ ସଙ୍ଗେ ହସି ହସି—"ନୂଆବୋହୂ ! କହିବା କଥା ମନେଅଛି, ଯଦି ସୁଗନ୍ଧର ହାଓ୍ୱା ଖାଇ ସ୍ୱୈରିଣୀର ବେଶରେ ବାହାରି ଦୂର ଦୂର ଅଜ୍ଞାତର ରଙ୍ଗୀନ୍ ମେଘମେଳାରେ ଉଡ଼ିବା ପାଇଁ ଚେଷ୍ଟାକର, ତାହେଲେ ତୁମର ଏହି ନରମ ପିଠି ଉପରେ ସାଏଁ ସାଏଁ କରି ବସିଯିବ ମୋର ହାତର ଲାଲଗୁଡ଼ୁଙ୍କର ପ୍ରହାର—ଛାଡ଼ିବନି ନୂଆବୋହୂ ବୋଲି ବରଂ ତୁମ ପିଠିର ଲାଲରକ୍ତ ଦେଖି ମୁଁ ହସିବି ।"

ଯୋଡ଼ାଏ ଚଷ୍ଟ ହସର ଲହରୀ ଛୁଟିଗଲା !

ଲଳିତ ବାବୁ ବାସନ୍ତୀକୁ ଇଙ୍ଗିତ ଦେବା ମାତ୍ରେ ବାସନ୍ତୀ ସୁଶୀଲ ଗଳାରେ ମାଳା ପିନ୍ଧାଇ ପାଦତଳେ ମୁଣ୍ଡରେ ମାର କହିଉଠିଲା କରୁଣକଣ୍ଠରେ—"ଏହି ପୂଜାର ମାଳ ଭିତରେ ହତଭାଗିନୀ, ନିଃସହାୟା ବାସନ୍ତୀକୁ ସ୍ତ୍ରୀ ହିସାବରେ ଗ୍ରହଣ କର ସ୍ୱାମୀ"—

ସୁଶୀଲ ସଜଳ ଅଖିରେ ବାସନ୍ତୀକୁ ଟେକିଧରି ତା ବେକରେ ମାଳା ପିନ୍ଧାଇ କହି ଉଠିଲା ବିସ୍ମିତ ହୋଇ—"ଏଁ—ଏ କ'ଣ ବାସନ୍ତୀ।"

ନିସ୍ୱନା ହସି ହସି କହିଲା—"ଏପରି ଗୁରୁଙ୍କର ମାଡ଼ ଭିତରେ ନୂଅବୋହୂ ବାହାଘରର ହାତଗଣ୍ଠି ଭିତରେ ବାନ୍ଧିଲି କିଅଣ ହେଲାଭାଇ।"

"ଅଗ୍ଗ—ଏହି ଭୋଜିଭାତ ମୋପାଇଁ ସାଇତି ରଖିଥିଲ ନୂଅବୋହୂ।"

ଲଳିତ ବାବୁ ସ୍ନେହମିଶା ବିଦ୍ରୂପ ଭିତରେ କହୁଥିଲେ—"ନା— ଖାଲି ପଲଙ୍କ, ମଂସ, ପାଏସ—ଦୁଷ୍ଟ, ପାଜି, ମୋ ଉପରେ ମଳତା ବୋଝଟା ଲଦିଦେଇ ଖସି ରହିଯିବାକୁ ଚେଷ୍ଟା କରିଥିଲୁ ନୁହେଁ—ଏଇଥର ସେ ଚାଳକୁ ଠିକ୍ ହୋଇଛୁ।"

କହୁଥିଲେ ପୁଣି ବାସନ୍ତୀକୁ ଲକ୍ଷ୍ୟ କରି—"ଭଉଣୀ! ସ୍ୱାମୀଙ୍କୁ ଜୀବନର ମଣିକୋଠରେ ମନେକରି ଗଢ଼ିଥିବୁ ତୋ ଘରସଂସାର, ମୋହନକୁ ଇଷ୍ଟ ବୋଲି ମନେକରି ପୂଜିବୁ ତୋ ମନର ଦେବତା—ଭୁଲିବୁନି ବରଷା ଦେଇ ସ୍ୱଜନଙ୍କ ଉପର—ଭୁଲିବୁନି କେବେ ସରକାରୀ ଘରେଇ କଥା—ଯେଉଁ ପରି ହାର ଗୁନ୍ଥି ମୋହନକୁ ହସାଉଥିଲୁ, ସେହିପରି ପୂଜା କରି ହସାଇବୁ ସୁଶୀଲଙ୍କ ସଂସାର—ତୋତେ ପାଇ ଯଦି ତାହାର ଭାଗ୍ୟ ଅକାଶରେ ପୂର୍ଣ୍ଣମୀର ଚନ୍ଦ

ଦେଖାଉଛ, ତାହେଲେ ଅମାବାସ୍ୟାର ଗାଢ଼—ଅନ୍ଧାର କୋଳରେ ପଡ଼ିଜାଉଛି ମୁଁ ପାଇବି ଅପାର ଆନନ୍ଦ ଆଉ ସେ ପାଇବ ହୃଦ-ଭେଦୀ ଜୀବନର ଶାନ୍ତ୍ୱନା ।"

ପୂଜାରୀ ଆନନ୍ଦରେ ନାଚି ନାଚି କହିଉଠିଲା—"ମଦନମୋହନ, ଏତେଦିନେ ଦୁଇଟି ଯୁଗଳ ତୋହର ଇଙ୍ଗିତର ପୀଠ ଉପରେ ଦର୍ଶନ କରି ମୋର ନୟନ ସାର୍ଥକ ହୋଇଛି ।"

ଲଳିତ ବାବୁ ନିର୍ଦ୍ଦେଶ ଦେଲେ—"ପୂଜାରୀ ! ଦେବତାର ଆଳତି ଆରମ୍ଭ କର ।"

ପୂଜାରୀ ଆଳତି କରିବାରେ ବ୍ୟସ୍ତ ରହିଲା । ସମସ୍ତେ ଏକ ଧ୍ୟାନରେ ହାତଯୋଡ଼ି ଦେବତାଙ୍କ ଆଡ଼କୁ ଅନାଇ ରହିଛନ୍ତି । ଏହି ସମୟରେ ପରମାନନ୍ଦ ପହଞ୍ଚି କହିଉଠିଲା ହଠାତ୍—"କାଳେ ବାସନ୍ତୀ ! ବଡ଼ ମଜାରେ ତ ବାହାଘର ହେଇ ମାଳପିନ୍ଧି ଏଠି ଠିଆ ହେଇଛୁ । ତୋ ଭାଇ ଯାହା କହୁଥିଲା ଭୁଲିଗଲୁ କି । ହିଁ ଲୋ ନ ହେଲୁ କାହିଁକି । ଏଥର ମନ ନାଚିଲା, ଗଣ୍ଠି ପଡ଼ିଲା ।"—

ସମସ୍ତେ ତା ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଅନାଇଁ ରହି ଭାବିଲେ, ଏଟା କଣ ପାଗଳଟାଏ ନା କଣ ।

× × × ×

ସ୍ୱାସ୍ଥ୍ୟ ଛୁଟିଥିବା କାର ପାଖେଇ ଆସିଲାଣି ହୁଏତ ଆଉ ଅଳ୍ପ ସମୟପରେ ପହଞ୍ଚିବ ଠିକ୍ ଜାଗାରେ । ଏଣେ ମୋଟର ସାଇକେଲ ପିଛା ଧରି ଧରି ଆସିଲାଣି । ସମ୍ପୂର୍ଣ୍ଣ ଭାବରେ ତା ପିଛା ଧରିବାପାଇଁ ଆଉ ଖୁବ୍ କମ୍ ସମୟ ।

× × × ×

ଲଳିତ ବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—"ଏ—ପୂଜାରୀ ଆଳତି ସମୟରେ ତୁମେ କିଏ ?"

"ମୁଁ ସମସ୍ତରପୁର ଗାଁର ସାହୁକାର ।"

ସୁଶୀଲ ସ୍ୱରରେ ଜୋର୍ ଦେଇ ପଚାରିଲା — "ଏଠାରେ କାହିଁକି ?"

"ଏଇ ବାସନ୍ତୀ ନିକଟକୁ ।"

"କାରଣ ?"

"ତା ଭାଇ ସୁର ମୋ ପାଖରୁ ପାଞ୍ଚ ଟଙ୍କା ନେଇ ଯେଉଁ ଏକରାରନାମା ଲେଖିଦେଇଯାଇଛି, ସେଥିରେ ଲେଖାଅଛି, ଯଦି ସେ ଟଙ୍କା ଦେଇ ନପାରେ, ତାହେଲେ ମୋ ଭଉଣୀ ବାସନ୍ତୀକୁ ତୁମେ ବାହା ହେବ ।"

ସୁଶୀଲର ଦେହ ଜଳିଗଲା ପରସ୍ତେ, କହିଲା — "ଏ ପରମା ! ଚିହ୍ନି ପାରୁଛୁ ମୁଁ କିଏ — ସେଦିନ ତୁମ ଗାଁକୁ ଯେଉଁ ତଦନ୍ତ କରିବାକୁ ଯାଇଥିଲି, ତୁମ ନାଁରେ ହଜାର ଯାହା-କହୁଥିଲା, ମୁଁ ଏହା ଭିତରେ ଯାହା ସବୁ ବୁଝିଛି ତୁମେ ଜଣେ ଠକ୍ ଜୁଆଚୋର ।"

ପରମା ଭୟରେ ଥର ଥର କହିଲା — "ଆଜ୍ଞା, ଆପଣ ଏଇଠି ଅଛନ୍ତି ? ଜୁହାର, ଜୁହାର — ମୁଁ ଆପଣଙ୍କୁ ଚିହ୍ନିପାରି ନାହିଁ, ଦୋଷ ମାପ୍ କରିବେ ।"

"ଆଚ୍ଛା ତୁମର ସେ କାଗଜଟା ଦେଲ, ମୁଁ ଟିକିଏ ଦେଖେଁ ।"

ପରମା ସନ୍ଦେହରେ ପକେଟରେ ହାତ ପୂରାଇ କାଗଜ ଅଣ୍ଡାଳିଲା କିନ୍ତୁ ପାଇଲା ନାହିଁ — କହିଉଠିଲା କାନ୍ଦ କାନ୍ଦ ହୋଇ — "ଆଜ୍ଞା ! ବାଟରେ ଆସୁଁ ଆସୁଁ ଡକାଯୁକ୍ତ ଦୁଇଟା ମୋ ଭେକାଳ ରୁମାଲ ନେଇଛନ୍ତି ଅଛୁ — କାଗଜ ତ ନାହିଁ । ତା ଉପରେ ଗୋଟେ ଶଣ୍ଢା ପଇସା ବି ଏ ପାକେଟ୍‌ରେ ରଖି ନାହାନ୍ତି —

ଠିକ୍ ଏପରି ମୁହୂର୍ତ୍ତରେ ବାହାରୁ ଗୋଟାଏ ପିସ୍ତଲର ଗୁଳି ଆସି ପରମା ଛାତିରେ ବାଜିଲା ଠେ — କଦଳୀ ଗଛ ପଡ଼ିଲା ପରି

ସେ ତଳେ ପଡ଼ିଯାଇ ଆଜ୍ଞା ଛାଡ଼ିଲା—"ବୋମ୍ବାଠେଲ ମରେଟେଲ୍"—
କଣ୍ଠ ତାର କ୍ଷୀଣ ହୋଇ ଆସିଲା ଅଳ୍ପେ ଅଳ୍ପେ, କହିଲା—
"ବାସନ୍ତୀ ! ଯେଉଁ ହାତ ଭାଗ୍ୟ ନେଇ ତୋର ସରଳ ଜୀବନ
ଉପରେ ବିଷ ଢାଳିବାର ଚେଷ୍ଟା କରୁଥିଲା, ତାର ଉପଯୁକ୍ତ ପ୍ରାୟଶ୍ଚିତ୍ତ
ମିଳିଗଲା ଠିକ୍ ଏଇଠି—ମୁଁ ମଲାବେଳେ ତୋତେ ଏତିକି ମିନତି
କରିଯାଉଛି, ତୁ ମୋ ଉପରେ ଘୃଣାଭାବ ନରଖି ସବୁ ଦୋଷ
ନିଜ ଗୁଣରେ ମାଫ୍ ଦେଇ ତୋ ବାପା ଭାଇଙ୍କ ଗମ୍ଭୀର ସାନ୍ତ୍ୱନାବାରଟାକୁ
ମନେ ରଖିଥିବୁ—ଭୁଲି ଯିବୁନି—ଆଉ ଯେବେ ପେଟରେ, ମୋ
ମଲା ଖବରଟା ଦେଇଦେବୁ—ଟିକିଏ ଥା—ଭଗବାନ ତୋର
ମ—ଙ୍ଗ—ଳ—କ—।"

ପିସ୍ତଲଟା ଆଉ ଗୋଟାଏ ଗୁଳିଦେଇ ଲକ୍ଷ୍ୟ ଠିକ୍ କଲା
ବେଳକୁ ପଛଆଡୁ ଗୁଡୁକ୍‌ଟା ସାଏଁକିନା ଟାଣିନେଲା ଠିକ ପିସ୍ତଲ
ଖଣ୍ଡକ । ସନ୍ଧ୍ୟା ବୁଲିପଡ଼ି ଦେଖେ ତ ଜଣେ ଶ୍ୟାମକାନ୍ତ ଯୁବକ—
ଭସ୍ମରେ ତା ଦଗ୍ଧମୂର୍ତ୍ତି ଥିବ ଉଠିଲା ।

"ହାଃ, ହାଃ, ହାଃ, ଉଭୁ ନେଉଛି, ଭାବିଥିଲୁ ଏ ଜୋଗୁଡ଼ି
ପୋଷାକ ଭିତରେ ସାମାନ୍ୟ ଖଣ୍ଡେ ପିସ୍ତଲ ଧରି ଏ ଦୁନିଆର
ଦୁନିଆଁଟାକୁ ପେଜ୍‌ଜାଲି ଧ୍ୱଂସ କରିଦେବାକୁ ସେ ତାନ୍ତ୍ରୀ—ଡ୍ରାଇ-
ଭରକୁ ଖୁନ୍ କରିବାକୁ ଆସି ଏ ପ୍ରସଙ୍ଗ ଆକାଙ୍କ୍ଷା ତୋ ମନରେ
ଜାଗିଲା କାହିଁକି"—ବହିଲା ତାହାର ପିଠି ଉପରେ ଗୁଡୁକ୍
ପଟାସ୍, ପଟାସ୍—

"ଉଃ, ଭୀଷଣ କଷ୍ଟ—ଆଉ ଗୁଡୁକ୍ ମାରନା ଜନ୍ମଦା ।"

"ହୁଁ, ହୁଁ, ହୁଁ, ଏତିକିରେ କଣ ଏ ଗୁଡୁକ୍ ବିଶ୍ରାମ
ପାଇବ । ଯେତେବେଳେ ଏହି ଟାଣୁଆ ଅଙ୍କୁଡ଼ା ଗୁଡୁକ୍ ତୋର
ପିଠିର ରକ୍ତ ଖାଇ ତାହାର ତୃଷା ନିବାରଣ କରିବ ସେତେବେଳେ

ତେଇଶି ବିଶ୍ରାମ ନେଇ ପାରେ କିନ୍ତୁ ବର୍ତ୍ତମାନ ନୁହେଁ—ଗୃହ କୁତ୍ସୀତା, କାଳସର୍ପିଣି ! ତୋତେ ଅଳ୍ପ ସେହି ମନ୍ଦିର ସାମନାରେ ତୋର ଜୀବନର ସମସ୍ତ କର୍ମକାଣ୍ଡ ସ୍ୱୀକାର କରିବାକୁ ହେବ ।"

ସନ୍ଧ୍ୟାର ଦେହଟା ଗୃହକ୍ଷର ମାଡ଼ରେ କ୍ଷତାକ୍ତ—ଅସ୍ଥି ହଠାତ୍ ପଡ଼ିଗଲା ମନ୍ଦିରର ସାମନାରେ ଗୃହକ୍ଷର ଧମକରେ । ତାର ପିଣ୍ଡଧରି ଗ୍ରାମବାସୀ ଯୁବକ ହାତରେ ଗୃହକ୍ ଓ କଙ୍କାଳ ପାଖରେ ପିସ୍ତଲ ଧରି ପହଁଥିଲା ।

ଏପରି ଭୟାନକ ଦୃଶ୍ୟରେ ମନ୍ଦିରର ଜନତା ଏକାଥରେ ସ୍ତବ୍ଧ ହୋଇ ଅନାଇ ରହିଛନ୍ତି ।

ଯୁବକ ସନ୍ଧ୍ୟାକୁ ଦେଖି ଗୋଟାଏ ଅଟ୍ଟହାସ ଦେଇ କହିଉଠିଲା—"ଶେଷରେ ଦୈତ୍ୟ ନାର ନିଷ୍ଠୁର ଗୁଳିଟା ଅସି ବାଜିଲା ତୋର ଛାତିରେ । ହାଃ, ହାଃ, ହଃ, କିଏ କଣ କରିବ । କର୍ମ ଅନୁସାରେ ଫଳ ।"

ସନ୍ଧ୍ୟାକୁ ଲକ୍ଷ୍ୟ କରି ପଚାରିଲା ପ୍ରଶ୍ନ—"ଯେଉଁ ଦୁଷ୍ଟାର ସ୍ତ୍ରୀଭମାକୁ ଖଣ୍ଡେ ନିର୍ଜୀବ ପାଷାଣ କରି, ସ୍ୱାମୀ ଛାତିରେ ପଦାଘାତ କରି ଉଡ଼ିଯାଇଥିଲା ପ୍ରଗତିର ହାତ୍ୟୁ । ଖାଇ ଜାଳିବାପାଇଁ ଗୋଟାଏ ବିଦ୍ରୋହର ନିଆଁ ସେହି ଦେବତା ଆଗରେ ସ୍ୱୀକାର କର—ଯେଉଁ ସୁଶୀଳ ତୋର ପ୍ରଗତି ଜୀବନକୁ ହିତଶିକ୍ଷା ଦେଇ ତୋର ଦାମ୍ଭିକ ମନକୁ ବଦଳାଇବାପାଇଁ ଚେଷ୍ଟା କରିଥିଲା, ତାହାର ବିରୁଦ୍ଧରେ ଷଡ଼ଯନ୍ତ୍ର କରି, ଡାକ୍ତର ସହିତ ଗୁପ୍ତ ପରାମର୍ଶ ଚଳାଇ ତାକୁ ନିର୍ମମ ଭାବରେ ହତ୍ୟା କରିବାପାଇଁ ଡ୍ରାଇଭର ରାମସିଂକୁ ପୁରସ୍କାର ଦେଇ ପଠାଇଥିଲୁ ?"

କମ୍ପିତ ଏ ଗୃହକ୍ଷର ପ୍ରହାର ପଟାସ୍, ପଟାସ୍ ।

"ଓଃ—ହଁ—ଦେଇଥିଲି ।"

"ସୁଶୀଳଙ୍କୁ ମିଥ୍ୟା ମରଣର ଗର୍ତ୍ତ ଉପରେ ଢାଙ୍କିଦେଇ ଗୋଟାଏ ଢାଲ୍ ଗଢ଼ି ନମୁନା ନିକଟକୁ ପଠାଇ, ଡାକ୍ତରର ପୀରତି ମହଲରେ ନିଜର ଅସ୍ତିତ୍ୱ ରକ୍ଷାକରିବା ପାଇଁ ତା ଗାଲରେ ଥାପଡ଼ ମାରି ତାହାର ଭବିଷ୍ୟତକୁ ଅନ୍ଧାର କରିବାର ଚେଷ୍ଟା କରିଥିଲୁ ।"

"ହଁ—କ—ରି—ଥି—ଲି ।"

"ଲମ୍ପଟ ମୋହିନୀ ବାବୁର ଗୁପ୍ତ ପୀରତି ଭିତରେ ଛନ୍ଦିହୋଇ ନିଜର ସ୍ୱାମୀକୁ କଷ୍ଟଦେଇ ମାରିବାର ଅଭିଯାନ ଚଳାଇଥିଲୁ ।" ପୁଣି ବସିଲା ଚାବୁକର ପ୍ରହାର ସପାଙ୍ଗ୍ ସପାଙ୍ଗ୍ --

ସନ୍ଧ୍ୟାର ଦେହରେ ଥିବା ପୋଷାକ ଖଣ୍ଡିକ ରକ୍ତରେ ଏପରି ଭିଜିଗଲାଣି ଯଦ୍ଦ୍ୱାରା ଜଣାପଡ଼ୁନି ଯେ ତା ଦେହରେ ଲୁଗା ଅଛି ବୋଲି । ମୁହଁଟା ଏକାବେଳେ ରକ୍ତାକ୍ତ—ପିଠି ଚମଡ଼ା ଫାଟି ଫାଁ କରିଛି । ସନ୍ଧ୍ୟାକୁ ଦେଖିଲେ ମନେ ହେଉଛି ଯେପରି କାଳନାଗୁଣି ବେଶରେ ଅର୍ଜୁନଙ୍କ ଭିତରେ ଦଉଡ଼ି ଆସିଛି ଦୁନିଆଟାକୁ ଏକାଥରେ ଗ୍ରାସ କରିଯିବ । ଆଖିଗୁଡ଼ାକ ଅତି ବିକଟ ହୋଇଉଠିଛି । ଦୃଶ୍ୟ ଦେଖିଲେ ଲୋମମୂଳ ନିଶ୍ଚୟ ଟାଙ୍କୁରି ଉଠିବ ।

"ଓଃ, ଚାବୁକର ମାଡ଼ଦେଇ କଥା ଆଦାୟ କରିବାର ବେଳ ଏ ନୁହେଁ ଶୟତାନ୍ ତୁ ଏଇ ହାତରେ ଯଦି ସେଦିନ ପିସ୍ତଲଟା ଥାନ୍ତା ।"

ପୁଣି ବସିଲା ସାଁ ସାଁ - "ତଥାପି ଯେ କହିଲୁ ମନେ ଭାବ ତୋର ଦୂର ହୋଇଛି କାଳସର୍ପଣୀ ।"

ରକ୍ତାକ୍ତ ଶରୀରରେ ବ୍ୟସ୍ତ ହୋଇଉଠି କହିଉଠିଲା ସନ୍ଧ୍ୟା— "ନିର୍ଦ୍ଦୟ ହୋଇ ଆଜ ଚାବୁକ ମାରନା ଚଣ୍ଡାଳ—ବଡ଼ କଷ୍ଟ— ଓଃ—ଯନ୍ତ୍ରଣା ଭୁଲ୍ କରିଛି ଜୀବନରେ ତାହା ନିଜ ଗୁଣରେ କ୍ଷମାକର— ସ୍ୱାମୀ ! ସ୍ୱାମୀ ! ରକ୍ଷାକର—ସୁଶୀଳ ! ସୁଶୀଳ ! ଏ ଚାବୁକ ମାଡ଼ରୁ ମୋତେ ବଞ୍ଚାଅ ।"

"ହୁଁ, ହୁଁ, ହୁଁ, ସ୍ୱାମୀ—କହୁଥିଲି ସସ୍ୱଦନେ, ତ୍ରୁଟେମ
ଯେଉଁ ଦେବତାକୁ ଖଣ୍ଡେ ନିର୍ଜୀବ ପଥର କହୁ ଜୀବନର ସଙ୍ଗୀକୁ
ବିଦ୍ରୋହୀ ମନରେ ଠେଲିଦେଇ ଯୌବନର ସେଇଠାନ୍ ପରଶ
ପାଇବା ପାଇଁ ପ୍ରଗଳ୍ଭ ଅଞ୍ଜଳି ବଢ଼ାଉଥାଉଛ, ସେହି ଦୁର୍ବଳ
ପାଷାଣର ଇଙ୍ଗିତରେ ତୁମ ପିଠି ଉପରେ ବର୍ଷିଯିବ ଲକ୍ଷ ଚାବୁକର
ପାହାର ସାଏଁ ସାଏଁ—ଏ ସେହି ନିଷ୍ଠୁର ଚାବୁକର ପ୍ରହାର—
ଏଥିରେ ଦେବତା କ୍ଷମା ଦେଇ ପାରିବେ ନାହିଁ, ସ୍ୱାମୀ ରକ୍ଷା କରି
ପାରିବେ ନାହିଁ କି ମୁଁ ବଞ୍ଚାଇ ପାରିବି ନାହିଁ ।"

ରୁଦ୍ଧକଣ୍ଠ ଚଳଇ ମଳଇ କହିଉଠିଲା ଶ୍ରୀମନ୍ତ ଯୁବକ—
"ସନ୍ଧ୍ୟା ! ଏ ରଙ୍ଗମଞ୍ଚ ତିଆରି ନୁହେଁ ହାତରେ ପିସ୍ତଲ ଧରି
ଜୀବନ ନାଟକର ଦୃଶ୍ୟ ଦେଖାଇବା ପାଇଁ । ମନେ ରଖିବାକୁ
ହେବ, ଏଠାରେ ତୋହର ଉଷ୍ଣାକ୍ତ ମନୋଭାବ ନେଇ କେହି ନାହିଁ
—ଏ ପ୍ରକାର ପୀଡ଼ିତଙ୍କ ଜୀଇଅଛି ନିଜର ଜ୍ୱଳନ୍ତ ସ୍ୱପ୍ନରେ
ଅବସ୍ଥାନ ଗଢ଼ିବା ପାଇଁ ସାଧନା କେତେଗୋଟି ସରଳ, ଶାନ୍ତ,
ମଣିଷ—ସେମାନଙ୍କର ସ୍ୱଳ୍ପ ଲଜ୍ଜାଠାରୁ ଅଧିକ ଶାଣ । ସେ ଦ
ପଞ୍ଜିଗ ତୋର ଏହି ସାମାନ୍ୟ ଗୁଳିରେ ଭାଙ୍ଗିବାର ନୁହେଁ ବରଂ
ତୋର ଏ ହିଂସାତ୍ମକ ଖେଳ ଭିତରେ ଦୁର୍ଦ୍ଦିନ ବତାସରେ ମାଡ଼ଖାଇ
ସେ ହୋଇଉଠିଛନ୍ତି ଭୀଷଣ । ତୁ ତୋର ଅବାସ୍ତବ ପ୍ରେମ ଉପରେ
ମହାପ୍ରଳୟ ସୃଷ୍ଟିକର ଯେଉଁ କେତେଜଣ ଜୀବନ୍ତ କଙ୍କାଳର ରକ୍ତ
ଦେଖିବା ପାଇଁ ଚେଷ୍ଟା କରୁଥିଲୁ ପିଶାଚୀ, ସେହି ଦଳ ତୋର
ଭାଙ୍ଗିଦେଇଛନ୍ତି ଏହି ମନ୍ଦିରର ଦେବତା— ।"

ସନ୍ଧ୍ୟା ସେହି ରକ୍ତାକ୍ତ ଶରୀରରେ ଭଙ୍ଗା କଣ୍ଠରେ କହିଲା—
"ସ୍ୱାମୀ ! ଦେବତା ! ନାରକୀ ବୋଲି ଘୃଣା କରନା—ପାଟିଲା
ପିଠିର ରକ୍ତଦେଖି ନିର୍ଦ୍ଦୟ ହୁଅନା—ସ୍ତ୍ରୀ ହିସାବରେ ନିଜ

ଭାଗ୍ୟ ଉପରେ ଅଉଥରେ ଟେକି ଧରିବାପାଇଁ ଚେଷ୍ଟାକର—ମୁଁ ନିଷ୍ଠୁର କହୁଛି, ତୁମର ଯୌବନ ନିର୍ଜୀବ ନୁହେଁ, ସଜୀବ । ବାହାରେ ମାତ୍ର ସନ୍ଧ୍ୟା ବୋଲି ଡାକ ସ୍ତ୍ରୀ ପିଠିରୁ ଏ ଗଢ଼ିଲା ରକ୍ତ ପୋଛିଦିଅ ସ୍ୱାମୀ—ଜୀବନର ଭୁଲପାଇଁ ମୋତେ ତୁମର ସେହି ଦଣ୍ଡପାଣିର ତନ୍ତ୍ରୀତଳେ ଝାଣିରଖି ଶାସ୍ତିଦିଅ, ତାହା ମୁଁ ସହିବି । ସହି ସହି ଘର କରଣୀର କୁଳବଧୂ ହୋଇ ପୂଜିବି · ସ୍ୱାମୀର ଚରଣ—କୁଳଦୀପରେ ସଳିତାଦେଇ ବନ୍ଦାଇଣି ମୋ ଜୀବନର ମନ୍ଦିର—ଏତିକିଟା କରିବାପାଇଁ ତୁମ ଘରସଂସାର ଉପରେ ବଞ୍ଚି ଇ ରଖ ସ୍ୱାମୀ"—

"ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ ଲଳିତବାବୁ—"ଏ ରକ୍ତାକ୍ତ ଶରୀରରେ ଅଉ ଏ ମର୍ମାନ୍ତିକ ଦୃଶ୍ୟ ଦେଖାଇ ସଜୀବିତ ମନକୁ ଟାଣି-ନେବାକୁ ଚେଷ୍ଟା କରନା ସନ୍ଧ୍ୟା—ତୁମ ଜୀବନର ସ୍ୱାମିତ୍ୱ ଲାଭପାଇ ସେ ଲକ୍ଷ୍ମଦାଗ ଅଜ ମଣିପର ଝଟକ ଉଠିଛି ନମୁନାର ବୁକୁ ଭିତରେ—ସେହି ହିସାବରେ ମୋଠାରେ ସ୍ୱାମୀତ୍ୱ ଥାଇମଧ୍ୟ ମୁଁ ତୁମକୁ ସ୍ତ୍ରୀହିସାବରେ ନିଜ ଭାଗ୍ୟଉପରେ ଟେକିଧରି ସନ୍ଧ୍ୟା ବୋଲି ଡାକିବାକୁ ଦୁର୍ବଳ । ଯେଉଁ ଦିନୁଁ ଦୁର୍ଭାଗ୍ୟର ସନ୍ଧ୍ୟାଯାଇ ସୌଭାଗ୍ୟର ନମୁନା ପ୍ରଭାତ ପରି ଉଇଁ ଉଠିଛି ମୋର ଧ୍ୱସ୍ତ ସଂସାରର ଦିଗ୍‌ବଳୟ ଉପରେ ସେହିଦିନୁଁ ଏ ସନ୍ତପ୍ତ ହୃଦୟର ଅଜଡ଼ା ମୋହ ଘୁଞ୍ଚି ଆସିଛି ଏଠିକି—ଆଉ ସ୍ୱାମୀ ବୋଲି ଡାକି ମୋତେ ସେ ବୀଭତ୍ସ ଦୃଶ୍ୟ ଉପରେ ଶୋଇରହି ବୁକୁଫଟା ଅନୁରୋଧ କରନା—ମୁଁ ବଞ୍ଚିମଲି ତୁମର ସେହି ଗୁଲଜପଟର ଅସ୍ପଷ୍ଟ, ଅଦୃଶ୍ୟ, ଦୂରେ ।"—

"ଉଃ—ଭାରିଶୋଷ ଲାଗିଲି—ଏତେବେଳେ ଝିଅଙ୍କ ଟଣ୍ଟିରେ ଟୋପାଏ ପାଣି ଦେବନି"—ତତକ୍ଷଣାତ୍ ନମୁନା ଦଉଡ଼ିଯାଇ ଗୋଟାଏ ଗିଲାସରେ ପାଣି ଆଣି ସୁଶୀଳକୁ ଦେଲା । ସୁଶୀଳ ସନ୍ଧ୍ୟା ମୁହଁରେ ଦେଲା । ସନ୍ଧ୍ୟା ଟିକିଏ ଆଶ୍ୱସ୍ତି ନେଇ ଫିକ୍‌କରେ

କହିବାକୁ ଲାଗିଲା—"ସୁଶୀଲ୍ ତୁମର ଭାବୀ ଭବିଷ୍ୟତ ଅନ୍ଧାରକୁ ଦେଖିପାଇ ଯେପରି ଭାବରେ ବୁଣ୍ଡି ପଡ଼ୁଛ, ତୁମର କହିବା ମୁତାବକ ତାହାର ପ୍ରାୟଶ୍ଚିତ୍ତ ମିଳିଗଲା ଆଜି ଏହି ଦେବତାର ଆଗରେ ଯାହାକୁ ମୁଁ କହୁଥିଲି ନିର୍ଜୀବ, ମୂକ—ଓଃ, ବଡ଼ କଷ୍ଟ ସୁଶୀଳ—ଯିବାବେଳେ ଗୋଟିଏ କଥା ତୁମକୁ କହିଯାଉଛି ହୁଏତ ତାହା ମୁଁ ଲୁଚାଇ ରଖିଥିଲି ଏପର୍ଯ୍ୟନ୍ତ—ଦିନେ ଯେଉଁ ମୋହିନୀ ବାବୁର ରଙ୍ଗୀନ୍ ଛବି ମୋତେ ଏଠାରୁ ଚୁମ୍ବକ ପରି ଟାଣି ନେଇଥିଲା ସେହି ମୋହିନୀକୁ ମୁଁ ନିଜ ହାତରେ କରିଛି ଖୁନ୍।"

ସୁଶୀଲ ଅସ୍ଥିର ହୋଇ କହିଲା—"ଭାବୀ ! ତୁମେ କରିଛ ଖୁନ୍, ଯାହାକୁକି ତୁମେ ଅନ୍ତର ଦେଇ ଭଲପାଉଥିଲ ତାକୁ ପୁଣି କଲ ଖୁନ୍।"

"ନସୁନା ! ଦେ, ଏଥର ଏ ଗାଲରେ ତୋ ଇଚ୍ଛା ମୁତାବକ ଥାପଡ଼ ମାର୍। ନ ହେଲେ ଆଉ ସୁଯୋଗ ପାଇବୁନି—ଅ, କେତେ କହୁଛୁ କାହିଁକି—କଣ ଇଚ୍ଛା ହେଉନି—ହଉ ଥା ନସୁନା, ତୋତେ ମୁଁ ବଡ଼ ଭଉଣୀ ହିସାବରେ ଶିକ୍ଷା ଦେଇଯାଉଛି ଯେପରି ତୁ ତୋର ସ୍ୱାମୀଙ୍କୁ ଛାଡ଼ି ମୋ ଭଳି ଦୁର୍ଗମ ପ୍ରଗତି ଅଡ଼କୁ ଖସି ନଯାଉ। ସୁଶୀଳ ! ଆଉ ଡେରି କାହିଁକି—ଭାବୀକୁ ଏବେ ହାତକଡ଼ା ଦେଇ ନେଇ ଚାଲ ହାକିମଙ୍କୁ।"

କହିଉଠିଲେ ଶ୍ୟାମବାବୁ—"ହାଃ, ହାଃ, ହାଃ, ହାକିମଙ୍କୁ ଯିବାର କଣ ଦରକାର ଆଉ ତୋର ଅଛି ପାପାଣୀ। ଏଇ ଟୋପାଏ ପାଣି-ପିଇ ମୋ ଅଭିଶପ୍ତ ଜୀବନଟାକୁ ଅନ୍ତ କରିଦେଇବାର ଚେଷ୍ଟା କରୁଛୁ କାହିଁକି—ନିର୍ବୋଧ ମାନବ ! ଜୀବନର ଶେଷପାଦରେ ପହଞ୍ଚି ତଥାପି ପାଣି ଦୋକାନ ପିଇ କାଳହାସୀ ମୃତ୍ୟୁ ସହିତ ସେ କରେ ସଙ୍ଗ୍ରାମ।"

"ଶୁଣ ସୁଶୀଲ ବାବୁ ! ଯିଏ ଅଭ୍ର ଗଗନର ବୁକ୍‌କୁ ହତ୍ୟାକର ସରକାର ମହଲରେ ତଥା ପୋଲିସ୍ ମହଲରେ ସୃଷ୍ଟି କରିପାରନ୍ତି ଘୋର ଗୁଞ୍ଜନ୍ୟ ଅଜ ଯାହାର ଛଟିରେ ତୁମର ମନ ହୋଇଉଠିଛି ଅନୁସନ୍ଧିତ୍ସୁ, ମୁଁ ସେହି ହତଭାଗ୍ୟ ରକ୍ତବୁଭୁକ୍ଷୁ, ଡ୍ରାଇଭର, ସମର୍ଜି"—କହିସାରି ନିଜର ଗୁପ୍ତ ପୋଷାକଟି ଖୋଲିଦେଲା ।

ମନ୍ଦିରର ସମସ୍ତ ଜନତା ଏକାଥରେ ଚମକି ପଡ଼ିଲେ ସମର୍ଜିଙ୍କୁ ଦେଖି ।

ସମର୍ଜି କହି ଉଠିଲା—"ସୁଶୀଲବାବୁ ! ଚମକି ଉଠୁଛନ୍ତି କାହିଁକି ! ଛଟି ଦେଇଥିଲି ଆପଣ ସମର୍ଜିଙ୍କୁ ମହଲରେ ଏହିଠାରେ ପାଇବେ ବୋଲି ।

ସନ୍ଧ୍ୟା ସେହି ବୀଭତ୍ସ ଅବସ୍ଥାରେ କହିଉଠିଲା—"ଓଃ—ନିମକ୍‌ହାରାମ ସମର୍ଜି ।"

"ହାଃ, ହାଃ, ହାଃ, ମୁଁ ସେହି ନିମକ୍‌ହାରାମ୍ ସମର୍ଜି—ଯାହାକୁ କି କେତେଖଣ୍ଡ ନୋଟନୀପ୍ କାଗଜଦେଇ ପଠାଇଥିଲି ସୁଶୀଲଙ୍କୁ କରିବାପାଇଁ ନିର୍ମମଭାବରେ ହତ୍ୟା"—

ଲଳିତବାବୁ ଅସ୍ୱସ୍ତି ହୋଇ ଡାକିଉଠିଲେ—"ମଦନ-ମୋହନ !"

ସମର୍ଜି ହସି ହସି ସୁଶୀଲବାବୁଙ୍କ ଆଡ଼କୁ ହାତ ଦୁଇଟି ବଢ଼ାଇ-ଦେଇ କହିଲା—"ସୁଶୀଲବାବୁ ! ଡେରି କହିଁକି ?"

ଲଳିତବାବୁ ବାଧା ଦେଇ କହି ଉଠିଲେ—"ଏଁ—ଏ କଣ କରୁଛ ସମର୍ଜି ! କେଉଁ ଆଡ଼କୁ ତୁମର ଏ ପବିତ୍ର ହାତ ଦୁଇଟି ବଢ଼ାଇ ଦେବାପାଇଁ ଚେଷ୍ଟା କରୁଛ ?"

"ହୁଁ, ହୁଁ, ହୁଁ, ଏ ହାତ ଦୁଇଟା ମୋର କେବେ ପବିତ୍ର ନୁହେଁ ଲଳିତବାବୁ ! ସେ ଗୋଟାଏ ପିଶାଚର ରକ୍ତ ଉପରୁ ବଳିଛାଟା

ଖାଇ ହୋଇଛନ୍ତି ରକ୍ତାକ୍ତ । ଦେଖୁନାହାନ୍ତି, ନୃଶଂସ ହାତ ପାପୁଲି ଫଟାରୁ କଅଁଳ ଲାଲ ରକ୍ତ ଗୁଡ଼ାକ ଠପ୍ ଠପ୍ ହୋଇ ବହି ପଡ଼ୁଛି ! ଲମ୍ବାର ଶିକୁଳି ଭିତରେ ବାନ୍ଧି ନ ହେଲେ ତା ଗଣ୍ଠିହାଡ଼ ଉପରୁ ରକ୍ତର କଣ କେବେ ଛାଡ଼ିବ ନାହିଁ ଲଳିତବାବୁ ।"

ନମ୍ରତା ଓ ବାସନ୍ତୀ ସ୍ତମ୍ଭୀଭୂତ ହୋଇ ଠିଆହୋଇ ରହିଛନ୍ତି, ଅଭିଭୂତ ପ୍ରାଣରେ କିଛି କହି ପାରୁନାହାନ୍ତି ।

ସୁଶୀଲର ମଥା ବିଚଳିତ । ମନ ଓ ବିବେକର ସଂଗ୍ରାମ । ନିଜର କର୍ତ୍ତବ୍ୟ ସ୍ଥିର କରି ହେଉନାହିଁ । କହିଉଠିଲା—"ନା— ରାମସିଂ ! ମୋତେ କିଛି ସମୟ ଭାବିବାକୁ ଦିଅ ।"

ରାମସିଂ ହସି ହସି କହିଲା—"ନିଜର କର୍ତ୍ତବ୍ୟ କରିଯାଅ ସୁଶୀଲ ବାବୁ !—ବିଚଳିତ ହୋଇ କର୍ତ୍ତବ୍ୟ ଭୁଲନା—ଦୋଷହା ସେପରି କିଛି ମାମୁଲି ନୁହେଁ । ଖୁନ୍ କରିଛି ସେ—ନିଷ୍ଠୁର ସେ ଖୁନ୍ କରିଛି—ଖାଲି ଖୁନ୍ ନୁହେଁ—ଟାଣୁଆ ହାତରେ ପିସ୍ତଲଟା ଧରି ତା' ଛାତି ଭିତରେ ଭୁଷାଇ ଦେଇଛି ଗୁଳି—ଖାଲି ଗୁଳି ନୁହେଁ—ଗୁଳି ଖିଆ ଦେହ ଉପରେ ବସାଇଛି ପୁଣି କରତା ବୁଟ୍‌କ୍ରର ପାହାର୍ ।"

ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହି ଉଠିଲେ ସୁଶୀଲ ବାବୁ— "ଏତେ ବଡ଼ ଗୋଟାଏ ସାଙ୍ଘାତିକ ଗୋଳକଧନ୍ଦା ଭିତରେ ମୋତେ ଟିକିଏ ମଣିଷପରି ଭାବିବା ପାଇଁ ଦିଅ ରାମସିଂ ।"

ରାମସିଂ ତୃପ୍ତ ହସି କହିଲା—"ଅଚ୍ଛା, ତଥାପି ମୋର ଜୀବନର ଇତିହାସ କହିବାକୁ ଅନେକ ବାକି ଅଛି ସୁଶୀଲବାବୁ—ଆପଣ ଏହା ଭିତରେ ଭାବି ନିଜର କର୍ତ୍ତବ୍ୟ ସ୍ଥିର କରି ନିଅନ୍ତୁ । ମୁଁ କହୁଛି ମୋର ଅତୀତ ଜୀବନର କାହାଣୀ—ଶୁଣିନିଅ ଏଠାକାର ସମସ୍ତ ଜନତା—ତୁ ମଧ୍ୟ ଶୁଣିନେ ସନ୍ଧ୍ୟା ତୁ ଏତେ ଏ ଦୁର୍ବଳ

ଷଟ୍ଟାବରେ ଆଉ କିଛି ସମୟ ପରେ ମୋର କାହାଣୀ ଶୁଣିବାକୁ ପାଇବୁ ନାହିଁ ।"

ଗୋଟାଏ ଅଡ଼କୁ ଲକ୍ଷ୍ୟ କରି ଆରମ୍ଭ କଲା ତାହାର କାହାଣୀ ।

"ବାପାଙ୍କର ହାଡ଼ୁଆ କଙ୍କାଳ ଉପରେ ମଣିଷ ହୋଇ ଦୁନିଆଁ ମାଟିରେ ଠିଆ ହେଲା ବେଳକୁ ବାପା ଚାଲିଗଲେ ତାଙ୍କର ଗୋଟିଏ ମାଟି କଣ୍ଢେଇର ଦାୟିତ୍ୱ ମୋ ଉପରେ ଲଦାଇ ଦେଇ । ଅନ୍ତିମ ସମୟରେ କହିଗଲେ—"ପୁଅ ! ମୁଁ ଜୀବନରେ ତୋ ପାଇଁ କଡ଼ାଏ କାଣ୍ଡେ ହେଲେ କିଛି ସାଇତି ରଖି ପାରିଲିନି ତଥାପି ଲେଖି ଦେଇ-ଯାଉଛି ଖଣ୍ଡେ କାଗଜରେ, ଯେଉଁଥିରୁ କି ପ ଇ ପାରିବୁ ମୋର ଜୀବନର ଦାରୁଣ ଇତିହାସ । ତା'ଛୁଇଁ ତୋର ଦରଦୀ ଜୀବନର ସମ୍ବଳକରି ଗଢ଼ିବୁ ତୋର ସୁନାର ଭବିଷ୍ୟ । ସେହି କାଗଜ ଖଣ୍ଡିକୁ ଶକ୍ତ କରି ଧରିଲି ମୋର ଭାଗ୍ୟ ପଥରେ ଖୁବ୍ ଜୋର୍ କରି—ସେଥିରେ ଲେଖାଥିଲା—

"ପୁଅ ! ଜୀବନର ସମସ୍ତ ସୁଖ ସୌନ୍ଦର୍ଯ୍ୟକୁ ଦଳିଦେଇ ସାନଭାଇ ଗଗନକୁ ଏଇ ହାତ ହାଡ଼ରେ ତିଆରିଲି ମଣିଷ ଭଳିଆ ମଣିଷ କରି । ଭାବିଲି ଗଗନର ମନୁଷ୍ୟତ୍ୱ ଉପରେ ଚଢ଼ି ରହି ମୁଁ ପାଇ ପାରିବି ଜୀବନରେ ଶାନ୍ତି ଆଉ ଆନନ୍ଦ, କିନ୍ତୁ ତା'ଠାରୁ ଭକ୍ତି ଓ ସହାନୁଭୂତି ପାଇବା ବିନିମୟରେ ପାଇ ବସିଲି ଅମାନୁଷିକ ଅତ୍ୟାଚାର । ଯେଉଁ ଅତ୍ୟାଚାରର ଦାଉଁ ଭିତରେ ମୋ ଦେହର ହାଡ଼ ମାଉଁସ ମିଳାଇଗଲା ପରନ୍ତେ—ପଛେ ପଛେ ତୋର ଗର୍ଭଧାରିଣୀ ମା ଖଣ୍ଡିକ ସେହି ଧକ୍କାରେ ହାଲିଆ ହୋଇ ମୋତେ ଛାଡ଼ିଦେଇ ଜଞ୍ଜାଳଗ୍ରସ୍ତ ମାଟି ଉପରୁ ବିଦାୟ ନେଇ ନେଲା ଖୁବ୍ ଶୀଘ୍ର । ଯାହାହେଉ ସର୍ବଶେଷରେ ସର୍ବହରା ହୋଇ ମାଟି କଣ୍ଢେଇକୁ

କୋଳରେ ଧରି ସେ ଘରୁ ବାହାରି ଆସିବାକୁ ପଡ଼ିଲା ତୋହରି ଭୋକିଲା ପେଟର ଚିତ୍କାର ଭିତରେ ଆଖି ଲୁହକୁ ଚାପି ଧରି—

ସମସରପୁର ଗାଁ ସେମୁଣ୍ଡ—ଆଶ୍ରୟ ନେଲୁ ଏଇଠି । ଜୀବନ ପଥରେ ଝଞ୍ଜା ମରୁଡ଼ିର ମାଡ଼ ଖାଇ ଚାଲିଥିଲି ସଂଗ୍ରାମ । ସେହି ଦୁର୍ଦ୍ଦମନୀୟ ଝାଳ ଭିତରେ ତୋର ମାଟି ପିଣ୍ଡକୁ କଲି ଶକ୍ତ—ଏବେ ମୁଁ ପଛ ବର୍ଷ ରତ୍ନ ପାଇଲା ପୁଅ—ତୋତେ ଏଇ ସୁନା ପିତୁଳାକୁ ଦେଇ ମୁଁ ବିଦାୟ ନେଉଛି—ଯଦି ପାରୁ ପ୍ରତିଶୋଧ ନେଇ ପ୍ରେତ-ପୁରୀରେ ମୋର ଅଖି ଲୁହ ଆଖିରୁ ପୋଛି ଦେବୁ—ତୋର ସେହି କଅଁଳ ହାତର ପରଶ ପାଇ ଆଶୀର୍ବାଦ କରିବି ତୋର ମୁଣ୍ଡ ଉପରେ ହାତ ଥୋଇ—ବାପା ! ଯେଉଁ ହିସାବରେ ମୋ ଆଖି ଲୁହ ଆଖିରୁ ପୋଛିଦେଇ ମୋର ପ୍ରେତ ପ୍ରତିମାକୁ ଦେଇପାରିବୁ ଶାନ୍ତି, ସେହି ହିସାବରେ ଦୀପ୍ତିମନ୍ତ, ହେଉ ତୋର ସୁନାର ସଂସାର—ଶକ୍ତ ହେଉ ତୋର ଭାଗ୍ୟର ହାଡ଼ କଙ୍କାଳ—

"ତୋର ଦରିଦ୍ର ବାପା ଗୌରିଶଙ୍କର"

କେବଳ ଏଇ କାଗଜର କଥା ଭର୍ତ୍ତିତ ପାଇ ଛଦ୍ମବେଶରେ ଗୋଟାଏ ବର୍ଷ ଗୋଲକଧନ୍ଦା ସୃଷ୍ଟି କରିବା ପାଇଁ ଚାଲିଥିଲି ଧର୍ମକ୍ଷେତ୍ର । ପ୍ରତିଶୋଧ ପଥରେ ଅଭିଯାତ୍ରୀ ସାଜି ବାହାରି ପଡ଼ିଲି ବୁଢ଼ୀଅଁର ଦାଣ୍ଡକୁ ହାତରେ ଧରି ଖଣ୍ଡେ ଶାଗଳର ଚୁକୁଟ୍ । ଚୁକୁଟ୍ଟା ହାତରେ ଧରି ମୁଁ ଯାହା ଦେଖିଲି, କେବଳ ଗୋଟାଏ କର୍ତ୍ତବ୍ୟ ନୁହେଁ, ପ୍ରତିଶୋଧ ନେବାକୁ ହେଲେ ମୋତେ ଏ ଦୁନିଆରେ ଅନ୍ୟ ପାଇଁ ମଧ୍ୟ କର୍ତ୍ତବ୍ୟ କରିବାକୁ ପଡ଼ିବ । ସେହି ହିସାବରେ ଚୁକୁଟ୍ଟାକୁ ଯେ କୋହଳ କରି ଧରିଥିଲି, ଧରିଲି ଗୁଡ଼ାଇ ଗୁଡ଼ାଇ ଖୁବ୍ ଟାଣ କରି । ତା'ପରେ ଗୋଲକଧନ୍ଦାର ଘର ତେର୍ଜି ଖେଳିଲି

ଗ୍ଳୁହ୍କର ଖେଳ ! ଖେଳ ଖେଳ ସବଂଶେଷରେ ଯେ ଗ୍ଳୁହ୍କର ଖେଳଟା ଶେଷ ହୋଇଯିବ ଏହି ହତଭାଗିନୀ ତରୁଣୀ ସନ୍ଧ୍ୟାର ପିଠି ଉପରେ, ଏହା କେବେ କଳ୍ପନା କରି ନଥିଲି ମୁଁ—

ବୁଝିଲୁ ସନ୍ଧ୍ୟା ! ମୁଁ ପିଶାଚ, ନରରାକ୍ଷସ ରୂପରେ ତୋହର କୁଳାଙ୍ଗାର ଭାଇ 'ପୁର' । କହି ସାରି ନିଜର ଗ୍ରାଇମର ପୋଷାକଟି ଖୋଲିଦେଇ ପ୍ରକୃତ ନିଜରୂପ ଧରିଲି ।

ରାମସିଂ କାହାଣୀ କହୁଥିବା ଭିତରେ ବାସନ୍ତୀ ଏକାଧାନରେ ସବୁ ବିଷୟ ହୃଦୟଙ୍ଗମ କରି ତାହାର ମନର ଅସ୍ଥିରତା ଗୁଲି ଅସି- ଥାଏ—ଯେତେବେଳେ ଭାଇର ନିଜରୂପ ଦେଖିଲା ସେତେବେଳେ ଭାଇ କୋଳକୁ ଦଉଡ଼ିଯାଇ ଭାଇର ଦୁଇ ହାତକୁ ଅଜଁସି ପକାଇ କାତର କଣ୍ଠରେ ଡାକିଉଠିଲା—"ଭାଇ ! ଭାଇ ! ପୁରଭାଇ ! ଏ ଅଭାଗିନୀକୁ ଦସ୍ୟୁ ମର୍ଦ୍ଦନ ଠେଲିଦେଇ କେଉଁଠି ଲୁଚି ରହିଥିଲ ଭାଇ "—

ଅସ୍ପଷ୍ଟ ସ୍ୱରରେ ଡାକିଲା ସନ୍ଧ୍ୟା—"ପୁରଭାଇ ! ଏ ହତଭାଗିନୀ କଳଙ୍କିନୀ ଭଉଣୀକୁ କ୍ଷମା କର ପୁର ଭାଇ ! କୋଳରେ ଅଉଜାଡ଼ି ଦେବା ପାଇଁ ହୁଏତ ଏ ଦୁନିଆରେ ତୁମେ ଆଉ ବଳ ରଖିନ—ଗ୍ଳୁହ୍କର ମାଡ଼ଦେଇ ସେ ସବୁ ହରଣ କରି ନେଇଛ । ଜୀବନରେ ପ୍ରଳୟ ଝଂଙ୍କାର ଖେଳଖେଳି ମୁଁ ଯେଉଁ ଠୁଙ୍କର ଖାଇଲି, ଅନୁତାପ କରିବା ପାଇଁ ମୋତେ ବଞ୍ଚାଇରଖି ତୁମ ତୋଳିକାଧାର ଘର ଭିତରେ— ଭଉଣୀ ବାସନ୍ତୀ ! ଆ—ଶେଷଥର ପାଇଁ ଏ ହତଭାଗିନୀର କଲ୍ତେବାଲା ଛାତିଉପରେ ଟିକିଏ ଆଉଜି ପଡ଼, ମୁଁ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରେ । ପାପର ପିଚ୍ଛିଳ ପଥରେ ଦଉଡ଼ିଯାଇଥିଲି ବୋଲି ଘୃଣା କରନା ଭଉଣୀ ହୁଏତ ଆଉ କିଛି ସମୟ ପରେ "—

ବାସନ୍ତୀ ଭଉଣୀର ବିକଳ ଭାବ ସହି ନପାରି ତା ଛାତି ଉପରେ ଯାଇ ଅଉଜି ପଡ଼ିଲା ।

ସୁଶୀଳ ହଠାତ୍ ସ୍ତମ୍ଭୀଭୂତ ହୋଇ ସ୍ୱମଙ୍କି ଅଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା—"ଯିଏ ମୋର ଜୀବନକୁ ଷଡ଼ଯନ୍ତ୍ରର ବୃନ୍ତ-ଭେଦକରି ମୋର ମୁଣ୍ଡ ଉପରେ ଛତା ଧରିଥିଲା ତୁମେ ସେହି ବାସନ୍ତୀର ଭାଇ ପୁର ।"

ଲଳିତ ବାବୁ ଅଶ୍ରୁପୂର୍ଣ୍ଣ ହୋଇ କହିଉଠିଲେ—"ମାନେ ମୋର କଲିଜାଟାକୁ ଯିଏ ଗୋଟାଏ ବିଷ ଶର ଉପରୁ ଟାଣି ଅଣି ଜୀବନ ରକ୍ଷାକରିଛନ୍ତି ଅଉ ମୁଁ ଯେଉଁ ବାସନ୍ତୀର ଅଖି ଲୁହକୁ ବନ୍ଦ କରିବା ପାଇଁ ଜୀବନର ମସ୍ତବଡ଼ ଅଧ୍ୟାୟ ଆରମ୍ଭ କରିଛି, ତୁମେ ତାହାର ନିଷ୍ଠୁର, ପାଷାଣମନା ଭାଇ 'ପୁର' ।"

ବାସନ୍ତୀର ମୁଣ୍ଡ ଉପରେ ହାତ ବୁଲାଇ କହି ଉଠିଲା ସୁର—"ହଁ, ଲଳିତ ବାବୁ ! ଦିନ ଅଛିଥିଲା, ଯେଉଁ ହତଭାଗ୍ୟ ସ୍ୱମଙ୍କି ଆପଣଙ୍କ ଦୁଆରୁ ଆପଣଙ୍କ ଅନୁରୋଧରେ ଅଭାଗିନୀ ସୁନା ଭଉଣୀର ଚୁଲିମୁଣ୍ଡର ସନ୍ଧିଆ ଭାତ ଟେଣ୍ଡ୍ରାଳ ନଖାଇ ଫେରିଯାଇଛି ଉନ୍ମାଦ-ପ୍ରାଣରେ ବ୍ୟଥା ନେଇ, ମୁଁ ତାହାରି ଅଧମ ନିର୍ମମ ଭାଇ ପୁର ।"

କେତେଟୋପା ଲୁହ ଗଡ଼ିପଡ଼ିଲା ବାସନ୍ତୀର ମଥା ଉପରେ ।

"ମୋର ଘରକୁ ଅସି ମୋତେ ଶାନ୍ତ୍ୱନା ନଦେଇ ଏପରି ଦର୍ପଭାଣ୍ଡ ଉପରେ ଦାଉଦାଉ ଦେଉଥିଲ କାହିଁକି ସୁର—ଭଉଣୀର ମମତା କଣ ଟିକିଏ ହେଲେ ତୁମ କଲିଜାକୁ ଧକ୍କା ମାରିଲା ନାହିଁ ।"

"ମାରିଛନ୍ତି ଲଳିତ ବାବୁ ମୋତେ ନିରୁପାୟ—ଶାନ୍ତ୍ୱନା ଦେଇଥିଲେ ହୁଏତ ମୋର ଗୋଲକଧନ୍ଦାର ଯବନିକା ଏପାଖ ସେପାଖ ହୋଇ-ଯାଇଥାନ୍ତା ।"

ବାସନ୍ତୀର ଅଶ୍ରୁପ୍ଲୁତ ଦେଖି କହିଉଠିଲା ସୁର—"ଆଜ ଅଶ୍ରୁରେ ଲୁପ୍ତ କାହିଁକି ଭଉଣୀ—ଯାହାପାଇଁ ମୁଁ ମୋର ଜୀବନ ମଞ୍ଚ ଉପରେ ମହା ନାଟକର ଅଭିନୟ କରୁଥିଲି, ଯେଉଁ ନାଟକ ଭିତରେ ଯେ ନାରୀର ଭାଗ୍ୟ ଆକାଶରେ କାଳିମା ଦୀପ ଜଳାଉଥିଲି ସେଇଥିରେ ମୁଁ ସୁଖୀ । ହତଭାଗ୍ୟ ଭାଇ ହୃଷ୍ଟାନ୍ତରରେ ଆଶୀର୍ବାଦ କରୁଛି ଭଉଣୀ । ତୁ ସେହି କୁଳଦୀପର ଅଲଟକୁ ସ୍ୱାମୀର ପାଦତଳେ ଅର୍ଘ୍ୟଦେଇ ଗଢ଼ିନେ ତୋ ସୁନା ସଂସାର—ହସିଉଠୁ ସ୍ୱାମୀର ଭବିଷ୍ୟତ—ଜାଗିଉଠୁ ଦେବତା ମନର ।"

ଡାକିଲା ପୁଣି କାତର କଣ୍ଠରେ ସନ୍ଧ୍ୟା—"ଭାଇ ! ଭାଇ ! ସୁର ଭାଇ ! ଏ ହତଭାଗିନୀଟିକୁ ଥରେ ତୁମ କୋଳକୁ ଟେକିନିଅ ସୁର ଭାଇ । ଏ ଶେଷ ସମୟରେ ଏତିକିଟା ଦେଲେ ।"

ସୁର ସନ୍ଧ୍ୟା ପାଖରେ ଅଣ୍ଟେଇପଡ଼ି ତାକୁ କୋଳକୁ ଆଣି କହିଉଠିଲା ମର୍ମଭେଦୀ ସ୍ୱରରେ—"ଶକ୍ତିବୋଲି ଶରୀର ନେଇ ଆଜ ଏ କରୁଣ ଦୃଶ୍ୟ ଦେଖାଉଛୁ କାହିଁକି ଭଉଣୀ । ଦୁନିଆରେ ତୋ ପାଇଁ ସ୍ଥାନର ମୋହ କିଛି ନାହିଁ—ତାକୁ ତୁ ନିଜେ ଜାଳି ପୋଡ଼ି ପାଉଁଶ କରି ଦେଇଛୁ । ତୋହର ଜୀବନ ପାଇଁ ମୁଁ ମୃତ୍ୟୁ ସହିତ ଲଢ଼େଇ ଚଳାଇବାପାଇଁ ନିହାତି ଦୁର୍ବଳ କାରଣ ତୁ ମୋଟେ ଏ ସ୍ୱାମୀ,ପରିତ୍ୟକ୍ତା—ଯେଉଁ ପଥରେ କି ତୋର ପ୍ରାଣପ୍ରିୟ ନାହିଁକି ସ୍ନେହସ୍ପର୍ଶରେ ପ୍ରେତାତ୍ମାର ମୁକ୍ତି ନାହିଁ । ବର୍ତ୍ତମାନ ତୋର ଏ ବ୍ୟାକୁଳିତ, ସନ୍ତପ୍ତ ପ୍ରାଣକୁ ଶାନ୍ତି ଦେବାର ଅସ୍ତ୍ର ମୋ ପାଖରେ କିଛି ନାହିଁ କେବଳ ଅଛି ତୋର ପିସ୍ତଲର ଗୁଳି—ନେ, ସେଇଥିରେ ନିଜେ ଗୁଳିକରି ମର୍ ଆଜ ଦେଖିବି ତୋର ପ୍ରେତପୁରୀରେ ଯଦି କେହି ସ୍ନେହଶୀଳା ନାରୀ ପ୍ରେତପଥରେ ଲୁଚିଯାଇ ନିଜର ସ୍ୱାମୀକୁ ଟେକିଦେଇ ମାର ବନ୍ଧୁ ପର ହୁଏ ହୃଦୁଆ ତାହେଲେ ତାକୁ ତୁ ନିଜହାତରେ ତୁଲ୍

ନଦଣ ହେବେ ସ୍ୱତନ୍ତ୍ର ନାହିଁ । ଏପରି ଅନ୍ତର୍ମସ୍ପର୍ଶୀସ୍ୱରରେ ତୁ ମୋତେ ଆଉ ପୁଣି ଭାଇ ବୋଲି ସମ୍ବୋଧନ କରନା—ବରଂ ତହୁଁ ପୂର୍ବ ଭାବ ଅଙ୍ଗ ଙ୍କ୍ଷୁର ରଖ୍ୟ, ଯେହେତୁ ସେ ତୋ ପିତା ମୃତପିଣ୍ଡ ନେଇ ଖାଇ ସର୍ବ- ଶେଷରେ ତୋ ପିତା ରକ୍ତ ଖାଇଛନ୍ତି—ସେହି ହେତୁ ନଷ୍ଟ ହେଲ କଏ କଣ ଏପରି ନିର୍ମମ ଶାସ୍ତ୍ର ସୃଷ୍ଟି କରି ପାରେ ।"

ସୁଶୀଳ ଆବେଗ ସହିତ ସଂଗ୍ରାମ କରି କରି କ୍ଷୀଣ କଣ୍ଠ ନିର୍ଦ୍ଦେଶରେ କହିଉଠିଲା—ସୁଜନ ଖାତ୍ୟ ! "ଶ୍ରୀମାନ ଅପରାଧୀ ଦଫାରେ—"ଅଉ କହୁ କହି ପାରିଲ ନାହିଁ ।

"ଜୀବନରେ ଏବଳତା ପକାଇ ହାତକଡ଼ି ପିନ୍ଧିବାପାଇଁ ଯେ ପ୍ରସ୍ତୁତ ହୋଇଛି ସୁଶୀଳ ଭାବୁ ।"

ବାସନ୍ତୀ ହଠାତ୍ ସ୍ୱାମୀର ପାଦତଳେ ପଡ଼ିଯାଇ ଭାଙ୍ଗିଭାଙ୍ଗି କହିଉଠିଲା—"ସ୍ୱାମୀ ! ସ୍ୱାମୀ ! ଏ ଅଭାଗୀ ଦୁର୍ବଳାର ଭାଇକୁ ମୋର କ୍ଷମାକର ସ୍ୱାମୀ ! ଭାଇ ମୋର କେବେ ଦୋଷୀ ନୁହନ୍ତି— କେବଳ ମୋର ପାଇଁ ସେ ଅଜ ତାଙ୍କ ସାରା ଜୀବନକୁ ହାହାକାର ଭରା ସମସ୍ତ ସୁଖକୁ ଜଳାଞ୍ଜଳି ଦେଇଛନ୍ତି । ଅର୍ଦ୍ଧାଙ୍ଗୀ ସ୍ତ୍ରୀ ହିସାବରେ ମୋର ମିନତି ରଖ ସ୍ୱାମୀ"—

ଅଶ୍ରୁ ଲବଣ ଓ ଅନ୍ତର ବେଦନାକୁ ଚାପିରଖି ବାସନ୍ତୀକୁ ଉଠାଇଲେ, ହଠାତ୍ କହିଉଠିଲେ ସୁଶୀଳ—"ନା—ନା—ବାସନ୍ତୀ ! ଯଦିଓ ଆବେଗ ସ୍ରୋତେ କହିବସି ଦେଲା—ନୃଶଂସ ଦୁନିଆର ବିଗ ଜଣକର ଭଉଣୀ ମୋତେ ତାଙ୍କ ସ୍ନେହ ଦେଇ ସେହି ସ୍ଥାନରେ ମୋ ହାତରେ ଲିଭାଇ ଦେଇଛ ଥରକରେ—ମୋତେ ସ୍ତ୍ରୀ ହିସାବରେ ଅଳଙ୍କାର ଦୁର୍ବଳ କରନା ବାସନ୍ତୀ !"

"ଏ କି ମର୍ମନ୍ତୁଦ ଅନୁରୋଧ କରୁଛ ବାସନ୍ତୀ ! ତିଏ ପିସ୍ତଲରେ ଝୁନଝୁନ ନାରଗୁଡ଼ାର ଅନ୍ୟାନେଇ ଚକ୍ରକ୍ରୋଡରେ ଉଦ୍ବୋଧନ

କରି ଦେଉଛନ୍ତି ତାଙ୍କୁ ଏଇ ରତ୍ନାକରଗର୍ଭ ସ୍ୱାମୀଙ୍କୁ ମିଳନ କରୁଛନ୍ତି —ସେ ବୃଥାଚେଷ୍ଟା ନକର ସୁଶୀଲକୁ ତାର କର୍ତ୍ତବ୍ୟ କରିବାକୁ ଦେ ଇନ୍ଦିରା। ଏହି କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇ ତୋର ସ୍ୱାମୀ ଦେବତାର ଲବଣ୍ୟ ଭାଗ୍ୟ ଯେ ସନ୍ଧ୍ୟାତାରକ ରୂପ ନେଇ ଦେଖ-ଦେବ, ସେ କଥା ତୁ ଜାଣୁନା ଇନ୍ଦିରା—ମୋ ଜୀବନର ଯେଉଁ ବ୍ରତ ଥିଲା ସେ ବ୍ରତ ଆଜି ପୂର୍ଣ୍ଣ ହୋଇଛି—ପ୍ରେମପୂଜାରେ ବାପାଙ୍କ ଅଖିର ଝରକୁ ଲୁହ ମହାପାଇଛି ମୋର ହାତର ରକ୍ତ ଦେଖି। ତୋର ସେନ୍ଦୁର ଉପରେ ସୁନାର ତୋଳିକି ଦେଖି ମୁଁ ଜୀବନରେ ଏତେ ଆନନ୍ଦ ଲାଭ କରି ପାରିଛି।

ଲଳିତବାବୁ! ଯେଉଁ ମାଟି କଣ୍ଢେଇକୁ ପୂଜା ଫୁଲ ଦେଇ ସାଇତିରଖି ତାଙ୍କୁ ତାର ଜୀବନର ସାଥୀ ବେଛି କରି ଦେଇଛନ୍ତି, ସେହିପ୍ରଭାବରେ ଆଜି ମୋର ଏ ଅଶ୍ରୁ ଲୁହ ଭିତରେ ସେ ତାଙ୍କ ମୁହଁଆର ଲଣ୍ଠିତ ଦକ୍ଷିଣାଶିଷ ଗ୍ରହଣ କରନ୍ତୁ—ଏହାକୁ ନେଇ ଆପଣ ଏ ପଦନ ଯୌବନର ମନ୍ଦିର ଆଗରେ ଗଢିବେ ଗୋଟାଏ ଆଦର୍ଶ ଅନୁଷ୍ଠାନ ଯେଉଁଥିରେ କେବଳ ଶିକ୍ଷା ଦିଆହେବ ପ୍ରଗତିଶୀଳା ନାରୀଙ୍କୁ ଘର କରଣାର ଘଟଣାଇ କଥା।"

ଅଖିର ଅଜାଡ଼ା ଲୁହ ଭିତରେ କହୁଥିଲେ ଲଳିତବାବୁ—"ଏ ହତଭାଗ୍ୟକୁ କଷ ମୁହଁରୁ ଟାଣିଆଣି ତୁମେ କେଉଁ ମୁକ୍ତ ଦୁନିଆକୁ ନିବାପାଇଁ ଚେଷ୍ଟା କରୁଛ ସୁରବାବୁ"

"ଭୁଲ୍ ବୁଝିଛନ୍ତି ଆପଣ—ମୁଁ କିଛି କରି ନାହିଁ, ଯାହା କରୁଛନ୍ତି ଏହି ମନ୍ଦିରର ଦେବତା।"

ନଦୂଜାକୁ ଲକ୍ଷ୍ୟକରି କହୁଥିଲେ ସୁର—"ନଦୂଜା! ଅଉ ଦେଖ ବାହୁବ—ସମସ୍ତଙ୍କୁ ଏଇଠାରେ ଧରି ଦେଉଛନ୍ତି ପ୍ରେମ ଅର୍ଘ୍ୟ—ଏବେ ଅଶ୍ରୁ ଅର୍ଘ୍ୟ ହାତ, ଦୁଇହାତ ନିହାକରି ଭିତରେ ଛିଦ୍ରହୋଇ

ସୁଶୀଳ ମାତ୍ରର ଦେଉଥିଅ—ଏ ହିତଭ୍ରାନ୍ତ ଅଭାଗୀରକୁ ଭୁଲିଯିବା ନୟନା—ମୁଁ ତୁମର ମନକୁ ବୁଝିଥିଲି ନାନାବେଳେ ମିଳିଥିବା କହୁ ଠକାଇଛି ବୋଲି ନିଜ ଗୃହରେ ସ୍ଥାନ ଦେଇ । ଥାଉ ଆଉ ମୋତେ ଯଦି ଲଜ୍ଜାର ଶିକୁଳି ଭିତରେ ବାନ୍ଧି ନଥାନ୍ତା ତାହେଲେ ପେଟକୁ ଗଣ୍ଡେ ଖାଇ ଦେହକୁ ଖଣ୍ଡେ ପିନ୍ଧି ଭଲ ଭାବରେ ମୁଁ ନିଶ୍ଚୟ ତୁମର ଉଜ୍ଜଳର ବୋଝ ବହୁଥାଆନ୍ତି । ସେଥିପାଇଁ ମନରେ ସ୍ଥିର କରିଅଛି—”

ନୟନା ପ୍ରାଣର କୋହକୁ ସମ୍ଭାଳି ନପାରି ସୁର ଭାଇ ଉପରେ ଆଉଜି ଯାଇ ଭାଇଁ ଭାଇଁ ହୋଇ ବ୍ୟାକୁଳ କଣ୍ଠରେ କହି ଉଠିଲା—ସୁର ଭାଇ ! ସୁର ଭାଇ ! ଏତେଟୁକାଏ ଜୀବନକୁ ବିପଦର ଦାଉ ଭିତରୁ ପାର କରି ତୁମେ କେଉଁ ଅନ୍ଧକୁ ଠେଲିଯିବାକୁ କହୁଛ ସୁର ଭାଇ—ଅତୀତ ଜୀବନର ମାୟା ମମତାକୁ ଦୂରରେ ଠେଲିଦେଇ ତୁମେ କେଉଁ ଦିଗ୍‌ବଳୟ ଉପରେ ଲୁଚିଯିବାକୁ ଚେଷ୍ଟା କରୁଛ ସୁର ଭାଇ—ଭଉଣୀମାନଙ୍କର ଅଶ୍ରୁଳିତ ଆଖିରେ ଦେଖି, ଏ ପ୍ରକାର ଦୁନିଆ ଉପରେ ବେଦନାର ବତାସ ବୁହାଇ କେଉଁ ସମୁଦ୍ର ମଝିରେ ବୁଡ଼ି ମରିବାକୁ ଯାଉଛ ସୁର ଭାଇ—ନା, ତୁମକୁ ମୁଁ କେବେ ଛାଡ଼ି ଦେବନାହିଁ ।”

ସୁଶୀଳକୁ ଲକ୍ଷ୍ୟକରି କହିଲା—“ସୁଶୀଳ ! ତୁମର ଆଜି ଯେଉଁ ନାଟକୀୟଠରେ ମୁଁ ମୋର ଜୀବନର ପରିଚ୍ଛେଦକୁ ଓଲଟାଇ ଦେଇ ପାରିଲି ଆଉ ତୁମେ ଆଜି ଯେଉଁ ମନୋରମ ଭାବରେ ନୂଆବୋହୂ ବୋଲି ସମ୍ବୋଧନ କରି ଅଜାଣତରେ ଅନେକ ଲାଭ କରି ପାରିଲ, ସେଥି ମଧ୍ୟରେ ତୁମେ କଣ ମୋର ସୁର ଭାଇକୁ ଖୋଜି ପାଇବ ନାହିଁ ।”

ହଠାତ୍ ଅନ୍ତରରେ ଥରିଲା ଚେଷ୍ଟା, ଫୁଟିଲା ଆଖିରେ ଭରିଲା ଲୁହ ଧରି କହିଉଠିଲା ସୁଶୀଳ—“ନିରୁପାୟ ନୟନା—ଯେଉଁ

ସରଳା ଦୁର୍ବଳା ବାଳିକା କପାଳରେ ଗଲାଣି ପୂଜାର ମାଳାଟିଏ
ସାଗ ଗଉ ନଗାଇଁ ମୋର ସ୍ୱାମୀ ହୃଦୟରେ ବଳିଷ୍ଠ କରିନେଇ
ସ୍ତ୍ରୀ ହୃଦୟରେ ଅନୁ-ରାଗ ଭାଙ୍ଗିଯୋଗ ସମ୍ପଦର, ଯେତେବେଳେ
ତାହାର ଅନୁରୋଧ ମୁଁ ରକ୍ଷା କରି ପାରିବାକୁ ଯେତେବେଳେ ତୁମର
ଅନୁରୋଧ ନ ରଖି ମାତୁଳ—ଯେବେ ସୁଖ ତୁମ ମୋର ନୂଆ ବୋଧ
ଆଉ ସେଇ ସୁଖ ମନରେ ଧରାଇ ଅଛ, ତଥାପି ତୁମ ସହିତ ମୁଁ
ତୁମ ମିଳନ ରକ୍ଷାକରିବାକୁ ଦୁର୍ବଳ କାରଣ କରିବା ନାହିଁରେ
ତେବେ ମୋର ଅନୁରୋଧ ମନ୍ଦ ମନୁଷ୍ୟ ରଖିବା କି
ବିଶ୍ୱର ମଙ୍ଗଳରେ ସମ୍ପଦର ଦାନ୍ତ ଦେଖି ପାରେନା—ନୂଆ ବେଶ !
ତୁମେ ଆଉ ସେଥି ପାଇଁ ଚିନ୍ତା ବୁଝାଇ ମୋର ଅନ୍ତରକୁ
ଭେଦିବାର ଚେଷ୍ଟା କରନା—"

ସୁର ସମ୍ବେଦନାକୁ ଲୁଚାଇଥିବି ପୂର୍ବଭାବରେ କହିଲ—
"ଜମୁନା ! ମୁଁ ଆଜି ତୁମ୍ଭକୁ ଏହି ଅପମାନର ଅନୁରୋଧ କରୁଛି ଜମୁନା—
ତୁମେ ଜାଣୁଛ—ଏ ଜୀବନର ଶେଷ ନୂଆ ଜମୁନା—ଜୀବନ
ମହାପ୍ରାଣ ମୋର ଶେଷରେ ହୃଦୟକୁ ପିଇବ ସମସ୍ତ ଶୋଇଗଲା ।
ଆଉ ଏ ଅର୍ଥ ଲକ୍ଷ୍ୟରେ ମନୁଷ୍ୟ ଲୋଭ ଜଣିବାପାଇଁ ଚେଷ୍ଟା କରୁଛ
ଜାଣୁଁ କି—ମୁଁ ତେବେ ବେଶ ଏ ଜନ ପିଶାଚ, ଅମାପାଣି ଲୋଭ ବସ୍ତୁ ।
ତସ୍ମାତ୍ କୁ ତୋଷ ଦୁନିଆର ପାଦରେ ଭିକାରେ ବଞ୍ଚିବି ମହାପାପ
ଅର୍ଜନ କରି ଜାଣିବି ।"

ମୁଁ ଆଜି ଗତିକୁ ବାନ୍ଧି ଉଠାଇଦେଲି ସୁର ମାଧବ ଜୋର ।
ମୁଁ ଏ ଲକ୍ଷ୍ୟର ତେଜଶକ୍ତିର ସ୍ଥଳକୁ ଯେତେ ଶକ୍ତି
ଦେବି, ଚେଷ୍ଟା କରୁଛି ଜଗତ ବାଧା ଦେଉଛି କିନ୍ତୁ ଜିତିବାର
ଜାଣି ଏ ତାଙ୍କର ଅସ୍ଥିର ହୋଇ ଲକ୍ଷ୍ୟର ସ୍ଥଳୀରେ ଧରି
ପଡ଼ି ଗଲି ସେ ।

ବାସନ୍ତୀ କାହିଁ କେଜାଣି ହୋଇ ସ୍ୱାମୀର ପଦ ଦୁଇଟାକୁ ଖୁବ ଜୋରରେ ଜାବୁଡ଼ି ଧରି ଚିତ୍କାରି ଉଠିଲା—"ସ୍ୱାମୀ ! ସ୍ୱାମୀ ! ତୁମର ଶିବଜୀର ଖାଲୁଅ ଭାଇର ନର ... ହାତ ଦୁଇଟିକୁ ଲହୁର ଛିଟିକି ଭିତରେ ଭିଜାଇଦେଇଛାକୁ ପ୍ରସ୍ତୁତ ହେଇ ଯାଅନା ସ୍ୱାମୀ । ତାଙ୍କୁ ବଡ଼ କଷ୍ଟ ହେବ । ସେ ମିଠେଇ ... ପରେ ଲୁଚୁକୁ ଦିଅ, ଗୋଡ଼ରେ ଡେଙ୍ଗୁଠା ମାର, ସେଥି ସଜ୍ଜିତ କିନ୍ତୁ ଯେଉଁ ଭାଇ ହାତ ଦଧିଚିଙ୍କୁ ମଧ୍ୟ ସ ଯନ୍ତ୍ରର ମିଳାଇଦେଲ ସେ ମାଟି ପିଣ୍ଡକୁ ଗଢ଼ିଥିଲ କୁମ୍ଭାରପରି— ଯେଉଁ ଭାଇ ଶ୍ରଦ୍ଧାଭକ୍ତି ଅର୍ପଣ ପାଇଁ ଗୀତାଞ୍ଜଳିର ପୁଷ୍ପ ସୁହାଗକୁ ଢାଳିଦେଲ, ନିଜେ ଖପରକୁ ତେଲ ଢାଳୁଛ, ସେଥିପାଇଁ ଦାଗ ଲାଗ ସୁତ ଭାଇକୁ ଛାଡ଼ି ଦିଅନା ସ୍ୱାମୀ । ତୁମେ ତୁମ ମନ ମୁତାବକ ମଣିଷଟି ବଳିଦିଅ ପଛେ କିନ୍ତୁ ଭାଇ ହାତରେ ଲହୁ କଳଙ୍କର ଦାଗ ଦିଅନାହିଁ ।

ସୁଶାନ୍ତ ବାସନ୍ତୀକୁ ଉଠେଇ ଧୀରେ ଧୀରେ କହିଲା—"ତୁମ ଅଶ୍ରୁ ବନ୍ଦର ସମୁଦ୍ର ଭିତରେ ଆଉ ପ୍ରେମ ଭଣ୍ଡାର ବାନ୍ଧିବାର ଚେଷ୍ଟା କରନା—ବାସନ୍ତୀ ତାହେଲେ ମୁଁ ମୋର କର୍ତ୍ତବ୍ୟ ପଥରେ ଚଳିବ ଅଗ୍ରସର ହୋଇ ପାରିବି ନାହିଁ । ସ୍ୱାମୀର ଆନନ୍ଦରେ ସ୍ତ୍ରୀର ... କଳଙ୍କକୁ ଶୁଭ୍ର କରି ମୋତେ ବଳଦିଅ—ମୋର ପବିତ୍ର ହାତ ଦୁଇଟା ଲହୁପରି ହେଉ ଆଶା ଆଉ ମନଟା ... ହେଉ ... ବିଜୟ ଗୌରବରେ ତୁମେ ମୋର କର୍ତ୍ତବ୍ୟପଥରେ ହସ ଦେଇ ମୁଁ ଆଗେଇ ଯାଏଁ ।"

ସୁର ଲକ୍ଷ୍ମୀ ମୁଣ୍ଡରେ ହାତ ଥୋଇ କହିଲା—"ବାସନ୍ତୀ ! ଆଉ ପାଗଳ ପରି ଅମାନିଆ ହୁଅନା ବାସନ୍ତୀ !—ଦେଖ, ତୋର ସାମନାରେ ବର୍ତ୍ତମାନ ଦୁଇଟା କର୍ତ୍ତବ୍ୟ—ଗୋଟାଏ ପାଖରେ ଭାଇ ହାତରେ ଲହୁର ବେଡ଼ି, ଅନ୍ୟପାଖରେ ସ୍ୱାମୀର ଜ୍ୱଳନ୍ତ ଆଦର୍ଶ— ଭଲ ଦେଖ—ଭାଇର ମୋହ ଭାଙ୍ଗି ରଖିବାକୁ ହେଲେ ସ୍ୱାମୀର

ଭଗବାନଙ୍କ ଦେବ ଅବତାର—ସ୍ୱାମୀଙ୍କ ଆଦେଶ ପାଳିବାକୁ ଗଲେ ଭାଇ ପିତାର ଲୋଡ଼ାର ଦେଇ—ଏହା ଭାରତର ନାରୀ ଜୀବନ ମାର୍ଗର ଶେଷ ଗତିବାହା କେହି ସ୍ୱାମୀଙ୍କ ଆଦେଶ ନା ଭଲ ଦେଖାଇ ?"

ସୁଶୀଳ ଉତ୍ତର । ଲଳିତ ବାବୁ ନିଜର ପତ୍ନୀଙ୍କୁ ସମ୍ବୋଧି ଅଶ୍ରୁ ଲୁହକୁ ଜଣାଇ ଦେଖିଉଠିଲେ—"ବାସନ୍ତୀ ! ଭାର ମୋର ଲୁହ ଦୂରେଇ ଯାଉ—ଆଜ ସେହି ଲୁହର ଶକ୍ତି ଭିତରେ ସ୍ୱାମୀର ଜୀବନ୍ତ କାହାଣୀକୁ ତୁମେ ଖୋଲିଦେବାପାଇଁ ଚେଷ୍ଟା କରନା ।"—

ବାସନ୍ତୀ ସ୍ୱାମୀ ପାଦକୁ ଆଲିଙ୍ଗନ କରି ଗୁଡ଼ିଆଳି ଲୁହରେ ଭେଜାଇ କହି ଉଠିଲା ମର୍ମଭେଦୀ ସ୍ୱରରେ—"ସ୍ୱାମୀ ! ସ୍ୱାମୀ ! କେଉଁଠି ତୁମେ ସ୍ୱାମୀ !"—

ଲଳିତ ବାବୁ ଅଶ୍ରୁସିକ୍ତ କଣ୍ଠରେ—"ମଦନ ମୋହନ ! ତୋହର ଇଚ୍ଛା ତୋର ଇଚ୍ଛା ପୂର୍ଣ୍ଣହେଉ ।"

ପୁର ବେଦନା ଭରା ମନରେ ହୃଦୟକୁ ଦମ୍ଭ କରି କହିଲା—"ନସୁନା ! ତୁମର ସେହି ଲୁହର ତରଙ୍ଗ ଭିତରେ ହତଭାଗିନୀ ବାସନ୍ତୀ ଜୀବନଟିକୁ ଦେଇ ନିଶ୍ଚିତ—ସୁଶୀଳ ବାବୁ ଉତ୍ତର ଦେଲୁ । ଜୀବନର ଯବନିକା ପଡ଼ିଲା ହାତକୁ ଗିବ ଦେଲେ ଅଳ ଏ କଣ୍ଠ ଭାଙ୍ଗିବ । ଦଳେଇ ଜାଇନର ହସାଇଦେଇ ତୁମକୁ ଭଲ ଦେଖାଇଲା ନାହିଁ କିନ୍ତୁ—ତେବେ ନିତ୍ୟ ସ୍ୱରୂପ ପାଇବ କଲିଯୁଗ ଉଦ୍ଧାର କରିବେ ଗୁରୁଙ୍କ ଜଣେଇ । ଦାମ୍ପତ୍ୟ ବେଦନା ଭର୍ତ୍ତରେ ଅଛିତ୍ ।"

ଏହା କହୁ ପୁନ ସୁଶୀଳ ଅଙ୍କକୁ ମାତ ଦୁଇଟି ହସି ହସି ବଢ଼ାଇ ଦେଲା ନିର୍ଦ୍ଦୟ ହୋଇ ।

ବାସନ୍ତୀଙ୍କୁ ଲଳନା ଓ ନୟନା ଘେରିଗଲେ। ହଠାତ୍ ସୁଶୀଳ ହାତର ଲଣ୍ଠନ ଟେକି ସୁର୍‌ବାବୁଙ୍କୁ ଉଦ୍ଧାରିଲା।

ସୁର ପିତା ସମ୍ମୁଖରେ ଡାକିଉଠିଲେ ସନ୍ଧ୍ୟା! ସନ୍ଧ୍ୟା!

ସନ୍ଧ୍ୟା ନୟନ ଉଠାଇଲା ଅଧିକ ଶୁଣି ପାରିଲା ନାହିଁ।

ସୁର କହିଲା—"ଅଭାଗିନୀ! ଯେଉଁ ନରରାକ୍ଷସ ତାଙ୍କର ଅଖ୍ୟାନରେ ହସ୍ତରେ ଲୌହ ଶୃଙ୍ଖଳ ପିନ୍ଧି ସର୍ବସ୍ୱତ୍ୟାଗରେ ଅଟଳ ରହିଛି କଏଦୀର ଜୀବନ ଯାପନ, ସେହି ସ୍ୱୈରାଚାର ମୂର୍ତ୍ତି ରହି ଛିଡ଼ା ହେଲେ ଅନନ୍ତ ଜଗତରେ ଜଣେ ପତିତ ନାହିଁ ଭଉଣୀ —ହୁଁ, ହୁଁ, ହୁଁ, ଅଭାଗିନୀ।"—

ସୁଶୀଳ ଆଗରେ ଆଗରେ ଓ ସୁର ପଛରେ ପଛରେ ଗଲେ।

ବସନ୍ତୀ ଭାଇର କଣ୍ଠରେ ଚିତ୍କାର କଲା—"ଭାଇ! ଭାଇ! ସୁର ଭାଇ! ଚେତନ ଶୂନ୍ୟ ହୋଇଗଲା।

ପ୍ରଭାତର ଉତ୍ତର—"ଏକଥର ... ସେହି ତାର ସୁଶୀଳ ଭଉଣୀ, ସୁର ଭାଇ କହିଁ—ସୁର ଜୀବନର ଜନ୍ମଯାତ୍ରା ଭିତରେ ନୟନ ହାତରେ ପୁଣି ସ୍ମୃତି ଟେକୁ "ବେଗୁନ୍ବୁଙ୍କ" ଯେ କି ଏବେ ଚାଲିଛି ଦୂର ଦୂରାନ୍ତର ଦେବ୍‌ଦେଶ ଜଗତରେ ଅଭିନବ ଅଭିଯାନ।

---

ହିଁତସନ ପଟ୍ଟା ଯାଦୀର ଧାବୀ, ସେ ଦାବୀର ଟାକା ଦିଁ ହାମ ଗି ନେବାପାଇଁ ନିଶ୍ଚୟ ପଢ଼ିବେ "ନାଗ୍ନରଜୀ"

---

ମୁଦ୍ରାକର—ଶ୍ରୀ ସତ୍ୟମନ୍ତୁର ଦାସ ଚୌଧୁରୀ। ଉତ୍କଳ ପ୍ରେସ
କଟକ—୧୯୫୩